ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 33 | ISSUE 339 ଭାଗ ୩୩ | ସଂଖ୍ୟା ୩୩୯
Tuesday 3 March 2026 | Page 8 Rs. 5.00
ଭୁବନେଶ୍ୱର ମଙ୍ଗଳବାର ୩ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


Happy Holi

ପବିତ୍ର ଦୋଳ ପର୍ବ ଉପଲକ୍ଷେ ସମସ୍ତ ପାଠକ ପାଠିକା ଓ ବିତରକ, ବିଜ୍ଞାପନଦାତାଙ୍କୁ 'ସଂଚାର' ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ

ହୋଲିର ଶୁଭକାମନା

# ମିସାଇଲ୍ ମାଡ଼ରେ ମଧ୍ୟପ୍ରାଚ୍ୟ ଥରହର



- ଇରାନ୍‌ରେ ଗଲାଣି ୫୫୦ରୁ ଉର୍ଦ୍ଧ୍ୱ ଜୀବନ
- ଇରାନ୍ ଆଣବିକ ଘାଟିକୁ ଟାର୍ଗେଟ୍
- ମଧ୍ୟପ୍ରାଚ୍ୟକୁ ଅଧିକ ସୈନ୍ୟ ପଠାଇଲେ ଟ୍ରମ୍ପ୍

**ନୂଆଦିଲ୍ଲୀ,୨।୩:** ଆମେରିକା-ଇସ୍ରାଏଲ୍ ପକ୍ଷରୁ ଇରାନ୍ ବିପକ୍ଷରେ ଚାଲିଥିବା ସମ୍ମୁଖ ଯୁଦ୍ଧର ଆଜି ତୃତୀୟ ଦିନରେ ମଧ ଗୁଳିଗୋଳା ଓ କ୍ଷେପଣାସ୍ତ୍ର ମାଡ଼ ଜାରି ରହିଛି। ଆଜି ମଧ୍ୟପ୍ରାଚ୍ୟରେ ଏହି ଯୁଦ୍ଧର ଘନଘଟା ସମ୍ପ୍ରସାରିତ ହୋଇଥିବା ବେଳେ ତେହରାନ୍ ପକ୍ଷରୁ ଆକ୍ରମଣକୁ ଜୋର୍‌ଦାର କରାଯାଇଛି। ବିଶେଷକରି ଇରାନ୍‌ର ଆଣବିକ ଘାଟି ଓ ସାମରିକ ଘାଟିକୁ ଟାର୍ଗେଟ୍ କରାଯାଉଛି। କାରଣ ଉଭୟ ସ୍ଥଳରେ ଆଜି ବିଭିନ୍ନ ସମୟରେ କ୍ଷେପଣାସ୍ତ୍ର ମାଡ଼ର ଭୟଙ୍କର ଶବ୍ଦ ଶୁଣିବାକୁ ମିଳିଛି। ଇରାନ୍‌ର ଅନ୍ୟତମ କେନ୍ଦ୍ରୀୟ ସହର ଇସଫାହାନ୍ ଅଞ୍ଚଳରେ ଏହାର ଆଣବିକ ଘାଟି ଓ ସାମରିକ ଘାଟି ରହିଥିବା ବେଳେ ଏହାକୁ ଅକାମୀ କରି ଆମେରିକା-ଇସ୍ରାଏଲ୍ ସେନା ଶତ୍ରୁପକ୍ଷକୁ କଡ଼ା ପ୍ରହାର କରିବା ଲକ୍ଷ୍ୟରେ ଥିବା ଭଳି ମନେ ହେଉଛି। ଏହି କ୍ରମାଗତ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ଉକ୍ତ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଛି। ଆଜି ଇରାନ୍ ପକ୍ଷରୁ ଇରାନ୍ ରିଭଲ୍ୟୁସନାରୀ ଗାର୍ଡ କର୍ପ୍ସ (ଆଇଆର୍‌ଜିସି) ପକ୍ଷରୁ ଆମେରିକା ଓ ଇସ୍ରାଏଲ୍‌ର ୫୦୦ରୁ ଉର୍ଦ୍ଧ୍ୱ ସ୍ଥାନରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିବା ଦାବି ହୋଇଛି। ଏହାଛଡ଼ା ଆମେରିକା-ଇସ୍ରାଏଲ୍ ସେନାର ୧୮ ଜଣ ସଦସ୍ୟ ମୃତ୍ୟୁବରଣ କରିଥିବା ଇରାନ୍ ସେନା ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଆମେରିକାର ସେକ୍ରେଟାରୀ ଅଫ୍ ୱାର୍ସ ପିଟ୍ ହିସେଥ୍ ଶତ୍ରୁପକ୍ଷକୁ ଚେତାବନୀ ଦେଇଛନ୍ତି ଯେ ଯଦି କେହି କୌଣସି ସ୍ଥାନରେ ବି ଆମେରିକୀୟଙ୍କୁ ହତ୍ୟା କରେ କିମ୍ବା ଧମକ ବି ଦିଏ, ତା'ହେଲେ ତାକୁ ଆମେ କଦାପି ଛାଡ଼ିବୁ ନାହିଁ। ଉକ୍ତ ପକ୍ଷକୁ ବିନା କୌଣସି ➩ପୃଷ୍ଠା-୬

## ମୋଦିଙ୍କ ଶାନ୍ତି ନିବେଦନ

### ୪ ରାଷ୍ଟ୍ରମୁଖ୍ୟଙ୍କ ସହ କଥା ହେଲେ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଯୁଦ୍ଧରେ ଲିପ୍ତ ଦେଶମାନେ ତୁରନ୍ତ ଶାନ୍ତି ପ୍ରତିଷ୍ଠା ଦିଗରେ ଉଦ୍ୟମ କରିବାକୁ ନିବେଦନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଆଜି ଯୁଦ୍ଧ ସହ ଜଡ଼ିତ ୪ଟି ଦେଶର ➩ପୃଷ୍ଠା-୬



## କାନ ଡେରିଥା

ହୋଲି ଆସିଲାଣି ସଭିଏଁ
ଖେଳିବେ
ଭଳିକି ଭଳିକି ରଙ୍ଗ
ସେଇ ବାହାନାରେ ମଦ
ସାକ୍ଷୀ ଥିବ
ବଦଳି ଯିବ ଯେ ଢଙ୍ଗ
ଲାଗୁଥିବ ସବୁ ବ୍ୟଙ୍ଗ...
ରଙ୍ଗ ଖେଳୁଖେଳୁ ରକ୍ତ
ଯେ ଭାସିବ
ସଭିଏଁ ସଜାଗ ଥିବ ।

■ ଦେବାଶିଷ

## ଛୁଟି ଘୋଷଣା

ପବିତ୍ର ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ୩ ଓ ୪ ତାରିଖ (ମଙ୍ଗଳବାର ଓ ବୁଧବାର ) 'ସଂଚାର' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୬ ତାରିଖ (ଶୁକ୍ରବାର) ପ୍ରକାଶ ପାଇବ।

ପ୍ରକାଶକ

'ଷ୍ଟଡି ଇନ୍ ଇଣ୍ଡିଆ' ଏଡୁ-ଡିପ୍ଲୋମାଟିକ୍ କନକ୍ଲେଭରେ କେନ୍ଦ୍ରମନ୍ତ୍ରୀ

## ଭାରତକୁ ବିଶ୍ୱର 'ଜ୍ଞାନ ସେତୁ' ଭାବେ ଗଢ଼ିବାକୁ ଆହ୍ୱାନ

**ନୂଆଦିଲ୍ଲୀ,୨।୩:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନୂଆଦିଲ୍ଲୀରେ ଆୟୋଜିତ 'ଷ୍ଟଡି ଇନ୍ ଇଣ୍ଡିଆ' ଏଡୁ-ଡିପ୍ଲୋମାଟିକ କନକ୍ଲେଭରେ ବିଶ୍ୱର ୫୦ରୁ ଉର୍ଦ୍ଧ୍ୱ ରାଷ୍ଟ୍ରଦୂତ, ହାଇକମିଶନର ଓ କୂଟନୀତିଜ୍ଞଙ୍କୁ ସମ୍ବୋଧନ କରିଛନ୍ତି। ସେ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ମାଧମରେ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଆସିଥିବା ବୈପ୍ଳବିକ ପରିବର୍ତ୍ତନ ଏବଂ ଭାରତକୁ ଏକ ବିଶ୍ୱସ୍ତରୀୟ ଶିକ୍ଷା କେନ୍ଦ୍ର ଭାବେ ଗଢ଼ିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ନିଜ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ଅର୍ଥାତ୍ ୨୦୪୭ ସୁଦ୍ଧା



ଯୋଗଦେଲେ ୫୦ରୁ ଉର୍ଦ୍ଧ୍ୱ ଦେଶର ରାଷ୍ଟ୍ରଦୂତ, ହାଇକମିଶନର ଓ କୂଟନୀତିଜ୍ଞ

ଏକ 'ବିକଶିତ ରାଷ୍ଟ୍ର' ହେବାର ଲକ୍ଷ୍ୟ ରଖିଛି। ଏହି ସଂକଳ୍ପକୁ ସାକାର କରିବା ପାଇଁ ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ମାଧମ। ବିଶ୍ୱ ଅର୍ଥନୀତିରେ ବର୍ତ୍ତମାନର ଅସ୍ଥିରତା ମଧ୍ୟରେ ଭାରତ ଏକ 'ଉଜ୍ଜ୍ୱଳ କେନ୍ଦ୍ର' ଭାବେ ଉଭା ହୋଇଛି ଯାହା ଶିକ୍ଷାଦାନ, ଗବେଷଣା ଓ ନବସୃଜନ ପାଇଁ ସାରା ବିଶ୍ୱକୁ ଏକ ସୁରକ୍ଷିତ ଓ ପ୍ରଗତିଶୀଳ ସ୍ଥାନ ପ୍ରଦାନ କରୁଛି।

ଏନ୍‌ଇପି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଏନ୍‌ଇପି ଶିକ୍ଷାକୁ କେବଳ ଡିଗ୍ରୀ ମଧ୍ୟରେ ସୀମିତ ନ ରଖି ଏହାକୁ କର୍ମନିପୁଣ ଓ ବହୁମୁଖୀ କରିଛି। ଭାରତ ଆଜି ଶିକ୍ଷା କ୍ଷେତ୍ରରେ ଗୁଣବତ୍ତା, ନବସୃଜନ ଓ ସୁଲଭତା ଉପରେ ଧ୍ୟାନ ଦେଉଛି, ଯାହା ବିଶ୍ୱର ଯେକୌଣସି ଶିକ୍ଷାର୍ଥୀ ପାଇଁ ଏକ ଆକର୍ଷଣୀୟ ➩ପୃଷ୍ଠା-୬


ଯାଜପୁରରେ ବାଲି ମାଫିଆଙ୍କ ରାଜ

## ଜବତ ଏକ୍ସକ୍ୟାଭେଟରରେ ହେଉଛି ଖନନ

- ମାଫିଆଙ୍କୁ ମିଳୁଛି ପୁଲିସ ଓ ରାଜନୈତିକ ସୁରକ୍ଷା

**ଯାଜପୁର,୨।୩(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ବାରମ୍ବାର ବେଆଇନ ବାଲି ଖନନ ହେଉଛି। ଏନେଇ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଏବେ ଆଉ ଏକ ବେଆଇନ ଖନନର ପ୍ରମାଣ ହସ୍ତଗତ ହୋଇଛି। ମାଇନିଂ ଅଫିସର ଓ ପୁଲିସର ଛତ୍ରଛାୟା ତଳେ ପ୍ରତିଦିନ କୋଟି କୋଟି ଟଙ୍କାର ବେଆଇନ ବାଲି ଖନନ ହେଉଛି। ମାଫିଆ ବାଲି ଉଠାଇ ନଦୀଗର୍ଭକୁ ଧ୍ୱଂସ କରୁଥିବା ବେଳେ ପ୍ରଶାସନ ନିଶରେ ତେଲ ମାରି ଶୋଇଥିବା ଅଭିଯୋଗ ହୋଇଛି।

ବ୍ରାହ୍ମଣୀ ନଦୀର ପଙ୍କପାଳ-୧ ଓ ପଙ୍କପାଳ-୨ ଦୁଇଟି ବାଲିଘାଟ ନିଲାମ ହୋଇଛି। ଗତ ଜାନୁଆରୀ ୩୦




ତାରିଖରେ ଜଖପୁରା ପୁଲିସ ଦୁଇଟିଯାକ ବାଲିଘାଟରୁ ୫ଟି ଏକ୍ସକ୍ୟାଭେଟର ଜବତ କରିଥିଲା। ଅଭିଯୋଗ ଥିଲା ଯେ ଲିଜ ପ୍ଲାନ ଉଲ୍ଲଂଘନ କରି ଏକ୍ସକ୍ୟାଭେଟର ଲଗାଇ ବାଲି ଖନନ କରାଯାଉଥିଲା। କିନ୍ତୁ ପଙ୍କପାଳ-୧ର ଲିଜଧାରୀ ଯାଜପୁର ଖଣି ଉପନିର୍ଦ୍ଦେଶକଙ୍କ ପାଖରେ ➩ପୃଷ୍ଠା-୬

## ରୋଚକ ସ୍ଥିତିରେ ରାଜ୍ୟସଭା ନିର୍ବାଚନ

### ୪ ଆସନ ୫ ପ୍ରାର୍ଥୀ

- ୩ ପ୍ରାର୍ଥୀ ଦେବାକୁ ବିଜେପିର ନିଷ୍ପତ୍ତି
- କଂଗ୍ରେସ ବିଧାୟକ ଦଳରେ କେଁ
- ବିଜେପିର ଟ୍ୱିଷ୍ଟ ପରେ ଅଡୁଆରେ କମନ ପ୍ରାର୍ଥୀ
- ବିଜେଡି ଓ କଂଗ୍ରେସକୁ ଘାରିଛି କ୍ରସ ଭୋଟିଂ ଭୟ





**ଭୁବନେଶ୍ୱର,୨।୩(ସଂଚାର ବ୍ୟୁରୋ):** ରାଜ୍ୟସଭା ନିର୍ବାଚନକୁ ନେଇ ରାଜ୍ୟରେ ଘଡିକେ ଘୋଡା ଛୁଟୁଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଦୁଇ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା ପରେ ବିଜେପିର ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠୁଥିଲା। ହେଲେ ଆଜି ବିଜେପି ରାଜ୍ୟସଭା ରାଜନୀତିକୁ ନୂଆ ଟ୍ୱିଷ୍ଟ ଦେଇଛି। ଏହି ଟ୍ୱିଷ୍ଟ ପରେ ଏବେ ବିଜେଡି ଓ କଂଗ୍ରେସର କମନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ବଳି ବୋଦା ପାଲଟିବା ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ସ୍ଥିତିରେ ବିଜେଡି ଜଣେ, ବିଜେଡି ଓ କଂଗ୍ରେସର ଜଣେ ମିଳିତ ପ୍ରାର୍ଥୀ ଏବଂ ବିଜେପିର ତିନି ଜଣ ପ୍ରାର୍ଥୀ ଏମିତି ଦେଖିଲେ ୪ ରାଜ୍ୟସଭା ଆସନ ପାଇଁ ମୋଟ ୫ ଜଣ ପ୍ରାର୍ଥୀ ମୈଦାନକୁ ଓହ୍ଲାଇବାକୁ ଯାଉଛନ୍ତି। ସେପଟେ ଚର୍ଚ୍ଚା ହେଉଛି, କଂଗ୍ରେସ ମଧ ମିଳିତ ପ୍ରାର୍ଥୀ ଗଣିତରୁ ଓହରି ନିଜସ୍ୱ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ନେବ।

ବିଜେଡି ଦୁଇ ଜଣ ପ୍ରାର୍ଥୀ ଘୋଷଣା କରିବା ପରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ବାସଭବନରେ ବସିଥିଲା ବିଜେପି ବିଧାୟକ ଦଳ ବୈଠକ। ଏଥିରେ ରାଜ୍ୟସଭାରେ ଦଳୀୟ ବିଧାୟକ ଓ ବିଜେପି ସମର୍ଥିତ ବିଧାୟକଙ୍କୁ ଦଳର ଆଭିମୁଖ୍ୟ ସମ୍ପର୍କରେ ସ୍ପଷ୍ଟ କରିଦିଆଯାଇଛି। ଏଥିସହ ➩ପୃଷ୍ଠା-୬




### ୨୫ରୁ ରତ୍ନଭଣ୍ଡାର ଗଣତିମଣତି

- ଦିନ ୧୨.୧୨ରୁ ୧.୪୫ ମଧ୍ୟରେ ଶୁଭ ମୁହୂର୍ତ୍ତ
- ଶୁଭ ମୁହୂର୍ତ୍ତ ମଧ୍ୟରେ ଆରମ୍ଭ ହେବ ଗଣତିମଣତି ପ୍ରକ୍ରିୟା
- ଗଣତିମଣତି ସମୟରେ ବାହାର କାଠରୁ ଶ୍ରୀଜୀଉଙ୍କୁ ଦର୍ଶନ
- ଶନିଓ ରବିବାର ହେବ ନାହିଁ ରତ୍ନ ଅଳଙ୍କାର ଗଣତିମଣତି

**ପୁରୀ,୨।୩(ସଂଚାର ବ୍ୟୁରୋ):** ରତ୍ନଭଣ୍ଡାର ଗଣତି ମଣତି ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଚୂଡ଼ାନ୍ତ ହୋଇଛି ତାରିଖ। ମାର୍ଚ୍ଚ ୨୫ରୁ ଆରମ୍ଭ ହେବ ରତ୍ନଭଣ୍ଡାର ଗଣତି ମଣତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏହି ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀଙ୍କ ସୂଚନା ଅନୁସାରେ, ମାର୍ଚ୍ଚ ୨୫ ତାରିଖ ଦିନ ୧୨ଟା୧୨ରୁ ଦିନ ଗୋଟାଏ ୪୫ ମଧ୍ୟରେ ଶୁଭ ମୁହୁର୍ତ୍ତ ରହିଛି। ଶୁଭ ମୁହୂର୍ତ୍ତ ମଧ୍ୟରେ ଆରମ୍ଭ ହେବ ରତ୍ନ ଅଳଙ୍କାର ଗଣତିମଣତି ପ୍ରକ୍ରିୟା। ରତ୍ନ ଅଳଙ୍କାର ଗଣତିମଣତି ସମୟରେ ବାହାର କାଠରୁ ଶ୍ରୀଜୀଉଙ୍କ ଦର୍ଶନ ଦର୍ଶନ କରିବେ ଶ୍ରଦ୍ଧାଳୁ। ଶନିବାର ଓ ରବିବାର ହେବ ନାହିଁ ରତ୍ନ ଅଳଙ୍କାର ଗଣତିମଣତି। ୩ ମାସ ଭିତରେ ➩ପୃଷ୍ଠା-୬




ପବିତ୍ର ହୋଲି ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏତିକି କାମନା କରୁଛି ।

(ହରି ବାବୁ କମ୍ଭମପାଟି)

ହୋଲି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ରଙ୍ଗ ଓ ଆନନ୍ଦର ଉତ୍ସବ ହୋଲି ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି । ରଙ୍ଗର ପର୍ବ ହୋଲି ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ ଏବଂ ଭାଇଚାରା ଓ ସାମାଜିକ ସଦ୍‌ଭାବକୁ ଆହୁରି ସୁଦୃଢ଼ କରୁ, ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## କିଡନୀ ରୋଗୀଙ୍କୁ ସହାୟତାର ହାତ ବଢାଇଲା ଟ୍ରଷ୍ଟ



କେନ୍ଦ୍ରାପଡ଼ା,୨।୩ (ସଂଚାର ବ୍ୟୁରୋ): ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କିଡନୀ ରୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ଗ୍ରାମପାୟତର ବାଲିଆ ଗ୍ରାମର ନୃସିଂହ ଚରଣ ନାୟକଙ୍କ ପୁତ୍ର ଦିପକ କୁମାର ନାୟକ କିଡନୀ ରୋଗରେ ପିଡିତ ହୋଇ ଚିକିତ୍ସିତ ହେଉଛନ୍ତି । ତାଙ୍କ ଚିକିତ୍ସା ନିମନ୍ତେ ସହାୟତାର ହାତ ବଢାଇଛି ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ । ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ ଏସମ୍ପର୍କରେ ଜାଣିବା ପରେ ତାଙ୍କୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ । ଟ୍ରଷ୍ଟର ଟ୍ରଷ୍ଟି ଭୁବନମୋହନ ଦାସ ତାଙ୍କ ବାଲିଆସ୍ଥିତ ବାସଭବନରେ ପହି ତାଙ୍କୁ ୩ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

## ବଳଦେବଜୀଉ ଜ୍ୟୋତିଯାତ୍ରା ଓ ତୁଳସୀକ୍ଷେତ୍ର ପରିକ୍ରମା ପାଇଁ ପ୍ରସ୍ତୁତି




କେନ୍ଦ୍ରାପଡ଼ା,୨।୩(ସଂଚାର ବ୍ୟୁରୋ):ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ଜ୍ୟୋତିଯାତ୍ରା ଓ ତୁଳସୀକ୍ଷେତ୍ର ପରିକ୍ରମା ଆସନ୍ତା ୧୫ତାରିଖରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମ ପ୍ରଖ୍ୟାତ ଆଧ୍ୟାତ୍ମିକ ଗୁରୁ ତଥା ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ । ଏନେଇ ଏକ ପ୍ରସ୍ତୁତି ବୈଠକ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ତୁଳସୀକ୍ଷେତ୍ର ପରିକ୍ରମା ଓ ଜ୍ୟୋତିଯାତ୍ରା ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା । ବୈଠକର ନିଷ୍ପତ୍ତି ଅନୁଯାୟୀ ଏହି ଜ୍ୟୋତି ଆସନ୍ତା ୧୫ତାରିଖ ସକାଳେ ଇଛାପୁରସ୍ଥିତ ଶ୍ରୀଜୀଉଙ୍କ ମନ୍ଦିର ନିକଟରୁ ବାହାରି ଶ୍ରୀବଳଦେବଜୀଉଙ୍କ ଲୀଳା ସହ ସଂଶ୍ଳିଷ୍ଟ ଜିଲ୍ଲାର ବିଭିନ୍ନ ପୀଠ ପରିକ୍ରମା କରିବା ପରେ ସନ୍ଧ୍ୟାରେ ପୁନର୍ବାର ଶ୍ରୀଜୀଉଙ୍କ ପୀଠକୁ ଫେରିଆସିବ ।

## ନବଦମ୍ପତିଙ୍କୁ ଚାରା ପ୍ରଦାନ



ନିଶ୍ଚିନ୍ତକୋଇଲି,୨।୩(ସଂଚାର ବ୍ୟୁରୋ): ଏବେ ବିବାହ ଉତ୍ସବ ରେ ଯୋଗ ଦେଉଥିବା ବନ୍ଧୁ ଓ ସାଙ୍ଗ ସାଥୀମାନେ ବିଭିନ୍ନ ପ୍ରକାର ନାମୀଦାମୀ ଉପହାର ପ୍ରଦାନ କରୁଥିବା ବେଳେ ଜଣେ ସାଙ୍ଗ ର ବିବାହ ଭୋଜି ଉତ୍ସବ ରେ ତାଙ୍କ ସାଙ୍ଗ ମାନେ ଯୋଗ ଦେଇ ପରିବେଶ କୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟ ରେ ନବଦମ୍ପତି ଙ୍କୁ ନଡ଼ିଆ ଚାରା ପ୍ରଦାନ କରି ସମାଜ କୁ ଏକ ବାର୍ତ୍ତା ପ୍ରଦାନ କରିଛନ୍ତି।କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଗୋତରା ପଞ୍ଚାୟତ ପ୍ରହରାଜପୁର ଗ୍ରାମର ବୀରକିଶୋର ପ୍ରଧାନ ଙ୍କ ପୁତ୍ର କିଶୋର ପ୍ରଧାନ ଙ୍କ ବିବାହ ଭୋଜି ଉତ୍ସବ ରେ ତାଙ୍କ ସାଙ୍ଗ ସତ୍ୟଜିତ ମହାପାତ୍ର, ଜନ୍ମେଜୟ ଜେନା, ସୂର୍ଯ୍ୟକାନ୍ତ ସାହୁ, ଗୌରୀ ଶଙ୍କର ଦାସ, ଜଗନ୍ନାଥମହାପାତ୍ର ଓ ଅଜୟ ସାହୁ ପ୍ରମୁଖ ଯୋଗ ଦେଇ ଚାରା ପ୍ରଦାନ କରିବା ସହ ନବଦମ୍ପତିଙ୍କ ସୁଖମୟ ବୈବାହିକ ଜୀବନ କାମନା କରିଥିଲେ।

## ଜିଲ୍ଲାପାଳ ଓ ଏସପିଙ୍କ ଜନଶୁଣାଣି ଶିବିରରେ ୧୨୧ ଅଭିଯୋଗ

ରାଜନଗର,୨।୩(ସଂଚାର ବ୍ୟୁରୋ):ଆଜି ରାଜନଗର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି | ଏହି ଅଭିଯୋଗ ଶୁଣାଣିରେ ମୋଟ ୧୨୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୧୧୨ଟି ବ୍ୟକ୍ତିଗତ ଏବଂ ୯ଟି ସାମୁହିକ ଅଭିଯୋଗ ରହିଛି | ପଞ୍ଜିକୃତ ହୋଇଥିବା ଅଭିଯୋଗ ଗୁଡିକୁ ତୁରନ୍ତ ସମାଧାନ କରିବା ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ବିଭିନ୍ନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି | ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପଧାକ୍ଷ ଗଣେଶ ଚନ୍ଦ୍ର ଗୁଡିଆ , ବିଡ଼ିଓ ଅଶୋକ କୁମାର ମହାନ୍ତି , ତହସିଲଦାର ଯୀଶୁକୃଷ୍ଣ ଦାସ , ଏସଡିପିଓ ସୁକାନ୍ତ କୁମାର ପାତ୍ର,ଆଇଆଇସି ନରେଶ କୁମାର ସାହୁଙ୍କ ସମେତ ବ୍ଲକ ଓ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଧାନ ମଣ୍ଡିରେ ଶୋଷଣ ଚରମ ସୀମାରେ

# ସେବା ସମବାୟ ସମିତିରେ ତାଲା ପକାଇଲେ ଚାଷୀ

ରାଜନଗର,୨।୩ (ସଂଚାର ବ୍ୟୁରୋ):ରାଜନଗର ବ୍ଲକରେ ଧାନ କିଣାରେ ଅବ୍ୟବସ୍ଥା ଚରମସୀମାରେ ପହଞ୍ଚିଛି | ସେବା ସମବାଯ ସମିତିର ସମ୍ପାଦକମାନେ ଧାନ କଳାବେପାରୀ ମାନଙ୍କୁ ବାରମ୍ବାର ଟୋକନ ଦେଉଥିବା ବେଳେ ପକୃତ ଚାଷୀ ଧାନ ଦେଇ ପାରୁନାହାନ୍ତି | ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅଶୋନ୍ତୋଷ ତୀବ୍ର ରୂପ ଧାରଣ କରିଛି। ଆଜି କୁରୁଣ୍ଟି ସେବା ସମବାୟ ସମିତି ମଣ୍ଡରେ ଚାଷୀ ତାଲା ପକାଇ ଏହାର ପ୍ରତିବାଦ କରିଛନ୍ତି।ରାଜନଗର ବ୍ଲକରେ ମଣ୍ଡି ଓ ମିଲର ଯନ୍ତ୍ରଣା ଯୋଗୁ ଚାଷୀ ମୃତ୍ୟୁ ପରେବି ପ୍ରଶାସନ କୌଣସି ପଦକ୍ଷେପ ନନେବା ଯୋଗୁ ଚାଷୀଙ୍କ ମଧ୍ୟରେ ପତିକ୍ରିୟା ବଢ଼ିବାରେ ଲାଗିଛି।

କୁରୁଣ୍ଟି ଗାଁର ପ୍ରଦୀପ ବିଶ୍ୱାଳଙ୍କର ଫେବୃୟାରି ୩ ତାରିଖରେ ଧାନ ମଣ୍ଡିରେ ଦେବାକୁ ମେସେଜ ଆସିଥିଲା। ଧାନ ଦେବାର ଶେଷ ତାରିଖ ମାର୍ଚ୍ଚ ୨ ତାରିଖ। ବିଶ୍ୱରଞ୍ଜନ ମହାରଥାଙ୍କର ଫେବୃୟାରି ୧ ରେ ଧାନ ଦେବାକୁ ମେସେଜ ଆସିଥିଲା, ଧାନ ଦେବାର ଶେଷ ତାରିଖ ଶେଷ ହୋଇସାରିଛି। ବିକ୍ରମ କେଶରୀ ମହାରଥାଙ୍କର ଫେବୃୟାରି ୩ରେ ଧାନ ଦେବାକୁ ମେସେଜ ଆସିଥିଲା। ଧାନ ଦେବାର ଶେଷ ତାରିଖ ଆଜି ଶେଷ ହେଉଛି। ଚାଷୀମାନେ ବାରମ୍ବାର କୁରୁଣ୍ଟି ସେବା ସମବାୟ ସମିତିକୁ ଦଉଡି ଥିଲେ ମଧ୍ୟ ଆଜି କାଲି କହି ସମ୍ପାଦକ ଧାନ ନେଉନାହାନ୍ତି। ଫଳରେ ଆଜି ଚାଷୀମାନେ ସେବା ସମବାୟ ସମିତିରେ ପହଞ୍ଚିଥିଲେ। ଦିନ ୧୧ଟା ଯାଏଁ ଅଫିସରେ ତାଲା ଖୋଲିନଥିଲା। ଚାଷୀମାନେ ଉତ୍ୟକ୍ତ ହୋଇ ସେବା ସମବାୟ ସମିତି ଗେଟରେ ତାଲା ପକାଇ ଦେଇଥିଲେ। ଦୀର୍ଘ ସମୟ ଧରି ଅଫିସ ଗେଟରେ ତାଲା ପଡିରହିବା ଯୋଗୁ କୌଣସି କର୍ମଚାରୀ ଅଫିସ ମଧ୍ୟକୁ ଯାଇ ପାରିନଥିଲେ।

ଚାଷୀଙ୍କ ଅଭିଯୋଗ ହେଲା ଯେଉଁମାନେ ଧାନ ବେପାର କରୁଛନ୍ତି ସେମାନଙ୍କ ଠାରୁ ୪/୫ ଥର ଧାନ ନିଆ ସରିଲାଣି | ମାତ୍ର ଆମକୁ ଆଜି କାଲୀ କହି ଆମ ଧାନ ନେଉନାହାନ୍ତି ବୋଲି ଗୁରୁତର ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ତାଲା ପକାଇଛୁ ବୋଲି କହିଛନ୍ତି।

## ରାଜନଗର ଚାଷୀ ମୃତ୍ୟୁ ନୁହେଁ, ବ୍ୟବସ୍ଥାଗତ ହତ୍ୟା:ଓଡିଶା କୃଷକ ସଭା

### ପଚାଶ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କଲା ସଂଗଠନ

କେନ୍ଦ୍ରାପଡ଼ା,୨।୩(ସଂଚାର ବ୍ୟୁରୋ): ଓଡିଶା କୃଷକ ସଭା, କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଆଜି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ରାଜନଗର ବ୍ଲକ ଅନ୍ତର୍ଗତ ଡାଙ୍ଗମାଳ ସେବା ସମବାୟ ସମିତି, ଈଶ୍ୱରପୁର ଅଧିନସ୍ଥ ଜୁଣଗଡି ଗ୍ରାମର ଚାଷୀ ତ୍ରିଲୋଚନ ନାୟକଙ୍କର ମୃତ୍ୟୁ ନୁହେଁ ବରଂ ଏହା ବ୍ୟବସ୍ଥାଗତ ବା ସରକାରୀ ପ୍ରାୟୋଜିତ ହତ୍ୟା ବୋଲି ଓଡିଶା କୃଷକସଭା ଦାବି କରିଛି । ଗତ ଦୁଇଦିନ ତଳେ କୃଷକସଭାର ଏକ ପ୍ରତିନିଧି ଦଳ ମୃତ ଚାଷୀଙ୍କ ପରିବାର ଓ ସେବା ସମବାୟ ସମିତିର ସମ୍ପାଦକଙ୍କୁ ଭେଟି ଆଲୋଚନା କଲାପରେ ଉକ୍ତ ସିଦ୍ଧାନ୍ତରେ ଉପନୀତ ହୋଇଛି ।

ସାରା ରାଜ୍ୟ ସହିତ କେନ୍ଦ୍ରାପଡା ଜିଲ୍ଲାରେ ପ୍ରତିଦିନ ଚାଷୀ ସରକାରୀ ମଣ୍ଡିରେ ଧାନ ବିକ୍ରିରେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବାବେଳେ ଏଭଳି ଚାଷୀ ମୃତ୍ୟୁ ପାଇଁ ପଥ ପରସ୍କାର ହୋଇଛି । ବିଜେପିର ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ଗତ ଛ ମାସ ତଳେ ଲଗାଣ ବର୍ଷାରେ ବ୍ୟାପକ ଫସଲ ହାନି ଯୋଗୁଁ ଜିଲ୍ଲାର ତିନିଜଣ ଚାଷୀ ଆତ୍ମହତ୍ୟା କରିଥିଲା ବେଳେ ଅମଳ ହେଇଥିବା ଧାନକୁ ଦହଗଞ୍ଜ ହୋଇ ବିକ୍ରିରେ ବିଳମ୍ବ ଯୋଗୁଁ ରାଜନାଗର ଚାଷୀ ମୃତ୍ୟୁବରଣ କରିବା ସରକାରଙ୍କ ପରିବା ପାଣିଆକୁ ପଦାରେ ପକାଇଛି । ମଣ୍ଡି ଜନିତ ମୃତ୍ୟୁ ନୁହେଁ ବୋଲି ଯୋଗାଣ ମନ୍ତ୍ରୀଙ୍କ ବକ୍ତବ୍ୟକୁ ସଂଗଠନ ତୀବ୍ର ସମାଲୋଚନା କରିଛି ।

କୃଷକସଭା ଜିଲ୍ଲା କମିଟି ଦାବି କରିଛି ଯେ ଏହା ବ୍ୟବସ୍ଥାଗତ ହତ୍ୟା ହୋଇଥିବାରୁ ସମ୍ପୃକ୍ତ ସମବାୟ ସମିତି ସମ୍ପାଦକ ଓ ମିଲ ମାଲିକଙ୍କୁ ତୁରନ୍ତ ଗିରଫ କରାଯାଉ ଓ ମୃତ ଚାଷୀଙ୍କ ପରିବାରକୁ ପଚାଶ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ମୃତ ଚାଷୀଙ୍କ ବିଧବା ପତ୍ନୀ ଓ ଦୁଇଜଣ ଅବିବାହିତ ଝିଅ ଅଛନ୍ତି । ସେ ଏକମାତ୍ର ରୋଜଗାରକ୍ଷମ ଥିବାରୁ ତାଙ୍କ ପୁଅକୁ ସରକାରୀ ଚାକିରୀରେ ନିଯୁକ୍ତି ଦିଆଯାଉ। ସାରା ଜିଲ୍ଲାରେ ଏଥର ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥାକୁ ଦୂର କରାଯାଉ । କଟଣୀ ଛଟଣି ବନ୍ଦ କରିବା ସହିତ ଚାଷୀଙ୍କ ଠାରୁ ଟୋକନ ଅବଧି ଶେଷ ହେବା ମଧ୍ୟରେ ସବୁ ଧାନକୁ କିଣା ଯାଉ । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସରୋଜ କୁମାର ଖିଲାର ଦାବିପତ୍ର ଗ୍ରହଣ କରିଥିଲେ । ସାତ ଦିନ ମଧ୍ୟରେ ସରକାର ଓ ଜିଲ୍ଲା ପ୍ରଶାସନ ଦାବି ପୂରଣ ନକଲେ ବ୍ୟାପକ ଆନ୍ଦୋଳନ କରାଯିବାକୁ ସଂଗଠନ ଚେତାବନୀ ଦେଇଛି ।

## ହୋଲି ପାଇଁ ଉତ୍ସବ ମୁଖର ପଟ୍ଟାମୁଣ୍ଡାଇ



### ଥାନାରେ ଭୋଗ ଖାଇଲେ ରାଧାରମଣ ବିମାନ

ପଟ୍ଟାମୁଣ୍ଡାଇ,୨।୩(ସଂଚାର ବ୍ୟୁରୋ): ପବିତ୍ର ହୋଲି ଉତ୍ସବ ପାଇଁ ପଟ୍ଟାମୁଣ୍ଡାଇ ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇପଡିଛି । ଗାଁ ଗାଁ ରେ ହୋଲି ଉତ୍ସବ ମନା ଯାଉଛି । ପଟ୍ଟାମୁଣ୍ଡାଇ ସହର ଠାରୁ ଆରମ୍ଭ କରି ବିଭିନ୍ନ ଗ୍ରାମାଞ୍ଚଳରେ ଅପୂର୍ବ ସାଜସଜ୍ଜାରେ ସଜ୍ଜିତ ବିଭିନ୍ନ ଦେବା ଦେବୀଙ୍କ ବିମାନ ବୁଲିବା ଦେଖା ଯାଇଛି । ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ର ବିଭିନ୍ନ ସ୍ଥାନରେ ନିଆରା ଢଙ୍ଗରେ ହୋଲି ଉତ୍ସବ ପାଳନ କରାଯାଉଛି । ହୋଲି ଉତ୍ସବ ପାଇଁ ଦେଶ ଓ ରାଜ୍ୟ ବାହାରେ ଥିବା ଲୋକମାନେ ଗାଁକୁ ଫେରି ହୋଲି ଉତ୍ସବ ମନାଉ ଥିବାରୁ ସମଗ୍ର ପଟ୍ଟାମୁଣ୍ଡାଇ ଅଂଚଳ ଉତ୍ସବ ମୁଖର ହୋଇପଡିଛି ।ହୋଲି ଉତ୍ସବ ଉପଲକ୍ଷେ ବିଭିନ୍ନ ଦେବାଦେବୀଙ୍କ ବିମାନ ଗୁଡିକ ପଟ୍ଟାମୁଣ୍ଡାଇର ବିଭିନ୍ନ ଅନୁଷ୍ଠାନ ଓ ଅଫିସ ଦପ୍ତରରେ ପହଂଚି ଭୋଗ ଖାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଆଜି ଦିନ ତମାମ ବିଭିନ୍ନ ଦେବାଦେବୀଙ୍କ ବିମାନ ସହର ସାରା ବୁଲୁ ଥିବାର ଦେଖାଯାଇଛି। ଆଜି ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ସହର କେନ୍ଦ୍ର ସ୍ଥଳରେ ଥିବା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ପଟ୍ଟାମୁଣ୍ଡାଇ ରାଧାରମଣ ମଠର ସୁସଜ୍ଜିତ ପ୍ରଭୁ ରାଧାରମଣଙ୍କ ବିମାନ ପହଂଚି ଥିଲା । ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ଓ ଥାନା ଅଫିସର ଓ କର୍ମଚାରୀମାନେ ଅସୀମ ଭକ୍ତି ଓ ଶ୍ରଦ୍ଧାର ସହିତ ପ୍ରଭୁଙ୍କ ବିମାନକୁ ସ୍ୱାଗତ କରିବା ସହିତ ପୂଜାର୍ଚ୍ଚନା କରିଥିଲେ । ଯୁବ ସମାଜସେବୀ ମିଟୁ ମନୋଜ ନାୟକ, କାଉନ ସିଲର ପ୍ରଶାନ୍ତ ବାରିକ,ଅଭୟ ଜେନା, ସରକାରୀ ଓକିଲ ଶିଶିର ମଲିକ ଓ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟକାରୀ ସଭାପତି ଅମ୍ବୁଜ ଭୂଷଣ ନାୟକ ପ୍ରମୁଖ ପ୍ରଭୁ ରାଧାରମଣଙ୍କ ବିମାନକୁ ଭକ୍ତିର ସହିତ ସ୍ୱାଗତ କରି ପୂଜାର୍ଚ୍ଚନା କରିଥିଲେ । ଆସନ୍ତାଦିନରେ ପଟ୍ଟାମୁଣ୍ଡାଇ ଅଂଚଳରେ ହୋଲିର ମାହୋଲ ଆହୁରି ରଙ୍ଗୀନ ଓ ଆକର୍ଷଣୀୟ ହେବ ବୋଲି ଜଣାପଡିଛି ।

## ହଳଦିଆ ବାଜିପଡ଼ା ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପୁନରୁଦ୍ଧାର



ଡେରାବିଶ,୨।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅଧୀନ ହଳଦିଆ ବାଜିପଡ଼ା ଛକ ଠାରୁ ଆରମ୍ଭ କରି ଓଲ୍ତି ଗ୍ରାମାଞ୍ଚଳ ବସ୍ତି ପର୍ଯ୍ୟନ୍ତ ରାସ୍ତା ଦୀର୍ଘ ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପ୍ରାୟ ୫ଶହ ମିଟର ରାସ୍ତା ସତେ ଯେପରି ମରଣଜନ୍ତା ଅବସ୍ଥାରେ ପରିଣତ ହୋଇଥିଲା। ଏହି ଖବର ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ପାଇବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ କେନ୍ଦ୍ରାପଡ଼ା ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ମାଧ୍ୟମରେ ଶୁଯୋଗ୍ୟା ଠିକାଦାର ଚୟନ କରାଯାଇ ଉନ୍ନତ ମାନରେ ପିଚୁ ଦ୍ୱାରା ପ୍ରାୟ ୨୦ଏମ୍.ଏମ୍ ମୋଟେଇର ରାସ୍ତା କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ଉକ୍ତ ରାସ୍ତା ଦେଇ ଦୈନନ୍ଦିନ ହଜାର ହଜାର ଲୋକେ ଚଣ୍ଡିଖୋଲ ପାରାଦୀପ ମୁଖ୍ୟ ଜାତୀୟ ରାଜପଥ ଓଲ୍ତି ଛକ ଦେଇ ବିଭିନ୍ନ ସ୍ଥାନକୁ ଜାତାୟତ ପାଇଁ ସୁବିଧା ହେବା ସହ, ଛାତ୍ର ଛାତ୍ରୀଙ୍କ ଠାରୁ ଆରମ୍ଭ କରି କଲେଜ ପଢୁଆ ଛାତ୍ର,ଛାତ୍ରୀ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଲୋକ ମାନଙ୍କ ଯା,ଆସ୍ ପାଇଁ ସୁଗମ ହେବ। ଯାହାପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଖୁସିବ୍ୟକ୍ତ କରିବା ସହ ରାଜ୍ୟ ସରକାର ଓ ତାଙ୍କ ବିଭାଗ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅନେକ ଅନେକ କୃତଜ୍ଞତା ଜଣାଯାଇଛି। ସର୍ବପରି ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭାଗୀୟ ଯନ୍ତ୍ରୀ ଶୈଳେନ୍ଦ୍ର କୁମାର ବିଶ୍ୱାଳଙ୍କ ଶୁଦକ୍ଷ କାର୍ଯ୍ୟକୁ ନେଇ ସାଧାରଣରେ ପ୍ରସଂଶା କରାଯାଇଛି ।

## କୁତରଙ୍ଗ ସମିତିରୁ ମିଲର ଉଠାଉନି ଧାନ, ଚାଷୀ ହନ୍ତସନ୍ତ


କେନ୍ଦ୍ରାପଡା,୨।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତରଙ୍ଗ କୃଷି ସମବାୟ ସମିତିରେ ୯୬୧ ଜଣ ଚାଷୀ ପଞ୍ଜିକୃତ କରିଥିବା ବେଳେ ଏମାନଙ୍କ ମଧ୍ୟରୁ ୬୨୭ ଜଣ ଚାଷୀ ସେମାନଙ୍କ ବଳକା ଧାନ ସମିତିରେ ବିକ୍ରି କରି ସାରିଛନ୍ତି। ଅବଶିଷ୍ଟ ୩୩୪ ଜଣ ଚାଷୀ ସେମାନଙ୍କ ଧାନ ବିକ୍ରି କରି ନଥିବା ବେଳେ ପ୍ରାୟ ୫୦ ଜଣ ଚାଷୀଙ୍କର ଟୋକନ ଅବଧି ସରିଲାଣି।



ମଣ୍ଡିରେ ଧାନ ପଡି ରହିଥିବା ବେଳେ ମିଲରଙ୍କର ଅସହଯୋଗ ଯୋଗୁଁ ଧାନ ଉଠି ପାରୁନାହିଁ । ତୁରନ୍ତ କୁତରଙ୍ଗ କୃଷି ସମବାୟ ସମିତିକୁ ୩୩୪ ଜଣ ଚଷୀଙ୍କ ଧାନ ଉଠାଇବା ପାଇଁ ଟାର୍ଗେଟ ଦେବା ସହ ଟୋକନ ଅବଧି ସରିଥିବା ୫୦ ଜଣ ଚାଷୀଙ୍କର ପୁନର୍ବାର ନବୀକରଣ କରିବା ପାଇଁ କୁତରଙ୍ଗ କୃଷି ସମବାୟ ସମିତିର ସଭାପତି ପଦ୍ମନାଭ ସାହୁ, ପୂର୍ବତନ ସରପଂଚ ରାଜନ ପ୍ରସାଦ ଥାଟୋଇ, ମହେନ୍ଦ୍ର ସାହୁ, ରଂଜନ ଜେନା, ପ୍ରଦିପ ନାୟକ, ପ୍ରଶାନ୍ତ ଜେନା, ଅବୟ ଦାସ, ରତ୍ନାକର ଦାସ, ବିପିନ ମଲିକ, ମାୟାଧର ସାହୁ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

● ୧୯୪ଟି ଅଭିଯୋଗ ପଞ୍ଜିକୃତ, ୪୦ଟିର ତତ୍କାଳ ସମାଧାନ



ଯାଜପୁର,୨।୩(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଆଜି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।ଆଜି ମୋଟ ୧୯୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୭ ଗୋଟି, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୩୩ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୪୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ, ଯାଜପୁର ଶ୍ରୀ ତାପସ ରଂଜନ ଦେହୁରୀ, ତହସିଲଦାର, ଯାଜପୁର ଶ୍ରୀ ରବି ନାରାୟଣ ପାଢ଼ୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବିଜୟ କୁମାର ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

## ବିଜେଡିର ଅଭିଯୋଗ, ଟେଣ୍ଡର ଫିକ୍ସିରେ ପୌରାଧ୍ୟକ୍ଷା

### ପେପର ଟେଣ୍ଡର ପାଇଁ ମନା କରୁଛନ୍ତି ମନ୍ତ୍ରୀ, ଦଳ ମାନୁନି

### କାଉନସିଲରଙ୍କୁ ଦୁର୍ବ୍ୟବହାର କରିଥିବା ଠିକାଦାର, କର୍ମୀଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଦାବି




ଢେଙ୍କାନାଳ,୨।୩(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ସାଢେ ୩ କୋଟି ଟଙ୍କାର ବେନିୟମ ପେପର ଟେଣ୍ଡର ଘଟଣାରେ ବିଜେଡି ଦଳ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଛି। ଉପ ନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ୬ ନଂ ୱାର୍ଡ କାଉନସିଲର ତଥା ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡଙ୍ଗୀ କହିଥିଲେ, ପେପର ଟେଣ୍ଡର ପାଇଁ ଏବେ ବିଜେପି ସରକାର ମନା କରୁଛନ୍ତି । ଆଇନ ମନ୍ତ୍ରୀ ସଚ୍ଚିତା ପାଇଁ ଛୋଟ କାମର ବି ଇ-ଟେଣ୍ଡର ପାଇଁ କହୁଥିବା ବେଳେ ଢେଙ୍କାନାଳରେ ନିଜ ଦଳ ଏହାର ବିପରିତ କଥା କହୁଛି ଓ କେବଳ ପେପର ଟେଣ୍ଡର କରାଯାଇ ନାହିଁ, ଟେଣ୍ଡର ଫିକ୍ସିଂ ହୋଇଛି। ଏଥିରେ କେବଳ ପୌରପାଳିକାର ଠିକାଦାରଙ୍କୁ ହିଁ ସୁଯୋଗ ଦିଆଯାଇଛି।

ଢେଙ୍କାନାଳ ଜିଲ୍ଲାରେ ୪ଶହ ତାହିକାଭୁକ୍ତ ଠିକାଦାର ରହିଛନ୍ତି । ପୌରପାଳିକାରେ ମାତ୍ର ୭/୮ ଜଣ ଠିକାଦାର ପଞ୍ଜିକୃତ । ଏହି ୧୨୦ଟି କାମ ପାଇଁ ସେହି ୭/୮ ଜଣ ହିଁ ଟେଣ୍ଡର ପକାଇଛନ୍ତି । ଗୋଟିଏ କାମ ପାଇଁ ଅତି କମରେ ୩ ଜଣ ଟେଣ୍ଡର ପକାଇଲେ ହିଁ ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ। ଏଣୁ ୭ ଜଣ ଠିକାଦାର ୧୨୦ଟି କାମ ପାଇଁ ନିଜ ନିଜ ମଧ୍ୟରେ ଭାଗବାଣ୍ଟି ପେପର ପକାଉଛନ୍ତି। ୨୭ ଅପରାହ୍ନରେ ସମସ୍ତେ ଏକକାଳୀନ ଆସି ପକାଇବା ଟେଣ୍ଡରେ ଫିକ୍ସିଂ କୁ ସ୍ପଷ୍ଟ କରୁଛି । ୧୨୦ଟି କାମ ୭/୮ ଜଣ ଠିକାଦାର କଲେ କିଭଳି କାମ ହେବ, କେତେ ଶୀଘ୍ର ହେବ ତାହା ସହରବାସୀ ଜାଣିପାରୁଥିବେ। ପେପର ଟେଣ୍ଡର ହେଲେ ମଧ୍ୟ ଏହା ଖବରକାଗଜରେ ନ ବାହାରିପାରିବା ଭଳି କାରସାଦି ହୋଇଛି । ଜିଲ୍ଲା ପୋର୍ଟାଲରେ ମଧ୍ୟ ପ୍ରକାଶ ପାଇ ନାହିଁ। ଏ ସମସ୍ତ ଦିଗ ଯୋଜନାବଦ୍ଧ ଦୁର୍ନୀତିକୁ ସ୍ପଷ୍ଟ କରୁଛି। ପୌରାଧ୍ୟକ୍ଷା ଏଥିରେ ସାମିଲ ଅଛନ୍ତି ବୋଲି ଅଭିଯୋଗ କରିଥିଲେ ।

ବିଜେଡି ଏହାକୁ ବିରୋଧ କରିବାରୁ ବିଜେପିର ଠିକାଦାର ଓ ଗୁଣ୍ଡା ଧାରଣାରତ କାଉନସିଲରଙ୍କୁ ଦୁଃବ୍ୟବହାର କରିବା ଦୁର୍ଭାଗ୍ୟଜନକ। ଏମାନଙ୍କ ବିରୋଧରେ ପୌରପାଳିକା କାର୍ଯ୍ୟାନୁଷ୍ଠାନ ନେଉ। ତୁରନ୍ତ ଏହି ଟେଣ୍ଡରକୁ ରଦ୍ଧ କରି ଇ-ଟେଣ୍ଡର କରାଯାଉ ବୋଲି ଦଳ ଦାବି କରିଛି।



## ଜିଲ୍ଲା ଓକିଲ ସଂଘ ତରଫରୁ ଜିଲ୍ଲା ଜଜଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡା,୨।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡାର ମାନ୍ୟବର ଜିଲ୍ଲା ଓ ଦୌରାଜଜ ଲୁନା ମହାନ୍ତିଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଜିଲ୍ଲା ଓକିଲ ସଂଘ ତରଫରୁ ସଭାପତି ଗୋବର୍ଦ୍ଧନ ରାଉତଙ୍କ ଅଧ୍ୟକ୍ଷତାରେ ବିଦାୟକାଳୀନ ସମ୍ବର୍ଦ୍ଧନାରେ ଶ୍ରୀମତୀ ମହାନ୍ତିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରା ଯାଅଇଥିଲା । ଶ୍ରୀମତୀ ମହାନ୍ତି ଓଡିଶା ଉଚ୍ଚ ନ୍ୟାୟାଳୟକୁ ପଦୋନ୍ନତି ପାଇ ରେଜିଷ୍ଟ୍ରାର ଭାବେ ବଦଳି ହୋଇଛନ୍ତି ।

## ରସଲପୁର ଓ ପନ୍ତାଇ ଘାଟରେ ଚାଲିଛି ମହାଲୁଟ୍

# ସୁବର୍ଣ୍ଣରେଖା କୂଳରେ ମାଫିଆ-ପ୍ରଶାସନର ଚୋରା ଗଠବନ୍ଧନ



### ନଷ୍ଟ ହେଉଛି ଭିତ୍ତିଭୂମି, ବିପଦରେ ଜନଜୀବନ

### ଲିଜ୍‌ଧାରୀଙ୍କଠାରୁ ପରିବେଶ କ୍ଷତିପୂରଣ ଆଦାୟ ହେଉ

ବାଲିଆପାଳ,୨।୩ (ସଂଚାର ବ୍ୟୁରୋ):ନିୟମ ଅଛି କିନ୍ତୁ ନିୟନ୍ତ୍ରଣ ନାହିଁ, କୋର୍ଟଙ୍କ ନିର୍ଦ୍ଦେଶ ଅଛି କିନ୍ତୁ କାର୍ଯ୍ୟାନୁଷ୍ଠାନ ନାହିଁ। ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅନ୍ତର୍ଗତ ରସଲପୁର ଏବଂ ପନ୍ତାଇ ଘାଟରେ ଏବେ ଦୁର୍ନୀତିର ଏକ ପେଣ୍ଠ ପାଲଟିଛି। ଯେଉଁଠି ସରକାରୀ ବାବୁଙ୍କ ଆଶୀର୍ବାଦରେ ବାଲି ମାଫିଆମାନେ ନଦୀର ଛାତି ଚିରି ଦିନକୁ କୋଟି ଟଙ୍କାର ଦିନକୁ ବାଲି ଲୁଟ୍ କରୁଛନ୍ତି। ଅନ୍ୟପଟେ ସାଧାରଣ ଜନତା ପ୍ରଶାସନିକ ଅପାରଗତାର ଶିକାର ହୋଇ ନିଜର ଭିତ୍ତିଭୂମି ଓ ପରିବେଶ ହରାଉଛନ୍ତି। ଏହି ମହାଲୁଟ୍‌ର ରୂପରେଖ ଏତେ ଭୟଙ୍କର ଯେ, ଏହାକୁ ଦେଖିଲେ ମନେହେଉଛି ସତେ ଯେମିତି ସୁବର୍ଣ୍ଣରେଖା ନଦୀର ଅସ୍ତିତ୍ୱକୁ 'ବାଲି'ରେ ପୋତି ଦେବା ପାଇଁ ପ୍ରଶାସନ ଓ ମାଫିଆ ଏକ ଚୋରା ଗଠବନ୍ଧନ କରିଛନ୍ତି। ଜିଲ୍ଲାପାଳଙ୍କ ନାକ ତଳେ ଏହି ମହାଲୁଟ୍ ସେ କେଉଁ ସ୍ୱାର୍ଥରେ ଚୁପ୍ ରହିଛନ୍ତି, ତାହା ଏବେ ସନ୍ଦେହକୁ ଅଧିକ ଘନୀଭୂତ କରୁଛି।

ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନଜିଟି) କୋଲକାତା ବେଞ୍ଚ ଗତ ଜୁଲାଇ ୨୪, ୨୦୨୫ରେ ବାଲେଶ୍ୱରର ପୁରୁଣା ଡିଏସଆରକୁ ରଦ୍ଦ କରିଦେଇଥିଲେ। କୋର୍ଟଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ, ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ଆଧାରରେ କୌଣସି ଖଣି କାର୍ଯ୍ୟ ହୋଇପାରିବ ନାହିଁ। ଏହା ସତ୍ତ୍ୱେ ବାଲିଆପାଳ ରେ ଖଣି କାର୍ଯ୍ୟ ଜାରି ରହିବା କେବଳ ଆଇନର ଉଲଗ୍ନନ ନୁହେଁ, ବରଂ ଏହା ସମଗ୍ର ନ୍ୟାୟିକ ବ୍ୟବସ୍ଥାକୁ ଏକ ଖୋଲା ଚ୍ୟାଲେଞ୍ଜ। ପ୍ରଶାସନ ଏଠାରେ 'ନିଦାବିଷ୍ଟୁ' ସାଜି କୋର୍ଟଙ୍କ ମର୍ଯ୍ୟାଦାକୁ ଧୂଳିସାତ କରୁଛି। ନଦୀ ଶଯ୍ୟାରେ କୌଣସି ସୀମା ସ୍ତମ୍ଭ (ବାଉଣ୍ଡାରି ପିଲାର) ନଥିବାରୁ ଲିଜ୍ ପରିସର ବାହାରୁ ମଧ୍ୟ ହଜାର ହଜାର ଟ୍ରକ୍ ବାଲି ଚୋରି କରାଯାଉଛି। ଅତ୍ୟଧିକ ଏବଂ ଯାନ୍ତ୍ରିକ ନିଷ୍କାସନ ଯୋଗୁଁ ନଦୀର ପରିସଂସ୍ଥା ନଷ୍ଟ ହେବା ସହ ନଦୀକୂଳ ? ଅସ୍ଥିର ହୋଇପଡ଼ିଛି। ଯାହାକି ଆଗାମୀ। ବନ୍ୟା ସମୟରେ ସ୍ଥାନୀୟ ଗ୍ରାମଗୁଡ଼ିକୁ ସମ୍ପୂର୍ଣ୍ଣ ଜଳମଗ୍ନ କରିବାର ଆଶଙ୍କା ସୃଷ୍ଟି କରିଛି। ଲିଜଧାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ କେବଳ ପରିବେଶ ନୁହେଁ, ବରଂ ଗ୍ରାମ୍ୟ ରାସ୍ତା ସାଙ୍ଗକୁ ସରକାରୀ ସମ୍ପତ୍ତି ମଧ୍ୟ ନଷ୍ଟ ହେବାରେ ଲାଗିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ଜରୁରୀ ଯାଞ୍ଚ ହେଉନାହିଁ କି କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଉ ନାହିଁ। ସ୍ଥାନୀୟ ପ୍ରଶାସନ ଓ ଶାସକ ଦଳର ଛାମୁଆ ନେତାଙ୍କ ମିଳିତ ଆନୁକୂଲ୍ୟରେ ଏହି ବାଲି ଲୁଟ ଚାଲିଥିବା ଚର୍ଚ୍ଚା ହେଉଛି। ।

## ନିଶ୍ଚିନ୍ତକୋଇଲି ପୁଲିସ କବ୍‌ଜାରେ ଆନ୍ତରାଜ୍ୟ ଡକାୟତ




ନିଶ୍ଚିନ୍ତକୋଇଲି,୨।୩(ସଂଚାର ବ୍ୟୁରୋ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ପୋଲିସକୁ ବଡ ସଫଳତା, ଦୀର୍ଘଦିନ ଧରି, କଟକ ଚାନ୍ଦବାଲି ରାଜ୍ୟ ରଜପଥରେ ବିଭିନ୍ନ ମାଲବାହୀ ଯାନକୁ ଅଟକାଇ ବଟସା କରିବା ଓ ପରବର୍ତ୍ତୀ ମୁହୂର୍ତ୍ତରେ ଡ୍ରାଇବର ସହିତ ଗାଡିକୁ ଲୁଟ କରୁଥିବା ଏକ ଆନ୍ତରାଜ୍ୟ ଲୁଟେରା ଗ୍ୟାଙ୍ଗକୁ ଗିରଫ କରିଛି ନିଶ୍ଚିନ୍ତକୋଇଲି ଥାନା ପୋଲିସ। ଗତ ୨୮ ତାରିଖରେ ଚନ୍ଦବାଲିରୁ କଟକ ମାଲଗୋଦାମକୁ ଯାଉଥିବା ଏକ ପିକପ ଭ୍ୟାନରୁ ଭୁଜାଲି ଦେଖାଇ ନଗଦ ପନ୍ଦର ହଜାରୁ ଅଧିକ ଟଙ୍କା ସହିତ ପିକପ ଗାଡି ଲୁଟ ହୋଇଥିବା ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତିକରି ସାଲେପୁର ଉପଖଣ୍ଡ ଆରୋକ୍ଷୀ ଅଧିକାରୀ ବିରଞ୍ଚି ନାରାୟଣ ପତିଙ୍କ ନିର୍ଦ୍ଦେଶରେ ଏକ ୬ ଜଣିଆ ଟିମ ଗଠନ କରାଯାଇଥିଲା।ଉକ୍ତ ଟିମଦ୍ୱାରା ଏହି ଆନ୍ତରାଜ୍ୟ ଲୁଟେରା ଗ୍ୟାଙ୍ଗ କୁ ଚିହ୍ନଟକରାଯାଇଥିଲା. ଏଥି ସହିତ ଲୁଟେରାଙ୍କ ନିକଟରୁ ବେବହୃତ ମାରଣାସ୍ତ୍ର ସମେତ ଦୁଇଟି ମୋବାଇଲ, ଗୋଟିଏ କାର, ଗୋଟିଏ ଦୁଇଚାକିଆ ସ୍କୁଟର ଜାନ ସମେତ ନଗଦ ପନ୍ଦର ହଜାର ଟଙ୍କା ଜବତ କରାଯାଇଥିଲା। ଏହି ଘଟଣାରେ କିଶୋର ନଗର ଥାନା ଅଞ୍ଚଳର ଦେବାଶିଷ ସହୁ ଓ ନିଶ୍ଚିନ୍ତକୋଇଲି ଅଞ୍ଚଳର ପପୁ ସିଂକୁ ଗିରଫ କରାଯାଇଥିଲା।

# ଜଳୁଛି ପାକିସ୍ତାନ | କରାଚୀରୁ ପିଓକେ ପର୍ଯ୍ୟନ୍ତ ହିଂସା



କରାଚୀ, ୨।୩: ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ ମୃତ୍ୟୁ ଖବର ନେଇ ପାକିସ୍ତାନର ଅନେକ ସହରରେ ନିଆଁ ଜଳିବାରେ ଲାଗିଛି। ଶିଆ ସମ୍ପ୍ରଦାୟର ଲୋକେ ଦଳ ଦଳ ହୋଇ ରାସ୍ତାକୁ ଓହ୍ଲାଇଛନ୍ତି। ସୁରକ୍ଷା ବାହିନୀ ସହିତ ସେମାନଙ୍କର ହିଂସାତ୍ମକ ସଂଘର୍ଷ ବିଶ୍ୱକୁ ଭୟଭୀତ କରିଛି। ଏହି ଉତ୍ତେଜନାପୂର୍ଣ୍ଣ ପରିବେଶରେ, ସାଧାରଣ ନାଗରିକ ଜୀବନ ହରାଉଛନ୍ତି। ଚାରିଆଡେ ଧୂଆଁ, ଲୁହ ଏବଂ ଆତଙ୍କ ଖେଳି ଯାଇଛି। ।

ଏହା ଏକ ମାନବିକ ଦୁଃଖଦ ଘଟଣା ଯାହା କେବଳ ସୀମାପାର ସମ୍ପର୍କ ନୁହେଁ ବରଂ ଆଭ୍ୟନ୍ତରୀଣ ସୁରକ୍ଷା ତଥା ଶାନ୍ତିକୁ ମଧ୍ୟ ବାଜିରେ ଲଗାଇଛି। ଖାମେନିଙ୍କ ମୃତ୍ୟୁର ପ୍ରତିବାଦରେ କରାଚୀରୁ ପାକ୍ ଅଧିକୃତ କାଶ୍ମୀର (ପିଓକେ) ପର୍ଯ୍ୟନ୍ତ ପାକିସ୍ତାନର ସହରଗୁଡ଼ିକରେ ବିଶାଳ ପ୍ରତିବାଦ ପ୍ରଦର୍ଶନ କରାଯାଉଛି। ଏହି ହିଂସାକାଣ୍ଡରେ ୩୫ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ୧୦୦ ରୁ ଅଧିକ ଲୋକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ରିପୋର୍ଟ ଅନୁଯାୟୀ, ସୁରକ୍ଷା ବାହିନୀ ଓ ପ୍ରଦର୍ଶନକାରୀଙ୍କ ମଧ୍ୟରେ ସିଧାସଳଖ ସଂଘର୍ଷ ପରିସ୍ଥିତିକୁ ଆହୁରି ସଙ୍କଟଜନକ କରିଛି।

ପାକିସ୍ତାନୀ ଗଣମାଧ୍ୟମ ଅନୁସାରେ, କରାଚୀରେ ସର୍ବାଧିକ ଧ୍ୱଂସ ଦେଖିବାକୁ ମିଳିଛି। ସହରରେ ହିଂସାତ୍ମକ ପ୍ରତିବାଦ ସମୟରେ ଏପର୍ଯ୍ୟନ୍ତ ୧୬ ଜଣଙ୍କର ମୃତ୍ୟୁ ନିଶ୍ଚିତ ହୋଇଛି। ଏହା ବ୍ୟତୀତ, ସୁରକ୍ଷା ବାହିନୀର କାର୍ଯ୍ୟାନୁଷ୍ଠାନରେ ଗିଲଗିଟରେ ସାତ ଜଣ, ସ୍କାର୍ଦୁରେ ଛଅ ଜଣ ଏବଂ ରାଜଧାନୀ ଇସଲାମାବାଦରେ ଛଅ ଜଣ ସାଧାରଣ ନାଗରିକଙ୍କ ଜୀବନ ଯାଇଛି। ସୂତ୍ର ଅନୁଯାୟୀ ସୁରକ୍ଷା ବାହିନୀ ଏବଂ ସେଠାରେ ନିୟୋଜିତ ଆମେରିକୀୟ ମେରାଇନଙ୍କ ମଧ୍ୟରେ ସଂଘର୍ଷ ସମୟରେ ଏହି ସମସ୍ତ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି।

ପରିସ୍ଥିତି ବିଗୁଡୁଥିବା ଦେଖି, ପଞ୍ଜାବ ସରକାର ପ୍ରଦେଶର ସମସ୍ତ ସରକାରୀ ହସ୍ପିଟାଲରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି ଯାହାଦ୍ୱାରା ଆହତମାନେ ତୁରନ୍ତ ଚିକିତ୍ସା ପାଇପାରିବେ। ତଥାପି, କିଛି ଗୋପନୀୟ ସୂତ୍ର ଦାବି କରିଛନ୍ତି ଯେ ପ୍ରଶାସନ ପ୍ରକୃତ ମୃତ୍ୟୁ ସଂଖ୍ୟା ଗଣମାଧ୍ୟମକୁ ପ୍ରକାଶ ନକରିବା ପାଇଁ ହସ୍ପିଟାଲଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦେଇଛି। ସତର୍କତା ସ୍ୱରୂପ, ସମୟ ମଧ୍ୟରେ ଆଗକୁ କୌଣସି ହିଂସାକୁ ଏଡାଇବା ପାଇଁ ଶିଆ ଜନସଂଖ୍ୟା ବିଶିଷ୍ଟ ସମ୍ବେଦନଶୀଳ ଅଞ୍ଚଳରେ ବହୁ ସଂଖ୍ୟକ ପୁଲିସ ଫୋର୍ସ ମୁତୟନ କରାଯାଇଛି।

## ସୁଡ଼ଙ୍ଗରେ ମାରାତ୍ମକ ଡ୍ରୋନ୍ ରଖିଛି ଇରାନ




ତେହେରାନ, ୨।୩: ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ମଧ୍ୟରେ, ଇରାନ ନିଜର ସାମରିକ ଶକ୍ତିର ଏପରି ଏକ ଟ୍ରେଲର୍ ଦେଖାଇଛି ଯାହା ସାରା ବିଶ୍ୱର ପ୍ରତିରକ୍ଷା ବିଶେଷଜ୍ଞଙ୍କ ନିଦ ହଜାଇ ଦେଇଛି। ଇରାନ ସରକାରୀ ସଂସ୍ଥା ଦ୍ୱାରା ଜାରି କରାଯାଇଥିବା ଏହି ପ୍ରଚାର ଭିଡିଓରେ, ଭୂମିର ଶହ ଶହ ଫୁଟ ତଳେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଦୃଶ୍ୟମାନ ହେଉଛି। ପାହାଡ଼ କାଟି ତିଆରି ଏହି ମାଇଲ ଲମ୍ବା ସୁଡ଼ଙ୍ଗରେ ନିୟୋଜିତ ମାରାତ୍ମକ ଡ୍ରୋନ୍, ଯେକୌଣସି ମୁହୂର୍ତ୍ତରେ ଉଡ଼ାଣ ଏବଂ ବିନାଶ କରିବାକୁ ପ୍ରସ୍ତୁତ ହୋଇ ରହିଥିବା ଦେଖାଯାଉଛି। ଏହି ଭିଡିଓ ବାର୍ତ୍ତା ମାଧ୍ୟମରେ ଇରାନ ସ୍ପଷ୍ଟ ଭାବରେ କହିବାକୁ ଚାହୁଁଛି ଯେ, ପ୍ରବଳ ଆକ୍ରମଣ ସତ୍ତ୍ୱେ, ଇରାନର ସାମରିକ ସଂକଳ୍ପ ଓ ପ୍ରତିଶୋଧ କ୍ଷମତା ଟିକେ ବି ହ୍ରାସ ପାଇନାହିଁ।

ଇରାନର ସରକାରୀ ଖବର ସଂସ୍ଥା, ଫାର୍ସ, ଏକ ଭିଡିଓ ସେୟାର କରିଛି ଯାହା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ଏକ ବିଶାଳ ନେଟୱାର୍କର ଝଲକ ପ୍ରଦାନ କରୁଛି। ଭିଡିଓରେ ପର୍ବତ ତଳେ ଏକ ମାଇଲ ଲମ୍ବା ସୁଡ଼ଙ୍ଗ ନେଟୱାର୍କ ଦେଖାଯାଇଛି, ଯେଉଁଠାରେ ଶହ ଶହ ଘାତକ ଡ୍ରୋନ୍ ଧାଡ଼ି ଧାଡ଼ି ହୋଇ ରହିଥିବା ଦେଖିବାକୁ ମିଳୁଛି। ଡ୍ରୋନ୍ ଗୁଡିକ ଉନ୍ନତ ରକେଟ୍ ଲଞ୍ଚର୍ ଉପରେ ଲଗାଯାଇଛି, ଯେକୌଣସି ମୁହୂର୍ତ୍ତରେ ଶତ୍ରୁ ଉପରେ ଆକ୍ରମଣ କରିବା ପାଇଁ ନିର୍ଦ୍ଦେଶକୁ ଅପେକ୍ଷା କରିଥିବା ଭଳି ମନେ ହେଉଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ବାରୁଦ ଯୁଦ୍ଧ ଏବେ ଏପରି ଏକ ସ୍ଥାନରେ ପହଞ୍ଚିଛି ଯେଉଁଠାରେ ଫେରିବା ଅତ୍ୟନ୍ତ କଷ୍ଟକର ମନେ ହେଉଛି। କାରଣ ଏବେ ସେଠାରେ ଶକ୍ତିର ସ୍ପଷ୍ଟ ପ୍ରଦର୍ଶନ ହେଉଛି। ଇରାନର ଭୂତଳ ଭିଡିଓ ଏପରି ଏକ ସମୟରେ ଆସିଛି ଯେତେବେଳେ ଏହି ଅଞ୍ଚଳରେ କ୍ଷେପଣାସ୍ତ୍ର ଆକ୍ରମଣ ଓ ଦୂତାବାସ ଘେରାବନ୍ଦୀର ରିପୋର୍ଟ ନିରନ୍ତର ଶିରୋନାମା ପାଲଟିଛି।


ଏହି ଭୂତଳ ସୁଡ଼ଙ୍ଗଗୁଡ଼ିକର କାନ୍ଥରେ ଇରାନର ପତାକା ଓ ଦିବଂଗତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ବଡ଼ ବଡ଼ ଚିତ୍ର ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି, ଯାହା ଦେଶର ସାମରିକ ସଂକଳ୍ପକୁ ପ୍ରଦର୍ଶନ କରୁଛି। ନାଟକୀୟ ସଙ୍ଗୀତ ସହିତ ଏହି ଭିଡିଓଟି ଶତ୍ରୁ ରାଷ୍ଟ୍ରମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ଏବଂ ଇରାନର ପ୍ରତିଶୋଧମୂଳକ କ୍ଷମତାକୁ ଉଜାଗର କରିବା ପାଇଁ ଡିଜାଇନ୍ କରାଯାଇଛି। ବିଶେଷଜ୍ଞମାନଙ୍କ ଅନୁସାରେ ଏହି ଶକ୍ତି ପ୍ରଦର୍ଶନ ଆମେରିକା ଓ ଇସ୍ରାଏଲକୁ ଏକ ସିଧାସଳଖ ଚେତାବନୀ ଭାବରେ ଦର୍ଶାଯାଇଛି ଯେ, ଯଦି ଆକ୍ରମଣ ବୃଦ୍ଧି ପାଏ ତେବେ ଇରାନ ଚୁପ୍ ହୋଇ ବସି ରହିବ ନାହିଁ।

## ବଙ୍କରରୁ ଭିଡିଓ ଶେୟାର କଲେ ଓଡ଼ିଆ ପରିବାର



ନୂଆଦିଲ୍ଲୀ, ୨।୩: ଇରାନ-ଇସ୍ରାଏଲ ଯୁଦ୍ଧ ଏବେ ଭୟଙ୍କର ରୂପ ନେଇଛି । ଏହି ଆକ୍ରମଣରୁ ରକ୍ଷା ପାଇବା ପାଇଁ ଇସ୍ରାଏଲରେ ରହୁଥିବା ଜଣେ ଭାରତୀୟ ମହିଳା ତାଙ୍କ ପରିବାର ସହିତ ବଙ୍କର ଭିତରେ ଲୁଚି କହିଛନ୍ତି । ସୋସିଆଲ୍ ମିଡିଆରେ ସେଠାରୁ ସେମାନେ ତାଙ୍କ ଗତିବିଧି ସେୟାର କରିଛନ୍ତି। ସେ ହେଲେ ଇସ୍ରାଏଲର ବରଶେଭା ସହରର ବୈଜ୍ଞାନିକ ସୁଚିସ୍ମିତା ମୁଦୁଲି ବାରୋନ। ଓଡିଶାରେ ତାଙ୍କର ଜନ୍ମ। ସେ ଇସ୍ରାଏଲରେ ରହୁଥିବା ସମୟରେ ଏଭଳି ଏକ ଘମାଘୋଟ ସ୍ଥିତି ସାମ୍ନା କରିଛନ୍ତି। ଭୟରେ ସେ ଏକ ବଙ୍କର ଭିତରେ ଆଶ୍ରୟ ନେଇଛନ୍ତି। ସେଠାରୁ ସେ ଇନଷ୍ଟାଗ୍ରାମରେ ନିଜ ଭିଡିଓ ସେୟାର କରିଛନ୍ତି। ଯେଉଁ ଭିଡିଓରେ ତାଙ୍କ ସ୍ୱାମୀ ଏବଂ ସେମାନଙ୍କର ଦୁଇ ପିଲାଙ୍କୁ ବି ଦେଖିବାକୁ ମିଳିଛି। ଧୈର୍ଯ୍ୟର ସହ ପରସ୍ପରକୁ ସୁରକ୍ଷା ଦେଉଛନ୍ତି। ଆଉ ଶାନ୍ତି ଫେରି ଆସିବାକୁ ପ୍ରାର୍ଥନା କରିଛନ୍ତି। ସୁଚିସ୍ମିତା ବାରୋନ ଓ ସ୍ୱାମୀ ରିଆନ୍ ଉଇଲିଅମ୍ ବାରୋନ୍ ହଜାର ହଜାର ଇସ୍ରାଏଲୀଙ୍କ ମଧ୍ୟରେ ଶନିବାର ଆଶ୍ରୟସ୍ଥଳରେ ବିତାଇଥିଲେ। ଏହି ସମୟରେ ସେ ସୋସିଆଲ୍ ମିଡିଆରେ ଯେଉଁ ସବୁ ଭିଡିଓ ସେୟାର କରିଛନ୍ତି, ସେଥିରେ ତାଙ୍କ ପିଲାମାନଙ୍କ ବିଭିନ୍ନ ଆକ୍ଟିଭିଟି ଦେଇବାକୁ ମିଳିଛି। ବାରେନ୍ ସ୍ୱୀକାର କରିଥିଲେ ଯେ ଚିନ୍ତା ଯୋଗୁଁ ପରିବାର ଭଲ ଭାବରେ ଶୋଇ ପାରୁନାହିଁ। ସେ ଲେଖିଛନ୍ତି "ଶୋଇବା ଏଠି କଷ୍ଟକର। ଆମେ କେହି ବି ସମ୍ପୂର୍ଣ୍ଣ ବିଶ୍ରାମ ନେଇପାରୁନାହୁଁ। ଆମେ ସତର୍କ ରହୁଛୁ। ଧୈର୍ଯ୍ୟର ସହ ଅପେକ୍ଷା କରୁଛୁ। କାହିଁକିନା ଆମ ପାଖରେ ଭାଙ୍ଗି ପଡ଼ିବାର ବିକଳ୍ପ ନାହିଁ। ଆମେ ପ୍ରାର୍ଥନା କରୁଛୁ ସବୁ ସୁଧୁରି ଯାଉ ସ୍ଥିତି ଭଲ ହେଉ"।

## ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜାରି କଲା ସତର୍କ ସୂଚନା



ନୂଆଦିଲ୍ଲୀ, ୨।୩: ଇରାନ ଆକ୍ରମଣ ପରେ ଦେଶରେ ହିଂସାକୁ ନେଇ ଗୃହ ମନ୍ତ୍ରଣାଳୟ ସତର୍କ ସୂଚନା ଜାରି କରିଛି। ଏନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି। ଫେବୃଆରି ୨୮ ତାରିଖରେ ମନ୍ତ୍ରଣାଳୟ ଇସ୍ରାଏଲ ଏବଂ ଆମେରିକା ଦ୍ୱାରା ଇରାନ ଉପରେ ଆକ୍ରମଣର ସମ୍ଭାବନା ବିଷୟରେ ରାଜ୍ୟଗୁଡ଼ିକୁ ସୂଚନା ଦେଇଥିଲା। ଏହି ଆକ୍ରମଣ ପରେ ଭାରତରେ ହିଂସା ବ୍ୟାପିପାରେ ବୋଲି ମଧ୍ୟ ସତର୍କ କରାଇ ଦେଇଥିଲା ।

ସୂଚନା ଅନୁଯାୟୀ, ଚିଠିରେ ରାଜ୍ୟଗୁଡ଼ିକୁ ଇରାନ-ସମର୍ଥକ ମୌଳବାଦୀ ପ୍ରଚାରକ ଚିହ୍ନଟ କରିବାକୁ ଅନୁରୋଧ କରାଯାଇଛି। ସେମାନେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇ ହିଂସାକୁ ଉସୁକାଇ ପାରନ୍ତି। ମନ୍ତ୍ରଣାଳୟ ସୁରକ୍ଷା ଏଜେନ୍ସିଗୁଡ଼ିକୁ ଏପରି ପ୍ରଚାରକଙ୍କ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବାକୁ ଓ ନାଗରିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛି । ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ ହତ୍ୟା ବିରୋଧରେ କାଶ୍ମୀରରେ ବିଶାଳ ପ୍ରତିବାଦ କରାଯାଇଛି। ପ୍ରଦର୍ଶନକାରୀମାନେ ଆମେରିକା ଓ ଇସ୍ରାଏଲ ବିରୋଧରେ ସ୍ଲୋଗାନ ଦେଇ ଶୋକରେ ଛାତି ବାଡ଼େଇଥିଲେ। କାଶ୍ମୀରର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ, କର୍ତ୍ତୃପକ୍ଷ ମୋବାଇଲ୍ ଇଣ୍ଟରନେଟ୍ ଗତିକୁ ଧୀର କରିଦେଇଛନ୍ତି। ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ସତର୍କତା ସ୍ୱରୂପ ଏହି ପଦକ୍ଷେପ ନିଆଯାଇଥିଲା। କାଶ୍ମୀରରେ ପ୍ରାୟ ୧୫ ଲକ୍ଷ ଶିଆ ମୁସଲମାନ ବାସ କରନ୍ତି। ସେମାନେ ଏହି ପ୍ରତିବାଦ କରିଛନ୍ତି।

ସୂଚନାଯୋଗ୍ୟ, ଉତ୍ତର ପ୍ରଦେଶର ବିଭିନ୍ନ ସ୍ଥାନରେ ମଧ୍ୟ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା। ରାଜଧାନୀ ଲକ୍ଷ୍ନୌରେ ଶିଆ ସମ୍ପ୍ରଦାୟର ସଦସ୍ୟମାନେ ଇମାମବାରାରେ ଏକତ୍ରିତ ହୋଇ ଆମେରିକା ଏବଂ ଇସ୍ରାଏଲ ବିରୋଧରେ ସ୍ଲୋଗାନ ଦେଇଥିଲେ। ସେମାନେ ଆମେରିକା ଏବଂ ଇସ୍ରାଏଲର କାର୍ଯ୍ୟକୁ ନିନ୍ଦା କରିଥିଲେ। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ସହିଦ ହୋବକୁ ଏକ ବଡ଼ କ୍ଷତି ବୋଲି କହିଥିଲେ। ଜୌନପୁର, ଆଲିଗଡ଼ ଏବଂ ମୁଜାଫରନଗରରେ ମଧ୍ୟ ପ୍ରତିବାଦ କରାଯାଇଛି। ମୁଜାଫରନଗରରେ, ହଜାର ହଜାର ଶିଆ ମୁସଲମାନ ଖେମିନିଙ୍କ ହତ୍ୟାର ପ୍ରତିବାଦରେ ଏକ ଶୋଭାଯାତ୍ରା ବାହାର କରିଥିଲେ ଏବଂ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଖକୁ ଏକ ସ୍ମାରକପତ୍ର ପଠାଇଥିଲେ।

## ଖାମେନିଙ୍କ ମୃତଦେହକୁ ନେଇ ସସପେନ୍ସ

ତେହେରାନ, ୨।୩: ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ ମୃତ୍ୟୁ ପରେ ୪୮ ଘଣ୍ଟାରୁ ଅଧିକ ସମୟ ବିତିଗଲାଣି, କିନ୍ତୁ ତାଙ୍କ ମୃତଦେହକୁ ନେଇ ସାରା ବିଶ୍ୱରେ ସସପେନ୍ସ ଜାରି ରହିଛି। ଶନିବାର ହୋଇଥିବା ଭୟଙ୍କର ଆକ୍ରମଣ ପରଠାରୁ, ତାଙ୍କ ମୃତଦେହର କୌଣସି ସରକାରୀ ଫଟୋ ପ୍ରକାଶ କରାଯାଇ ନାହିଁ କିମ୍ବା ଅନ୍ତିମ ସଂସ୍କାର ବିଷୟରେ ଇରାନ କିଛି ସ୍ପଷ୍ଟ କରିନାହିଁ। ଭଗ୍ନାବଶେଷରୁ ବାହାର କରାଯାଇଥିବା ତାଙ୍କ ମୃତଦେହର ଶେଷ ଝଲକ କେବଳ ଡୋନାଲ୍ଡ ଟ୍ରମ୍ପ ଏବଂ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଡିଜିଟାଲ୍ ମାଧ୍ୟମରେ ଦେଖାଯାଇଥିଲା। ଯୁଦ୍ଧର ଏହି ପରିବେଶରେ, ଖେମିନିଙ୍କ ମୃତଦେହର ରହସ୍ୟ ଏବେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ସବୁଠାରୁ ବଡ଼ ଆଲୋଚନାର ବିଷୟ ପାଲଟିଛି।

ଶନିବାର, ଫେବୃଆରି ୨୮ ତାରିଖରେ, ଇସ୍ରାଏଲ ଓ ଆମେରିକା ଗୁଇନ୍ଦା ବିଭାଗ ଏକ ମିଳିତ ଅଭିଯାନରେ ଖାମେନିଙ୍କ ସରକାରୀ ବାସଭବନକୁ ଟାର୍ଗେଟ କରାଯାଇଥିଲା। ଯାହା ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖେମିନି ତାଙ୍କ ଘନିଷ୍ଠ ବିଶ୍ୱସ୍ତେ, ରିଭଲ୍ୟୁସନରୀ ଗାର୍ଡ ମୁଖ୍ୟ ମହମ୍ମଦ ପାକପୁର ଏବଂ ସୁରକ୍ଷା ପରାମର୍ଶଦାତା ଅଲି ଶାମଖାନିଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରୁଥିବା ସମୟରେ ବୋମା ବିସ୍ଫୋରଣ ଘଟିଥିଲା। ଆକ୍ରମଣ ଏତେ ଶକ୍ତିଶାଳୀ ଥିଲା ଯେ ସମଗ୍ର କମ୍ପ୍ଲେକ୍ସ ଧ୍ୱଂସାବଶେଷରେ ପରିଣତ ହୋଇଗଲା ଏବଂ ୮୬ ବର୍ଷୀୟ ଖାମେନିଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା।



ଆମେରିକାର ରିପୋର୍ଟ ଅନୁଯାୟୀ, ଆକ୍ରମଣ ପରେ ଖାମେନିଙ୍କ ବିକୃତ ଶରୀରକୁ ଧ୍ୱଂସାବଶେଷରୁ ତୁରନ୍ତ ଉଦ୍ଧାର କରାଯାଇଥିଲା, ଯାହାର ଫଟୋଗ୍ରାଫ୍ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପଠାଯାଇଥିଲା। ମୋସାଦ ଏଜେଣ୍ଟମାନେ ପ୍ରଥମେ ମୃତଦେହକୁ ନିଜ କବଜାକୁ ନେଇଥିଲେ, ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତ କରିଥିଲେ ଏବଂ ତା'ପରେ ଏହାକୁ ଧ୍ୱଂସାବଶେଷ ପାଖରେ ଛାଡି ଦେଇଥିଲେ। ସେବେଠାରୁ, ତାଙ୍କ ମୃତଦେହର ବର୍ତ୍ତମାନର ଅବସ୍ଥା ଏବଂ ସ୍ଥାନ ବିଷୟରେ କୌଣସି ଠୋସ୍ ସୂଚନା ସେୟାର କରାଯାଇ ନାହିଁ, ଯାହା ଅନ୍ତର୍ଜାତୀୟ ସସପେନ୍ସକୁ ଆହୁରି ବୃଦ୍ଧି କରୁଛି। ଇରାନ ସରକାର ଅନ୍ତିମ ସଂସ୍କାରର ସମୟ କିମ୍ବା ସ୍ଥାନ ବିଷୟରେ ଆନୁଷ୍ଠାନିକ ଭାବରେ ନୀରବ ରହିଛି। ଯାହା ଫଳରେ ବ୍ୟାପକ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଏପରି କଳ୍ପନାଜଳ୍ପନା ରହିଛି ଯେ, ତାଙ୍କର ଅନ୍ତିମ ସଂସ୍କାର ତେହେରାନର ବେହେସ୍ତ-ଏ ଜାହରା କବରସ୍ଥାନରେ ହେବ, ଯେଉଁଠାରେ ସର୍ବୋଚ୍ଚ ନେତା ଖାମେନିଙ୍କୁ ପୂର୍ବରୁ କବର ଦିଆଯାଇଥିଲା, କିମ୍ବା ତାଙ୍କ ଜନ୍ମସ୍ଥାନ ମଶାହାଦରେ ହେବ, ଯାହାକୁ ଇରାନର ଏକ ଅତ୍ୟନ୍ତ ପବିତ୍ର ସ୍ଥଳ ଭାବରେ ବିବେଚନା କରାଯାଏ ଏବଂ ଯେଉଁଠାରେ ଇବ୍ରାହିମ ରାଇସିଙ୍କୁ କବର ଦିଆଯାଇଥିଲା। ଆଉ ଏକ ସମ୍ଭାବନା ହେଉଛି, ଇରାନ ଯୁଦ୍ଧର ଗମ୍ଭୀର ପରିସ୍ଥିତିକୁ ଦୃଷ୍ଟିରେ ରଖି ଖାମେନିଙ୍କ ଅନ୍ତିମ ସଂସ୍କାରକୁ ସ୍ଥଗିତ ରଖିପାରେ।

## ମଧ୍ୟପ୍ରାଚ୍ୟର ସବୁ ଫ୍ଲାଇଟ୍ସ ବାତିଲ୍ କଲା ଏୟାର ଇଣ୍ଡିଆ

ନୂଆଦିଲ୍ଲୀ, ୨।୩: ମଧ୍ୟପ୍ରାଚ୍ୟରେ ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ ପରେ, ଅନେକ ଦେଶ ସେମାନଙ୍କର ଆକାଶ ମାର୍ଗ ବନ୍ଦ କରିଦେଇଛନ୍ତି। ଯାହା ବିଶ୍ୱ ବିମାନ ଚଳାଚଳ ଉପରେ ଗୁରୁତର ପ୍ରଭାବ ପକାଇଛି। ଏହି ସମୟରେ, ଏୟାର ଇଣ୍ଡିଆ ଘୋଷଣା କରିଛି ଯେ ୨ ମାର୍ଚ୍ଚ ରାତି ୧୧ଟା ୫୯ ପର୍ଯ୍ୟନ୍ତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ସାଉଦି ଆରବ, ଇସ୍ରାଏଲ ଏବଂ କତାରକୁ ସମସ୍ତ ବିମାନ ଚଳାଚଳ ସମ୍ପୂର୍ଣ୍ଣ ଭାବରେ ବନ୍ଦ ରହିବ। ଏୟାର ଇଣ୍ଡିଆ ଯାତ୍ରୀମାନଙ୍କୁ ବିମାନ



କମ୍ପାନୀର ସରକାରୀ ୱେବସାଇଟ୍ କିମ୍ବା କଷ୍ଟମର କେୟାର ମାଧ୍ୟମରେ ବିମାନବନ୍ଦରକୁ ଯିବା ପୂର୍ବରୁ ଏୟାରଲାଇନ୍ ଷ୍ଟାଟସ ଯାଞ୍ଚ କରିବାକୁ ଅନୁରୋଧ କରିଛି। ପରିସ୍ଥିତି ସମୀକ୍ଷା କରିବା ପରେ ହିଁ ଏହି ସେବା ଗୁଡ଼ିକର ପୁନଃଆରମ୍ଭ ବିଷୟରେ ବିଚାର କରାଯିବା।

ରିପୋର୍ଟ ଅନୁଯାୟୀ, ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବଢ଼ୁଥିବା ସାମରିକ ସଂଘର୍ଷ ଏବଂ ସମ୍ପ୍ରତି କ୍ଷେପଣାସ୍ତ୍ର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଆକାଶ ମାର୍ଗ ଅସୁରକ୍ଷିତ ହୋଇଯାଇଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଅନେକ ଦେଶ ସେମାନଙ୍କର ଆକାଶ ମାର୍ଗ ବନ୍ଦ କରିଦେଇଛନ୍ତି। ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କ ସୁରକ୍ଷାକୁ ସର୍ବୋପରି ରଖି, ଏୟାର ଇଣ୍ଡିଆ ଏହି ରୁଟ୍ ଗୁଡ଼ିକରେ କାର୍ଯ୍ୟ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି। ଏୟାର ଇଣ୍ଡିଆ ଅନୁଯାୟୀ, ଯେଉଁ ପ୍ରମୁଖ ଗନ୍ତବ୍ୟସ୍ଥଳ ଗୁଡ଼ିକ ପାଇଁ ଉଡ଼ାଣ ବାତିଲ କରାଯାଇଛି ସେଗୁଡ଼ିକ ମଧ୍ୟରେ ୟୁଏଇର ଦୁବାଇ ଏବଂ ଆବୁଧାବି, ସାଉଦି ଆରବର ରିୟାଦ, ଜେଦ୍ଦା ଏବଂ ଦମ୍ମାମ, କତାରର ଦୋହା ଏବଂ ଇସ୍ରାଏଲର ତେଲ ଅଭିଭ ଅନ୍ତର୍ଭୁକ୍ତ। ଏହା କେବଳ ଉପସାଗରୀୟ ଦେଶଗୁଡ଼ିକୁ ନୁହେଁ ବରଂ ୟୁରୋପକୁ ଯାଉଥିବା କିଛି ଉଡ଼ାଣକୁ ମଧ୍ୟ ପ୍ରଭାବିତ କରିଛି। ଏୟାରଲାଇନ୍ସ ବିକଳ୍ପ ରୁଟ୍ ବ୍ୟବହାର କରି ଉତ୍ତର ଆମେରିକା ଏବଂ ୟୁରୋପକୁ କିଛି ଉଡ଼ାଣ ଜାରି ରଖିବାକୁ ଚେଷ୍ଟା କରିଛି।

## ନିବିଡ଼ ହେଉଛି ଭାରତ-କାନାଡା ସମ୍ପର୍କ



ନୂଆଦିଲ୍ଲୀ, ୨।୩: କାନାଡା ଓ ଭାରତ ମଧ୍ୟରେ ଉତଥାନ-ପତନ ଦେଇ ଗତି କରୁଥିବା ସମ୍ପର୍କକୁ ଦୁଇଦେଶ ପକ୍ଷରୁ ଉନ୍ନତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ, କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଭାରତ ଗସ୍ତରେ ଅଛନ୍ତି। ସୋମବାର ସେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି। ଏହି ସାକ୍ଷାତ ଦିଲ୍ଲୀର ହାଇଦ୍ରାବାଦ ହାଉସରେ ହୋଇଥିଲା। ସେଠାରେ ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବା ଉପରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପ୍ରଧାନମନ୍ତ୍ରୀ କାର୍ନି ବାଣିଜ୍ୟ, ଶକ୍ତି ଏବଂ ନୂତନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ଗଭୀର କରିବା ପାଇଁ ଏକ ବିସ୍ତୃତ କାର୍ଯ୍ୟ ଯୋଜନା ଉପରେ ମଧ୍ୟ ଆଲୋଚନା ହୋଇଛି। ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇ ଏକ ମିଳିତ ପ୍ରେସ୍ ବିବୃତି ପ୍ରକାଶ କରାଯାଇଛି। ଏହା ପରେ ଭାରତ ମଣ୍ଡପମରେ ଭାରତ-କାନାଡା ସିଇଓ ଫୋରମ୍ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଉଭୟ ଦେଶର ପ୍ରଧାନମନ୍ତ୍ରୀ ଯୋଗ ଦେଇଛନ୍ତି। ଏହି ଫୋରମ୍ ବାଣିଜ୍ୟ, ନିବେଶ ଏବଂ ଆର୍ଥିକ ସମ୍ପର୍କକୁ ଆହୁରି ନିବିଡ଼ କରିବା ପାଇଁ ଲକ୍ଷ୍ୟ ରଖିଛି।

ପ୍ରଧାନମନ୍ତ୍ରୀ କାର୍ନି ତାଙ୍କ ଗସ୍ତ ସମୟରେ କୃଷି, ଶିକ୍ଷା, ଶକ୍ତି, ଗବେଷଣା ଏବଂ ନବସୃଜନ ସମେତ ବିଭିନ୍ନ କ୍ଷେତ୍ରରେ ଚାଲିଥିବା ସହଯୋଗର ସମୀକ୍ଷା କରିଛନ୍ତି। ସେ ଦୁଇ ଦେଶ ମଧ୍ୟରେ ଆଞ୍ଚଳିକ ଏବଂ ବିଶ୍ୱ ବିକାଶ ଉପରେ ମଧ୍ୟ ଆଲୋଚନା କରିଛନ୍ତି।

## ପାକ୍ ଫୁଟାଣିର ଜବାବ ଦେଇଛି ତାଲିବାନ



ରାୱଲପିଣ୍ଡି, ୨।୩: ଇରାନ-ଇସ୍ରାଏଲ୍ ଯୁଦ୍ଧର ସ୍ଥିତି ଚାଲିଥିବା ବେଳେ ଆଫଗାନିସ୍ତାନ ଏବଂ ପାକିସ୍ତାନ ଭିତରେ ବଡ ସଂଘର୍ଷ ଜାରି ରହିଛି। ପାକିସ୍ତାନ ଦାବି କରିଛି ଯେ ତାଲିବାନର ୪୧୫ଜଣ ଲଢୁଆଙ୍କୁ ମାରି ଗଡ଼ାଇ ଦିଆଯାଇଛି। ଅସୀମ ମୁନିରଙ୍କ ପାକିସ୍ତାନୀ ବାୟୁସେନାକୁ ଏକ ବଡ଼ ଝଟକା ଲାଗିଛି। ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ତାଙ୍କ ବାୟୁସେନା ଅନେକ ପ୍ରମୁଖ ପାକିସ୍ତାନୀ ସାମରିକ ପ୍ରତିଷ୍ଠାନ ଉପରେ ବିମାନ ଆକ୍ରମଣ କରିଛି। ଏହି ବିବୃତ୍ତିରେ କୁହାଯାଇଛି ଯେ ରାୱଲପିଣ୍ଡିର ନୁର ଖାନ୍ ଏୟାରବେସ୍, କ୍ୱେଟାର ୧୨ କର୍ପସ ମୁଖ୍ୟାଳୟ, ଖୈବର ପଖତୁନଖ୍ୱାର ମହମ୍ମଦ ଏଜେନ୍ସି ଅଞ୍ଚଳ ଏବଂ ଅନ୍ୟାନ୍ୟ ଅନେକ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରାଯାଇଥିଲା। ଏହି ଆକ୍ରମଣକୁ ଅଭିଜ୍ଞତାର ସହିତ କରାଯାଇଥିଲା ଯେଉଁଥିରେ ଟାର୍ଗେଟଗୁଡ଼ିକୁ ପ୍ରବଳ କ୍ଷତି ପହଞ୍ଚିଥିଲା। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ପାକିସ୍ତାନ ଏନେଇ ଆନୁଷ୍ଠାନିକ ଭାବରେ କିଛି କହିନାହିଁ। ପାକିସ୍ତାନର ନୁର ଖାନ୍ ଏୟାରବେସ୍ ହେଉଛି ସେହି ସ୍ଥାନ ଯେଉଁଠାରେ ଭାରତ ଅପରେସନ ସିନ୍ଦୁର ସମୟରେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ସହିତ ଏକ ବଡ଼ ଆକ୍ରମଣ କରିଥିଲା। ଆଫଗାନ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ପାକିସ୍ତାନ ଦ୍ୱାରା ଆକାଶ ପଥର ସୀମା ଉଲ୍ଲଂଘନ ଜବାବରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିବୃତ୍ତିରେ କୁହାଯାଇଛି ଯେ ଗତକାଲି ରାତି ଏବଂ ଆଜି ସକାଳେ ପାକିସ୍ତାନୀ ବିମାନ କାବୁଲ, ବାଗ୍ରାମ ଏବଂ ଅନ୍ୟାନ୍ୟ ଅଞ୍ଚଳ ଉପରେ ଉଡ଼ିଥିଲା, ଯାହାକୁ ଆଫଗାନିସ୍ତାନ ନିଜର ଆକାଶ ପଥ ସୀମା ଉଲ୍ଲଂଘନ ବୋଲି କହିଛି। ଆଫଗାନିସ୍ତାନ ଚେତାବନୀ ଦେଇଛି ଯେ ଯଦି ପାକିସ୍ତାନୀ ସେନା ତାଙ୍କର ଆକାଶ ପଥର ସୀମାକୁ ଉଲ୍ଲଂଘନ ଜାରି ରଖେ ତେବେ ଏହାର କଡ଼ା ଜବାବ ଦିଆଯିବ। ପାକିସ୍ତାନ ଦାବି କରିଛି ଯେ ତାଲିବାନ ମଧ୍ୟ ଯଥେଷ୍ଟ କ୍ଷତି ସହିଛି। ପାକିସ୍ତାନ ରିପୋର୍ଟ କରି କହିଛି ଯେ ସାମରିକ କାର୍ଯ୍ୟାନୁଷ୍ଠାନରେ ବର୍ତ୍ତମାନ ପର୍ଯ୍ୟନ୍ତ ୪୧୫ ଜଣ ଆଫଗାନ ତାଲିବାନ ଲଢୁଆ ନିହତ ହୋଇଛନ୍ତି ଏବଂ ୫୮୦ ରୁ ଅଧିକ ଆହତ ହୋଇଛନ୍ତି ବୋଲି ପାକିସ୍ତାନର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଦେଇଛନ୍ତି। ସୋସିଆଲ ମିଡିଆ ପୋଷ୍ଟରେ ତାରାର ଦାବି କରିଛନ୍ତି ଯେ ପାକିସ୍ତାନୀ ସେନା ଅତି କମରେ ୧୮୨ ଆଫଗାନ ପୋଷ୍ଟକୁ ନଷ୍ଟ କରିଛନ୍ତି ଏବଂ ଅନ୍ୟ ୩୧ ଜଣଙ୍କୁ ବନ୍ଦୀ କରିଛନ୍ତି। ସେ ଏହା ମଧ୍ୟ ଦାବି କରିଛନ୍ତି ଯେ ଅପରେସନ ସମୟରେ ୧୮୫ ଟ୍ୟାଙ୍କ, ସଶସ୍ତ୍ର ଯାନ ଏବଂ ତୋପ ନଷ୍ଟ କରାଯାଇଛି ଏବଂ ଆଫଗାନିସ୍ତାନର ୪୬ ଟି ସ୍ଥାନକୁ ପ୍ରଭାବଶାଳୀ ଭାବରେ ବିମାନ ଆକ୍ରମଣ ଦ୍ୱାରା ଟାର୍ଗେଟ କରାଯାଇଛି।

## ନେତାନ୍ୟାହୁଙ୍କ ସହ କଥା ହେଲେ ମୋଦି

ନୂଆଦିଲ୍ଲୀ, ୨।୩: ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ଘନଘଟା ମଧ୍ୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ସହ କଥା ହେଲେ ମୋଦି। ଟେଲିଫୋନରେ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ କଥା ହୋଇ ଉଦବେଗ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସାଂପ୍ରତିକ ସ୍ଥିତିରେ ସାଧାରଣ ନାଗରିକଙ୍କ ସୁରକ୍ଷା ସବୁଠୁ ବଡ଼ ପ୍ରାଥମିକତା ବୋଲି କହିଛନ୍ତି ମୋଦି। ନେତାନ୍ୟାହୁଙ୍କ ସହ କଥା ହେବା ପରେ ଏକ୍ସରେ ଜଣାଇଛନ୍ତି ମୋଦି। ଏଥିସହ ୟୁଏଇ ରାଷ୍ଟ୍ରପତିଙ୍କ ସହ ମଧ୍ୟ କଥା ହେଲେ ପ୍ରଧାନମନ୍ତ୍ରୀ ମୋଦି। ୟୁଏଇ ଉପରେ ଆକ୍ରମଣକୁ କଡ଼ା ନିନ୍ଦା ସହ



ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏଭଳି ସମୟରେ ଭାରତ ୟୁଏଇ ସହିତ ଅଛି ଏବଂ ସେଠାରେ ରହୁଥିବା ଭାରତୀୟଙ୍କୁ ସୁରକ୍ଷା ଦେଇଥିବାରୁ ଧନ୍ୟବାଦ ଜଣାଇଛନ୍ତି।

● ଆଜି ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ

# ପ୍ରାତଃ ୬.୦୪ରୁ ହାଣ୍ଡିଛାଡ଼

**ଭୁବନେଶ୍ୱର, ୨।୩ (ସଂଚାର ବ୍ୟୁରୋ) :** ଆସନ୍ତାକାଲି ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ । ଦୋଳ ପୂର୍ଣ୍ଣମୀରେ ପଡ଼ିବ ଗ୍ରହଣ ଛାୟା। ଅପରାହ୍ନ ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରେ ଗ୍ରହଣ ସ୍ପର୍ଶ। ଏହା କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ। ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଉତ୍ତର ପୂର୍ବ ରାଜ୍ୟ ଗୁଡିକ ଓ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ଚନ୍ଦ୍ରଗ୍ରହଣ ସମ୍ପୂର୍ଣ୍ଣ ଦୃଶ୍ୟମାନ ହେବ । ହେଲେ ଅବଶିଷ୍ଟ ଭାରତରେ ଚନ୍ଦ୍ରଗ୍ରହଣର ଶେଷ ପର୍ଯ୍ୟାୟ ଦୃଶ୍ୟମାନ ହେବ । ଜ୍ୟୋତିର୍ବିଦଙ୍କ ଅନୁସାରେ, ଅପରାହ୍ନ ୩ଟା ୨୦ ମିନିଟ୍ ୧୭ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ଆରମ୍ଭ ହେବ। ପୂର୍ଣ୍ଣ ଗ୍ରହଣ ଗ୍ରାସ ଅବଧି ୫୬ ମିନିଟ୍ ୦୬ ସେକେଣ୍ଡ ରହିଛି। ସନ୍ଧ୍ୟା ୬ଟା ୪୭ ମିନିଟରେ ଗ୍ରହଣ ସର୍ବମୋକ୍ଷ । ତେବେ ମଙ୍ଗଳବାର ସକାଳ ୬ଟା ୪ ମିନିଟରୁ ହାଣ୍ଡି ଛାଡ଼ ହେବ। ଏଥର ହାଣ୍ଡି ଛାଡ଼ ଅବଧି ପ୍ରାୟ ୧୩ ଘଣ୍ଟାରୁ ଅଧିକ ରହିଛି । ଚନ୍ଦ୍ରଗ୍ରହଣର ଘାତ କାଳ ସମୟକୁ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ଗ୍ରହଣ ଆରମ୍ଭ ହେବାର ୯ ଘଣ୍ଟା ପୂର୍ବରୁ ଘାତ ସମୟ ଆରମ୍ଭ ହେବ । ତେଣୁ ଏହି ସମୟ ମଧ୍ୟରେ କୌଣସି ଶୁଭ କାର୍ଯ୍ୟ କରିବା ଅନୁଚିତ । ମଙ୍ଗଳବାର ସକାଳ ୬.୨୦ରେ ଘାତ କାଳ ଆରମ୍ଭ ହେଉଥିବାବେଳେ ସନ୍ଧ୍ୟା ୬.୪୬ରେ ଘାତ କାଳ ଶେଷ ହେବ। ଏହି ସମୟ ମଧ୍ୟରେ ଦେବପୂଜା ଓ ପାକନିଷେଧ କରାଯାଇଛି। ଜ୍ୟୋତିର୍ବିଦଙ୍କ ଅନୁସାରେ, ମେଷ, ମିଥୁନ, ସିଂହ, ବିଛା, ତୁଳା, ଧନୁ, ମୀନ ରାଶିର ବ୍ୟକ୍ତିବିଶେଷଙ୍କ ପାଇଁ ଗ୍ରହଣ ଦର୍ଶନ ଅତି ଶୁଭ। ମକର, ବୃଷ, କର୍କଟ, କନ୍ୟା ରାଶି ପାଇଁ ଗ୍ରହଣ ଦର୍ଶନ ମହାବିପଦ ବୋଲି କୁହାଯାଇଛି । ଭାରତୀୟ ପାରମ୍ପରିକ ଧାରଣା ଅନୁଯାୟୀ, ଚନ୍ଦ୍ର ଗ୍ରହଣର ବିଶେଷ ଧାର୍ମିକ ମହତ୍ତ୍ୱ ରହିଛି। ପୁରାଣ କଥା ଅନୁସାରେ ରାହୁ ଓ କେତୁ ଚନ୍ଦ୍ରକୁ ଗ୍ରାସ କରନ୍ତି ବୋଲି ବିଶ୍ୱାସ ଅଛି।

ଇଣ୍ଡିଆସ୍କିଲ୍ସ ଆଞ୍ଚଳିକ ପ୍ରତିଯୋଗିତା ୨୦୨୫-୨୬

# ଚମକିଲେ ପୂର୍ବ ଭାରତର ଦକ୍ଷ ଯୁବ ପ୍ରତିଭା




**ଭୁବନେଶ୍ୱର,୨।୩(ସଂଚାର ବ୍ୟୁରୋ):** ପୂର୍ବ ଭାରତ ପାଇଁ ଆୟୋଜିତ ଇଣ୍ଡିଆସ୍କିଲ୍ସ ଆଞ୍ଚଳିକ ପ୍ରତିଯୋଗିତା ୨୦୨୫-୨୬ ଆଜି ଉଦଯାପିତ ହୋଇଛି। ଏହା ଥିଲା ଯୁବ ପ୍ରତିଭା, ବୈଷୟିକ ଉତ୍କର୍ଷତା ଏବଂ ଆଞ୍ଚଳିକ ଗୌରବର ମହାକୁମ୍ଭ। କେନ୍ଦ୍ର କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ଏବଂ ଜାତୀୟ କୌଶଳ ବିକାଶ ନିଗମ ସହାୟତାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ୨୦୦ରୁ ଅଧିକ ଦକ୍ଷ ଯୁବକଯୁବତୀ ୫୯ଟି କୌଶଳ ବର୍ଗରେ ଅଂଶଗ୍ରହଣ କରିଥିଲେ।

ଏହି ଅବସରରେ କେନ୍ଦ୍ର କୌଶଳ ବିକାଶ ଏବଂ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି, ଏହି ପ୍ରତିଯୋଗିତା ଆମ ଯୁବପିଢ଼ିଙ୍କ ମଧ୍ୟରେ ବଢ଼ୁଥିବା ଆକାଂକ୍ଷା ଏବଂ ସାମର୍ଥ୍ୟର ପ୍ରତିଫଳନ। ପୂର୍ବ ଭାରତର ରାଜ୍ୟଗୁଡ଼ିକ ଦେଶର ବିକାଶ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏହି ପ୍ଲାଟଫର୍ମ ଶିଳ୍ପ ସଂସ୍ଥା ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରତିଟି ଜିଲ୍ଲାର ପ୍ରତିଭାଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି, ଯାହା 'ବିକଶିତ ଭାରତ' ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ସେହିପରି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ପ୍ରକୃତ ବିକାଶ କେବଳ ଅର୍ଥନୈତିକ ଅଭିବୃଦ୍ଧି ନୁହେଁ, ଏହା ଦକ୍ଷତା ଉପରେ ଆଧାରିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଅନୁଯାୟୀ, ଯେତେବେଳେ ଜ୍ଞାନ ଏବଂ କୌଶଳ ଏକାଠି ହୁଏ, ସେତେବେଳେ ଦେଶର ଶକ୍ତି ବହୁଗୁଣିତ ହୁଏ। ଏହି ଯାତ୍ରାରେ ରାଜ୍ୟ ସରକାର ବିକଶିତ ଓଡ଼ିଶାର ଦୃଷ୍ଟିକୋଣ ହାସଲ କରିବା ପାଇଁ ଏକ ସ୍ପଷ୍ଟ ଏବଂ ଭବିଷ୍ୟତମୁଖୀ ରୋଡମ୍ୟାପ୍ ଉପସ୍ଥାପନ କରି ଉଦାହରଣ ସ୍ଥାପନ କରିଛନ୍ତି। ସେହିପରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରିକଳ୍ପିତ ସ୍କିଲ୍ ଇଣ୍ଡିଆ ମିଶନ ଦକ୍ଷତା ବିକାଶକୁ ଏକ ଜାତୀୟ ଆନ୍ଦୋଳନରେ ପରିଣତ କରିଛି। ସେ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ କହିଥିଲେ ଯେ ଶିକ୍ଷା ସହିତ ନିଯୁକ୍ତି ଏବଂ ନୂତନତ୍ୱର ସମନ୍ୱୟ ଏହି ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିଛି।

ଉଦଯାପନୀ ସମାରୋହରେ ମୋଟ ୧୩୨ ଜଣ କୃତୀ ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରାଯାଇଛି। ୫୩ ଜଣଙ୍କୁ ସ୍ୱର୍ଣ୍ଣ ପଦକ, ୪୮ଜଣଙ୍କୁ ରୌପ୍ୟ ପଦକ ଏବଂ ୩୧ ଜଣଙ୍କୁ କାଂସ୍ୟ ପଦକରେ ସମ୍ମାନିତ କରାଯାଇଛି। ସେହିପରି ୩୭ ଜଣଙ୍କୁ ଉତ୍କର୍ଷତା ପଦକ ଦିଆଯାଇଛି।

# ଯୁଦ୍ଧ ଯୋଗୁଁ ସଙ୍କଟରେ ବିଶ୍ୱ ଅର୍ଥନୀତି



**ନୂଆଦିଲ୍ଲୀ, ୨।୩:** ମଧ୍ୟ ପ୍ରାଚ୍ୟରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଜାରି ରହିଥିବା ବିବାଦ ଏବେ ବିଶ୍ୱ ଅର୍ଥବ୍ୟବସ୍ଥାକୁ ଏକ ବଡ଼ ସଙ୍କଟ ଆଡ଼କୁ ଠେଲି ଦେଇଛି। ରଏଟର୍ସର ରିପୋର୍ଟ ଅନୁଯାୟୀ, କଞ୍ଚା ତେଲ ଏବଂ ଗ୍ୟାସ ବୋଝେଇ ହୋଇଥିବା ପ୍ରାୟ ୧୫୦ଟି ଟ୍ୟାଙ୍କର ଏବେ ସମୁଦ୍ର ମଝିରେ ଅଟକି ରହିଛନ୍ତି। ଉତ୍ତେଜନା କାରଣରୁ ଏହି ଜାହାଜଗୁଡ଼ିକ ହୋର୍ମୁଜ ଜଳସନ୍ଧି (ଷ୍ଟ୍ରେଟ ଅଫ ହର୍ମୁଜ) ଦେଇ ଯିବାକୁ ଭୟ କରୁଛନ୍ତି। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଏଲଏନ୍‌ଜି (ଏଲନଜି) ବା ତରଳୀକୃତ ପ୍ରାକୃତିକ ଗ୍ୟାସ ଏହି ମାର୍ଗ ଦେଇ ପରିବହନ କରାଯାଏ। ଯଦି ଇରାନ ଏହି ଜଳପଥକୁ ବନ୍ଦ କରେ, ତେବେ ସାରା ବିଶ୍ୱରେ ଶକ୍ତି ସଙ୍କଟ ଦେଖାଦେବ। ବ୍ଲୁମବର୍ଗର ରିପୋର୍ଟ ଅନୁଯାୟୀ, ଏହି ଅଞ୍ଚଳରେ ସାମାନ୍ୟ ହଲଚଲ ମଧ୍ୟ ଗ୍ୟାସ ଦରକୁ ଆକାଶଛୁଆଁ କରିଦେଇପାରେ। ଏହି ସଙ୍କଟର ସବୁଠାରୁ ବଡ଼ ପ୍ରଭାବ ଭାରତ ଉପରେ ପଡ଼ିପାରେ। ଭାରତ ନିଜର ମୋଟ ଗ୍ୟାସ ଆବଶ୍ୟକତାର ୪୦ ପ୍ରତିଶତ କେବଳ କତାରରୁ ଆମଦାନୀ କରିଥାଏ। କତାର୍ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ତମ ଗ୍ୟାସ ରପ୍ତାନିକାରୀ ଦେଶ ଏବଂ ଏହାର ସମସ୍ତ ଗ୍ୟାସ ଜାହାଜ ହୋର୍ମୁଜ ଜଳସନ୍ଧି ଦେଇ ଯାଇଥାଏ। ଗତ ବର୍ଷ କତାର୍ ରପ୍ତାନି କରିଥିବା ଗ୍ୟାସ ମଧ୍ୟରୁ ଚାଇନା(୨୦ ମିଲିୟନ ଟନ) ପରେ ଭାରତ (୧୨ ମିଲିୟନ ଟନ) ଦ୍ୱିତୀୟ ବଡ଼ କ୍ରେତା ଥିଲା। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, ଏହି ସ୍ଥିତି ରୁଷ-ୟୁକ୍ରେନ ଯୁଦ୍ଧ ସମୟର ସ୍ମୃତିକୁ ତାଜା କରିଦେଇଛି। ସେତେବେଳେ ୟୁରୋପ ସଙ୍କଟରେ ଥିବାବେଳେ ଏଥର ଏସିଆ ସବୁଠାରୁ ଅଧିକ ପ୍ରଭାବିତ ହେବାକୁ ଯାଉଛି। ଚାଇନା, ତାଇୱାନ, ପାକିସ୍ତାନ ଏବଂ ଦକ୍ଷିଣ କୋରିଆ ମଧ୍ୟ କତାର୍ ଗ୍ୟାସ ଉପରେ ନିର୍ଭରଶୀଳ। ଶିପ ଟ୍ରାକିଂ ଡାଟା ଅନୁଯାୟୀ, ଅତିକମରେ ୧୧ଟି ଏଲଏନ୍‌ଜି ଟ୍ୟାଙ୍କର ସେମାନଙ୍କ ଯାତ୍ରାକୁ ଅଧାରେ ଅଟକାଇ ଦେଇଛନ୍ତି। ଯଦିଓ କତାର୍ ଏନର୍ଜି ପକ୍ଷରୁ ସରକାରୀ ଭାବେ କୌଣସି ଜାହାଜ ବନ୍ଦ କରାଯାଇ ନାହିଁ, କିନ୍ତୁ ଅନିଶ୍ଚିତତା କାରଣରୁ ବଜାରରେ ଭୟର ବାତାବରଣ ଖେଳିଯାଇଛି। କଞ୍ଚା ତେଲ ଦର ବଢ଼ିଲେ ଗ୍ୟାସ ଦର ମଧ୍ୟ ସିଧାସଳଖ ବଢ଼ିବ। କେବଳ ସାମୁଦ୍ରିକ ମାର୍ଗ ନୁହେଁ, ପାଇପଲାଇନ ଜରିଆରେ ଇରାନରୁ ୧୫ ପ୍ରତିଶତ ଗ୍ୟାସ ଆଣୁଥିବା ତୁର୍କୀ ମଧ୍ୟ ଏବେ ଚାପରେ ରହିଛି। ଯଦି ଏହି ବିବାଦ ଲମ୍ବା ସମୟ ଧରି ଚାଲେ, ତେବେ ଭାରତ ସମେତ ଅନେକ ଦେଶରେ ଗ୍ୟାସ ଏବଂ ଇନ୍ଧନ ଦର ବଢ଼ିବା ସୁନିଶ୍ଚିତ, ଯାହା ସାଧାରଣ ଜନତାଙ୍କ ପକେଟ ଉପରେ ମାଡ଼ ହେବ।

# 'ମାୟା ସାହିତ୍ୟ'ର ସାହିତ୍ୟିକ ଆଲୋଚନାଚକ୍ର




**ଭୁବନେଶ୍ୱର,୨।୩(ସଂଚାର ବ୍ୟୁରୋ):** ଆଜି 'ମାୟା ସାହିତ୍ୟ' ଆନୁକୂଲ୍ୟରେ ଏକ ଭବ୍ୟ ସାହିତ୍ୟିକ ଆସର ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଓଡ଼ିଶା ଓ ଝାଡ଼ଖଣ୍ଡ ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ବିଶିଷ୍ଟ କବି ତଥା ବରିଷ୍ଠ ସାହିତ୍ୟିକ ହର ପ୍ରସାଦ ଦାସ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ଏଥିସହ ରାଜ୍ୟର ବହୁ ମାନ୍ୟଗଣ୍ୟ କବି, ସାହିତ୍ୟିକ ତଥା ବୁଦ୍ଧିଜୀବୀମାନେ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ। ଶ୍ରୀ ମିଶ୍ର କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କହିଥିଲେ ଯେ ସମାଜ ଗଠନରେ ସାହିତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାହିତ୍ୟ ମାଧ୍ୟମରେ ହିଁ ଆମର ଭାଷା, ସଂସ୍କୃତି ଓ ଚିନ୍ତାଧାରାର ସଂରକ୍ଷଣ ସମ୍ଭବ ହୋଇଥାଏ, ତେଣୁ ଆଜିର ଯୁବ ପିଢ଼ିଙ୍କୁ ସାହିତ୍ୟ ପ୍ରତି ଅଧିକ ଆକୃଷ୍ଟ କରିବା ଆବଶ୍ୟକ। ବିଶିଷ୍ଟ ସାହିତ୍ୟିକ ଶ୍ରୀ ଦାସ ବିଶ୍ୱ ସାହିତ୍ୟ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟର ସ୍ଥିତି ଓ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଓଡ଼ିଆ ସାହିତ୍ୟର ମୂଳଦୁଆ ଅତି ସୁଦୃଢ଼ ଏବଂ ସମାଜକୁ ସଠିକ୍ ଦିଗରେ ଆଗେଇ ନେବାରେ ଏହାର ଭୂମିକା ଅପରିସୀମ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମାୟା ସାହିତ୍ୟର ନିର୍ଦ୍ଦେଶକ ପ୍ରମୋଦ ପ୍ରଧାନ ସ୍ୱାଗତ ଭାଷଣ ରଖିଥିବା ବେଳେ ଶେଷରେ କବି ଅମରେନ୍ଦ୍ର ମାଧବ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ବିଶିଷ୍ଟ କବି ଓ ଅନୁବାଦକ କମଳ ପ୍ରସାଦ ମହାପାତ୍ର,ବିଶିଷ୍ଟ କବି ଓ ସମ୍ପାଦକ ସଂଗ୍ରାମ ଜେନା, କବି ଓ ଅନୁବାଦକ ସୂର୍ଯ୍ୟ ମିଶ୍ର, କବି ରକ୍ଷକ ନାୟକ, ସମ୍ପାଦିକା ମଧୁଲିତା ପରିଡା, କବି ଅକ୍ଷୟ କୁମାର ବେହେରା, କବି ସୁଧିର ମଉଡ଼ମଣି, ଗାଳ୍ପିକ ଅମରେଶ ବିଶ୍ୱାଳ ଯୋଗଦେଇ ନିଜ ନିଜର ମତ ଓ ଅଭିଜ୍ଞତା ବାଣ୍ଟିଥିଲେ।

# ହୋଲି ରଙ୍ଗ ଫିକା ପଡିବ!

**ନୂଆଦିଲ୍ଲୀ,୨।୩:** ଦିନକ ପରେ ରଙ୍ଗର ପର୍ବ ହୋଲି। ରାଜ୍ୟ ସହ ଦେଶର ବିଭିନ୍ନ ସ୍ଥାନର ରଙ୍ଗର ପର୍ବ ହୋଲି ମନାଇବାକୁ ପ୍ରାୟତଃ ସମସ୍ତେ ପ୍ରସ୍ତୁତ ହୋଇସାରିଥିବେ। କିନ୍ତୁ ବନ୍ଧୁତ୍ୱ, ସ୍ନେହ ଶ୍ରଦ୍ଧାର ରଙ୍ଗ ଫିକା ହେବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ଆସନ୍ତା ୪ରୁ ୮ ତାରିଖ ପର୍ଯ୍ୟନ୍ତ ଝଡ଼ବର୍ଷା ହେବ ବୋଲି ୬ଟି ରାଜ୍ୟକୁ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସତର୍କ କରାଯାଇଛି। ଅବଶ୍ୟ ଏହି ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ ନୁହେଁ।ଆଇଏମଡି ଅନୁଯାୟୀ, ଚଳିତ ସପ୍ତାହରେ ଦେଶରେ ଦୁଇଟି ପଶ୍ଚିମ ଝଡ଼ ସକ୍ରିୟ ହେବ। ଆସନ୍ତା ୪ ତାରିଖ ରାତିରେ ପଶ୍ଚିମ ହିମାଳୟ ଅଞ୍ଚଳରେ ଏକ ନୂତନ ପଶ୍ଚିମ ଝଡ଼ ଆଶଙ୍କା କରାଯାଉଛି। ୬ ତାରିଖରେ ପଶ୍ଚିମ ହିମାଳୟ ଅଞ୍ଚଳରେ ଆଉ ଏକ ପଶ୍ଚିମ ଝଡ଼ ମଧ୍ୟ ପହଞ୍ଚିପାରେ। ଚଳିତ ସପ୍ତାହରେ ଆଶା କରାଯାଉଥିବା ଉଭୟ ପଶ୍ଚିମୀ ଝଡ଼ ଦୁର୍ବଳ ହେବ, କିନ୍ତୁ ସେମାନଙ୍କର ପ୍ରଭାବରେ ୪ ରୁ ୮ ମାର୍ଚ୍ଚ ମଧ୍ୟରେ ଜମ୍ମୁ-କଶ୍ମୀରରେ ବର୍ଷା ଓ ତୁଷାରପାତ ହେବ। ହିମାଚଳ ପ୍ରଦେଶରେ ୭ ଓ ୮ ମାର୍ଚ୍ଚରେ ବର୍ଷା ଏବଂ ତୁଷାରପାତ ହୋଇପାରେ। ସେହିପରି ୮ ତାରିଖରେ ଉତ୍ତରାଖଣ୍ଡରେ ହାଲୁକା ବର୍ଷା ଏବଂ ତୁଷାରପାତ ହେବାର ସମ୍ଭାବନା ଅଛି। ଏହା ବ୍ୟତୀତ, ଆସାମ, ମେଘାଳୟ ଏବଂ ଅରୁଣାଚଳ ପ୍ରଦେଶରେ ମଧ୍ୟ ଆସନ୍ତାକାଲି ଝଡ଼ବର୍ଷା ଏବଂ ବଜ୍ରପାତ ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତର-ପଶ୍ଚିମ ଭାରତରେ ଗ୍ରୀଷ୍ମ ଆରମ୍ଭ ହୋଇଛି। ଦିନବେଳା ସୂର୍ଯ୍ୟକିରଣ ପ୍ରବଳ ଗରମ ଆଣିଛି। ପାଣିପାଗ ବିଭାଗ ମଧ୍ୟ ଏହି ସପ୍ତାହରେ ଉତ୍ତର-ପଶ୍ଚିମ ଓ ମଧ୍ୟ ଭାରତର କିଛି ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାର ପୂର୍ବାନୁମାନ କରିଛି। ଘଣ୍ଟା ପ୍ରତି ୩୦ରୁ ୩୫ କିମି ବେଗରେ ଗରମ ପବନ ବହିପାରେ। ଆସାମ, ମେଘାଳୟ, ଅରୁଣାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଏବଂ ହିମାଚଳ ପ୍ରଦେଶରେ ମଧ୍ୟ ବର୍ଷା ଏବଂ ତୁଷାରପାତ ହେବାର ସମ୍ଭାବନା ଅଛି।


# ନବଦ୍ୱୀପର ଗୌଡ଼ୀୟ ମଠରେ ଦୋଳଯାତ୍ରା



**କୋଲକାତା,୨।୩(ସଂଚାର ବ୍ୟୁରୋ):** ଫାଲଗୁନର ଶେଷ ମୁହୂର୍ତ୍ତରେ ଯେତେବେଳେ ବଙ୍ଗଳାର ଆକାଶ ରଙ୍ଗର ଏକ ସ୍ପନ୍ଦନଶୀଳ ବିସ୍ଫୋରଣରେ ପରିପୂର୍ଣ୍ଣ ଥିଲା, ଗଙ୍ଗା କୂଳରେ ଥିବା ନବଦ୍ୱୀପ ଏକ ଆଧ୍ୟାତ୍ମିକ ପରିବେଶରେ ବୁଡ଼ି ଯାଇଥିଲା। ଗୌଡ଼ୀୟ ମଠରେ ଦୋଳ ଯାତ୍ରା ଓ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଆବିର୍ଭାବ ଉତ୍ସବ ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତିର ସହିତ ପାଳନ କରାଯାଇଥିଲା। ୧୪୮୬ ଖ୍ରୀଷ୍ଟାବ୍ଦରେ, ଫାଲଗୁଣ ପୂର୍ଣ୍ଣିମା ସନ୍ଧ୍ୟାରେ, ଶ୍ରୀ ଚୈତନ୍ୟ ମହାପ୍ରଭୁ ନବଦ୍ୱୀପରେ ଜନ୍ମଗ୍ରହଣ କରିଥିଲେ। ସେହି ସମୟରେ ଏକ ଚନ୍ଦ୍ରଗ୍ରହଣ ଚାଲୁଥିଲା, ଏବଂ ଅଗଣିତ ଭକ୍ତ ଗଙ୍ଗା କୂଳରେ ହରିନାମ ସଂକୀର୍ତ୍ତନରେ ମଗ୍ନ ଥିଲେ। ଏହି ପବିତ୍ର ଧ୍ୱନି ମଧ୍ୟରେ, ମହାପ୍ରଭୁଙ୍କ ପ୍ରକାଶ ପ୍ରେମ, ଭକ୍ତି ଏବଂ ସଂକୀର୍ତ୍ତନର ଆନ୍ଦୋଳନର କେନ୍ଦ୍ର ପାଲଟିଥିଲା। ଧାମ ପରିକ୍ରମା ଉତ୍ସବର ପାଞ୍ଚ ଦିନ ପୂର୍ବରୁ ଆରମ୍ଭ ହୋଇଥିଲା। ସାଧୁ, ସନ୍ୟାସୀ ଏବଂ ଭକ୍ତମାନେ ଏକ ମହାନ କୀର୍ତ୍ତନ ସହିତ ସହର ପରିକ୍ରମାରେ ଅଂଶଗ୍ରହଣ କରିଥିଲେ। ପତାକା ଏବଂ ମାଳ ସହିତ କୀର୍ତ୍ତନର ସୁମଧୁର ଧ୍ୱନି ନବଦ୍ୱୀପର ରାସ୍ତା ଦେଇ ଶୋଭାଯାତ୍ରାକୁ ଆଗେଇ ନେଇଥିଲା, ସମଗ୍ର ସହରକୁ ଭକ୍ତିରେ ପରିପୂର୍ଣ୍ଣ କରି ଦେଇଥିଲା। ଗୌଡ଼ୀୟ ମିଶନର ଅଧ୍ୟକ୍ଷ ତଥା ଆଚାର୍ଯ୍ୟ ଭକ୍ତିସୁନ୍ଦର ସନ୍ୟାସୀ ମହାରାଜ କହିଛନ୍ତି ଯେ ଚଳିତ ବର୍ଷ ଚନ୍ଦ୍ରଗ୍ରହଣ ଦିନ ମହାପ୍ରଭୁଙ୍କ ଆବିର୍ଭାବର ୫୪୦ତମ ବାର୍ଷିକୀ ପାଳନ ପାଇଁ ୫୪୦ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ବିଶେଷ ପ୍ରାର୍ଥନା କରାଯାଇଥିଲା।

ବିଜେପିର 'ପରିବର୍ତ୍ତନ ଯାତ୍ରା' ଆରମ୍ଭ

# ଅମିତ ଶାହଙ୍କ ସମେତ ହେଭିୱେଟ୍ ନେତା



**କୋଲକାତା,୨।୩(ସଂଚାର ବ୍ୟୁରୋ):** ନିର୍ବାଚନ ତାରିଖ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। କିନ୍ତୁ ପଶ୍ଚିମବଙ୍ଗରେ ରାଜନୈତିକ ପାରଦ ବଢ଼ିବା ଆରମ୍ଭ ହୋଇଛି। ବିଜେପିର ଅଖିଳ ଭାରତୀୟ ସଭାପତି ନୀତିନ ନବୀନ ରବିବାର କୋଚବିହାରରୁ 'ପରିବର୍ତ୍ତନ ଯାତ୍ରା' ଆରମ୍ଭ କରିଛନ୍ତି। ସୋମବାର ରାଜ୍ୟର ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଜେପି ସୂତ୍ର ଅନୁସାରେ, ଦକ୍ଷିଣ ୨୪ ପ୍ରଗଣାର ମଥୁରାପୁରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ହାଓଡ଼ା ଆମତାରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଉତ୍ତର ୨୪ ପ୍ରଗଣାର ସନ୍ଦେଶଖାଲିରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ, ଉତ୍ତର ଦିନାଜପୁରର ଇସଲାମପୁରରେ ଅଖିଳ ଭାରତୀୟ ବିଜେପି ସଭାପତି ନୀତିନ ନବୀନ ଏବଂ ବୀରଭୂମର ହାସନରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ମାର୍ଚ୍ଚ ୧ ଏବଂ ୨ ତାରିଖ ଏହି ଦୁଇ ଦିନର ଉଦଘାଟନୀ ଉତ୍ସବରେ ବଙ୍ଗଳାରେ ଏତେ ସଂଖ୍ୟକ ହେଭିୱେଟ୍ ବିଜେପି ନେତା ଏବଂ ମନ୍ତ୍ରୀ ଏକାଠି ଦେଖାଯାଇନାହାଁନ୍ତି। ବିଜେପି ସୂତ୍ର ଅନୁଯାୟୀ, 'ପରିବର୍ତ୍ତନ ଯାତ୍ରା' କାର୍ଯ୍ୟକ୍ରମ ମାର୍ଚ୍ଚ ୧ରେ କୋଚବିହାର, କୃଷ୍ଣନଗର, କୁଲଟି, ଗଡ଼ବେଟା ଏବଂ ରାୟଦିଘିରେ ଉଦ୍‌ଘାଟିତ ହୋଇଥିଲା। ମାର୍ଚ୍ଚ ୨ରେ ଏହା ଇସଲାମପୁର, ବୀରଭୂମ, ସନ୍ଦେଶଖାଲି ଏବଂ ଆମତାରେ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନର ବିଜେପି ସଭାପତି ନୀତିନ ନବୀନ ଉଦଘାଟନର ଉଭୟ ଦିନ ପାଇଁ ରାଜ୍ୟରେ ଥିଲେ। ମାର୍ଚ୍ଚ ୧ରେ ପୂର୍ବତନ ଅଖିଳ ଭାରତୀୟ ସଭାପତି ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା କୃଷ୍ଣନଗରରେ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଡ଼ବେଟାରେ ଏବଂ କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସ୍ମୃତି ଇରାନୀ 'ଯାତ୍ରା' ଆରମ୍ଭ କରିବା ପାଇଁ କୁଲଟିରେ ଥିଲେ। ରବିବାର 'ପରିବର୍ତ୍ତନ ଯାତ୍ରା' ଆରମ୍ଭ କରିବା ପାଇଁ କୋଚବିହାରରେ ରଥ ଆକାରରେ ଏକ କାର ସଜାଯାଇଥିଲା। ନୀତିନ ନବୀନ ରଥରେ ପତାକା ଦେଖାଇ ଯାତ୍ରା ଆରମ୍ଭ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମିସାଇଲ୍...

କ୍ଷମାପତ୍ରରେ ନିପାତ କରାଯିବ ଓ ନିଃସଙ୍କୋଚରେ ଏପରି ଚରମ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଚଳିତ ଯୁଦ୍ଧ ଆରମ୍ଭ ହୋଇଛି ମାନେ ଆମେରିକା ଏହାକୁ ଶେଷ କରିବ। ଏଥିପାଇଁ ଇରାନ୍‌କୁ ବହୁମୂଲ୍ୟ ଦେବାକୁ ପଡ଼ିବ। ଆବଶ୍ୟକ ସ୍ଥଳେ ଇରାନ୍‌ର ଆଣବିକ କେନ୍ଦ୍ରଗୁଡ଼ିକୁ ବି ଧ୍ୱଂସସ୍ତୂପରେ ପରିଣତ କରିଦିଆଯିବ। ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ୍ ଆମକୁ ଯେକୌଣସି ପଦକ୍ଷେପ ନେବାକୁ ସ୍ୱାଧୀନତା ଦେଇଛନ୍ତି ଓ ଆମେରିକା ଏହି ଯୁଦ୍ଧରେ ଜିତିବା ସକାଶେ ନା ସମୟ ନା ଜୀବନ, କିଛି ବି ନଷ୍ଟ କରିବା ସପକ୍ଷରେ ନାହିଁ ବୋଲି ଶ୍ରୀ ହିସେଥ୍ କହିଛନ୍ତି।

ଅନ୍ୟପକ୍ଷରେ ଇରାନ୍ ଗଲ୍ଫ ଦେଶରେ ଥିବା ଆମେରିକା ଓ ଇସ୍ରାଏଲ୍‌ର ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି। ତେବେ ଇତିମଧ୍ୟରେ ଇରାନ୍‌ରେ ୫୫୦ରୁ ଊର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇସାରିଥିବା ଜଣାପଡ଼ିଛି। ସେହିପରି ଦେଶର ନିରାପତ୍ତା ମୁଖ୍ୟ ଅଲୀ ଲାରିଜାନି ଆମେରିକୀୟ ଗଣମାଧ୍ୟମରେ ପ୍ରସାରିତ ଆମେରିକା ସହ ଆଣବିକ ଆଲୋଚନା ପାଇଁ ସେ ପ୍ରସ୍ତାବ ଦେଇଥିବା ଖବରକୁ ଖଣ୍ଡନ କରିଛନ୍ତି। ସେହିପରି କୁଏତ୍‌ରେ ଆଜି ଅନେକଗୁଡ଼ିଏ ଆମେରିକୀୟ ଯୁଦ୍ଧ ବିମାନକୁ ନଷ୍ଟ କରିଦିଆଯାଇଛି ବୋଲି ସେଠାକାର ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ତେବେ ଏଗୁଡ଼ିକ କୁଏତ୍‌ର ପ୍ରତିରକ୍ଷା ବିଭାଗ ପକ୍ଷରୁ ଭୁଲ୍‌ବଶତଃ ନଷ୍ଟ କରାଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସେହିପରି ଇସ୍ରାଏଲ୍ ଆକ୍ରମଣରେ ଲେବାନନ୍‌ରେ ୩୧ ଜଣଙ୍କ ପ୍ରାଣହାନୀ ଘଟିଥିବା ଜଣାପଡ଼ିଛି। ଲେବାନନ୍ ସରକାର ହେଜବୋଲାର ସାମରିକ କାର୍ଯ୍ୟକଳାପ ଉପରେ କଟକଣା ଘୋଷଣା କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କେତେକ ଗଣମାଧ୍ୟମକୁ କହିଛନ୍ତି ଯେ ଇରାନ୍ ବିରୋଧରେ ଚାଲିଥିବା ଯୁଦ୍ଧ ଈପ୍ସିତ ଫଳାଫଳ ନ ମିଳିବା ପର୍ଯ୍ୟନ୍ତ ଜାରି ରହିବ। ଏଥିସହ ଦେଶର ୩ ଜଣ ସୈନିକଙ୍କ ଜୀବନ ଯାଇଥିବାରୁ ସେମାନଙ୍କ ମୃତ୍ୟୁକୁ କଦାପି ବେକାର ଯିବାକୁ ଦିଆଯିବ ନାହିଁ ବୋଲି ଟ୍ରମ୍ପ୍ ରୋକ୍‌ଠୋକ୍ ଶୁଣାଇଛନ୍ତି। ସେହିପରି ଆଜି ଆକ୍ରମଣରେ ଇରାନ୍‌ର ୪୯ ଜଣ ଶୀର୍ଷ ନେତୃତ୍ୱଙ୍କର ମୃତ୍ୟୁ ହୋଇଛି ବୋଲି ମଧ୍ୟ ଟ୍ରମ୍ପ୍ ଦାବି କରିଛନ୍ତି ଏବଂ ଅଦ୍ୟାବଧି ଇରାନ୍ ଉପରେ ସବୁଠୁ ବଡ଼ ଆକ୍ରମଣ ବାକି ଅଛି ବୋଲି ସେ କହିଛନ୍ତି। ଏଥିସହ ଇରାନ୍ ପକ୍ଷରୁ ବାହରିନ୍, ଜୋର୍ଡାନ୍, କୁଏତ୍, କତାର ଓ ୟୁଏଇ ଉପରେ ହେଉଥିବା ଆକ୍ରମଣ ନେଇ ଟ୍ରମ୍ପ୍ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ସେହିପରି ଯୁଦ୍ଧର ସମୟ ନେଇ ସେ କହିଛନ୍ତି ଯେ ଏହା ପାଖାପାଖି ମାସେ ଧରି ଚାଲିପାରେ। ତେବେ ଆମେରିକା-ଇସ୍ରାଏଲ୍ ଅଦ୍ୟାବଧି ହାସଲ କରିଥିବା ଲକ୍ଷ୍ୟରେ ଯଥେଷ୍ଟ ଆଗୁଆ ବୋଲି ଟ୍ରମ୍ପ୍ କହିଛନ୍ତି।

ଏହାଛଡ଼ା ପୂର୍ବରୁ ଅଧିକ ପଦାତିକ ବାହିନୀ ମଧ୍ୟପ୍ରାଚ୍ୟକୁ ପଠାଇବାକୁ ମନା କରିଥିବା ଟ୍ରମ୍ପ୍ ଇତିମଧ୍ୟରେ ନିଷ୍ପତ୍ତି ବଦଳାଇଥିବା ପେଣ୍ଟାଗନ୍ ପକ୍ଷରୁ କୁହାଯାଇଛି। ସୋମବାର ଅଧିକ ସଂଖ୍ୟାରେ ସୈନିକ ମଧ୍ୟପ୍ରାଚ୍ୟ ଅଭିମୁଖେ ଗସ୍ତ କରିଥିବା ପେଣ୍ଟାଗନ୍ ସ୍ପଷ୍ଟ କରିଛି।

## ମୋଦିଙ୍କ...

ମୁଖ୍ୟଙ୍କ ସହ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆଜି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ, ସାଉଦୀ ଆରବ ପ୍ରଧାନମନ୍ତ୍ରୀ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍, ଜୋର୍ଡାନ୍ ରାଜା କିଙ୍ଗ୍ ଅବଦୁଲ୍ଲା ଦ୍ୱିତୀୟ ଓ ବାହରିନ୍ ରାଜା ହମାଦ୍ ବିନ୍ ଇସା ଅଲ୍ ଖଲିଫାଙ୍କ ସହ ଟେଲିଫୋନ୍ ଯୋଗେ ଆଲୋଚନା କରିଛନ୍ତି। ସେ ତାଙ୍କ ଶାନ୍ତି ବାର୍ତ୍ତାରେ କହିଛନ୍ତି ଯେ ଉପରୋକ୍ତ ଦେଶ ଉପରେ ହେଉଥିବା ଆକ୍ରମଣ ନିନ୍ଦନୀୟ। ଏପରି ଏକ କଷ୍ଟକର ସମୟରେ ସେଠାକାର ଜନସାଧାରଣଙ୍କ ସହ ଭାରତର ସମବେଦନା ରହିଛି। ଭାରତ ସବୁବେଳେ ଶାନ୍ତି, ସଦିଚ୍ଛାରେ ବିଶ୍ୱାସ ରଖିଆସିଛି। ଏଥିସହ ଉକ୍ତ ଦେଶଗୁଡ଼ିକରେ ବସବାସ କରୁଥିବା ଭାରତୀୟମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଉଥିବାରୁ ଏଥିପାଇଁ ଶ୍ରୀ ମୋଦି ଉକ୍ତ ରାଷ୍ଟ୍ରମୁଖ୍ୟମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଭାରତକୁ...

ବିକଳ୍ପ। 'ଷ୍ଟଡି ଇନ୍ ଇଣ୍ଡିଆ' ପଦକ୍ଷେପ ମାଧ୍ୟମରେ ଭାରତ ନିଜର ଶୈକ୍ଷିକ ସୀମାକୁ ବ୍ୟାପକ କରୁଛି। ଭାରତରେ ବିଦେଶୀ ଛାତ୍ରଛାତ୍ରୀ ଓ ଗବେଷକଙ୍କ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରାଯାଉଛି।

ଭାରତର ଜ୍ଞାନ ଭଣ୍ଡାର, ଯୁବଶକ୍ତି ଓ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହେଉଛି ସବୁଠାରୁ ବଡ଼ ଶକ୍ତି। ଆମେ ଶିକ୍ଷାର ଆନ୍ତର୍ଜାତୀୟକରଣ ଦିଗରେ ଦ୍ରୁତ ପଦକ୍ଷେପ ନେଉଛୁ, ଯାହାଦ୍ୱାରା ବିଶ୍ୱର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନଗୁଡ଼ିକ ଭାରତ ସହ ସହଭାଗୀ ହୋଇପାରିବେ। ଏଆଇ, ବାୟୋଟେକ୍, ସେମିକଣ୍ଡକ୍ଟରଠାରୁ ଆରମ୍ଭ କରି ସ୍ଥାୟୀ ଶକ୍ତି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଭାରତ ଆଜି ଏକ ବିଶ୍ୱସ୍ତ ସହଭାଗୀ ଭାବେ ଉଭା ହୋଇଛି। ଭାରତ ଏକ 'ଗ୍ଲୋବାଲ ସାଉଥ୍' ମଡେଲ ଉପରେ କାର୍ଯ୍ୟ କରୁଛି, ଯାହା ସହଯୋଗ ଓ ଜ୍ଞାନର ଆଦାନପ୍ରଦାନ ଉପରେ ଆଧାରିତ। ଭାରତର ଏହି ଦ୍ରୁତ ଅଭିବୃଦ୍ଧିଶୀଳ ଓ ନବସୃଜନଭିତ୍ତିକ ଶିକ୍ଷା ଯାତ୍ରାରେ ସହଭାଗୀ ହେବାକୁ ଆମନ୍ତ୍ରଣ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ଆମେ ଏପରି ଏକ ଶିକ୍ଷା ବ୍ୟବସ୍ଥା ଗଠନ କରିବା ଯାହା କେବଳ ବ୍ୟକ୍ତିବିଶେଷ ନୁହେଁ, ବରଂ ସମଗ୍ର ବିଶ୍ୱର କଲ୍ୟାଣ ପାଇଁ କାର୍ଯ୍ୟ କରିବ। ସମସ୍ତଙ୍କ ପାଇଁ ଶିକ୍ଷା ଓ ସମସ୍ତଙ୍କ ସହଯୋଗରେ ବିକାଶ ହିଁ ଭାରତର ମୂଳ ମନ୍ତ୍ର। ଏହି କନକ୍ଲେଭ ଭାରତର ଶୈକ୍ଷିକ କୂଟନୀତିକୁ ଏକ ନୂତନ ଦିଶା ପ୍ରଦାନ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

## ଜବତ...

ଲିଜ ପ୍ଲାନ ସହ ଏକ୍ସକ୍ୟାଭେଟରର ବ୍ୟବହାରର ଅନୁମତି ଥିବା ଦର୍ଶାଇଥିଲେ। ପଙ୍କପାଳ-୧ରୁ ଦୁଇଟି ଏକ୍ସକ୍ୟାଭେଟର ଜବତ ହୋଇଥିଲା। ଲିଜ୍‌ଧାରୀଙ୍କ ଅନୁମୋଦିତ ଏକ୍ସକ୍ୟାଭେଟରର ଯାନ୍ତ୍ରିକ ତ୍ରୁଟି ପାଇଁ ବିକଳ୍ପ ଭାବେ ଆଉ ଏକ ଏକ୍ସକ୍ୟାଭେଟର ବ୍ୟବହାର କରାଯାଇଥିଲା। ତେଣୁ ତାଙ୍କ ଜବତ ଏକ୍ସକ୍ୟାଭେଟରକୁ ରିଲିଜ କରିବା ପାଇଁ ଜଖପୁରା ଥାନାଧିକାରୀଙ୍କୁ ଯାଜପୁର ଖଣି ଉପନିର୍ଦ୍ଦେଶକ ଗତ ୨୩ ତାରିଖରେ ଚିଠି ଲେଖିଥିଲେ। ଗତ ୨୩ ତାରିଖର ୧୩୬୦ ନମ୍ବର ଚିଠିରେ ପଙ୍କପାଳ-୨ର ଏକ୍ସକ୍ୟାଭେଟରେ ରିଲିଜ ପାଇଁ ଉଲ୍ଲେଖ କରାଯାଇନଥିଲା। କିନ୍ତୁ ଦେଖିବାକୁ ମିଳୁଛି ଯେ ପଙ୍କପାଳ-୨ରେ ପୂର୍ବଭଳି ଏକ୍ସକ୍ୟାଭେଟରରେ ବାଲି ଉଠା ଚାଲିଛି। ଲୋକଙ୍କୁ ରୋଜଗାର ଯୋଗାଇବାକୁ ଏହି ବାଲିଘାଟରୁ ମାନୁଆଲ ପଦ୍ଧତିରେ ବାଲି ଉଠାଣ ପାଇଁ ଅନୁମତି ଦିଆଯାଇଛି। କିନ୍ତୁ ଲିଜଧାରୀ ଅଧିକ ଲାଭ ପାଇଁ ବଡ଼ ବଡ଼ ଯନ୍ତ୍ର ବ୍ୟବହାର କରୁଛନ୍ତି। ସେପଟେ ଏହି ଘାଟରୁ ତିନୋଟି ଏକ୍ସକ୍ୟାଭେଟରକୁ ପୁଲିସ ଜବତ କରିଥିବା ବେଳେ ପୁଣି ଥରେ ସେଠାରେ କେମିତି ଏକ୍ସକ୍ୟାଭେଟରରେ ବାଲି ଖନନ ହେଉଛି, ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଜଖପୁରା ଥାନା ମେସିନ ଜବତ କରିଥିବାରୁ ରାଜନୈତିକ ସୁରକ୍ଷା ଓ ଥାନା ଅଧିକାରୀଙ୍କ ବିନା ସହଯୋଗରେ ଏଭଳି ବେଆଇନ କାମ ହେବା ସମ୍ଭବ ନୁହେଁ ବୋଲି ଅଭିଯୋଗ ହେଉଛି। ଅଭିଯୋଗ ହେଉଛି ଏହି ବାଲିଘାଟରୁ ନାଁକୁ ମାତ୍ର ଖାତାଖତିଆନରେ ଏକ୍ସକ୍ୟାଭେଟର ଜବତ ହୋଇଛି। ପୁଲିସ ଲୋକଙ୍କ ଆଖିରେ ବାଲି ଝାଡ଼ିଦେଇ ପୁଣି ଥରେ ସେସବୁକୁ ରିଲିଜ କରିଦେଇଛି।

## ରୋଚକ...

ତିନି ଜଣ ପ୍ରାର୍ଥୀଙ୍କ ପାଇଁ ପ୍ରସ୍ତାବକ ଓ ସମର୍ଥକ ଭାବେ ସବୁ ବିଧାୟକଙ୍କ ଦସ୍ତଖତ ନିଆଯାଇଛି। ସେପଟେ ସରକାରୀ ଦଳ ମୁଖ୍ୟ ସଚେତକ ୪ ଜଣ ପ୍ରାର୍ଥୀଙ୍କ ପାଇଁ ୧୬ ସେଟ ନାମାଙ୍କପତ୍ର କିଣିଛନ୍ତି। ବର୍ତ୍ତମାନ ସୁଦ୍ଧା ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇନାହିଁ। ତେବେ ବିଧାୟକ ସନ୍ତୋଷ ଖଟୁଆ ଗଣମାଧ୍ୟମକୁ ୩ ଜଣ ପ୍ରାର୍ଥୀ ଦିଆଯିବ ବୋଲି ସ୍ପଷ୍ଟ କରିଛନ୍ତି।ବିଜେପି ୩ ଜଣ ପ୍ରାର୍ଥୀ ଛିଡ଼ା କରିବାକୁ ଘୋଷଣା କରିବା ପରେ ଗଣିତ ନୂଆ ମୋଡ଼ ନେଇଛି। ଏବେ ସମସ୍ତଙ୍କ ନଜର ରହିବ ବିଜେଡି ଆଭିମୁଖ୍ୟ ଉପରେ। ବିଜେଡି ପୂର୍ବପରି କମନ୍ ପ୍ରାର୍ଥୀଙ୍କୁ ଭୋଟ ଦେବ ନା ବିଜେପି ସହ ଯିବ, ତା' ଉପରେ ସମସ୍ତଙ୍କ ନଜର। ସେପଟେ ରେସରେ ୪ଟି ଆସନ ପାଇଁ ୫ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଲେ କ୍ରସ ଭୋଟିଂ ବା ଘୋଡ଼ା ବ୍ୟାପର ହେବା ଏକପ୍ରକାର ନିଶ୍ଚିତ। ତେବେ କିଏ କେତେ ଘୋଡ଼ା କିଣିପାରିବ, ତାହା ଭୋଟ ପରେ ଜଣାପଡ଼ିବ। ସେପଟେ କଂଗ୍ରେସ ଦଳରେ ବି କମନ ପ୍ରାର୍ଥୀଙ୍କୁ ନେଇ ସହମତି ନଥିବା ଜଣାପଡ଼ିଛି। ଆଜି ଏକ ହୋଟେଲରେ କଂଗ୍ରେସ ବିଧାୟକ ଦଳ ବୈଠକ ବସିଥିଲା। ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ ବସିଥିବା ଏହି ବୈଠକରେ ପିସିସି ସଭାପତି ଓ ଏଆଇସିସି ସହପ୍ରଭାରୀ ଯୋଗ ଦେଇଥିଲେ। ହେଲେ ବୈଠକକୁ ଆସିନଥିଲେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ରମେଶ ଜେନା। ବୈଠକ ପରେ ବିଧାୟକ ଦାଶରଥୀ ଗମାଙ୍ଗୋ କହିଲେ ସେ ଡାକ୍ତର ଦତ୍ତେଶ୍ୱର ହୋତା କିଏ ସେ ଜାଣନ୍ତି ନାହିଁ। ବହୁ ବିଧାୟକ ମଧ୍ୟ ତାଙ୍କୁ ଜାଣନ୍ତିନି। ତେବେ ଦଳ ଯାହା ନିଷ୍ପତ୍ତି ନେବ, ସେଇ ଅନୁଯାୟୀ ସେମାନେ ଭୋଟ ଦେବେ। ସେପଟେ ଭକ୍ତ ଦାସ କହିଛନ୍ତି, ଯଦି ହାଇକମାଣ୍ଡ ନିଷ୍ପତ୍ତି ନିଅନ୍ତି ତେବେ ଡାକ୍ତର ହୋତାଙ୍କୁ ସବୁ ବିଧାୟକ ଭୋଟ ଦେବେ। ସେ ମାନିବାକୁ ପ୍ରସ୍ତୁତ ନଥିଲେ ବି କ୍ରସ ଭୋଟିଂ ଭୟ ତାଙ୍କୁ ବି ଘାରିଛି।

## ୨୫ରୁ...

ଗଣତି ମଣତି ସାରିବାକୁ ପୂର୍ବରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଅନୁମୋଦିତ ଏସଓପି ଅନୁସାରେ ଗଣତି ମଣତି କରାଯିବ।

ଗଣତିମଣତି ପ୍ରକ୍ରିୟାରେ ଦୁଇଟି ଟିମ ରହିବେ। ଗୋଟିଏ ସୁପରଭାଇଜିଂ ଟିମ୍ ଓ ଅନ୍ୟଟି ହ୍ୟାଣ୍ଡେଲିଂ ଟିମ୍। ଉଭୟ ଟିମରେ ମୁଖ୍ୟ ପ୍ରଶାସକ ରହିବେ। ମୁଖ୍ୟ ପ୍ରଶାସକଙ୍କ ଅନୁପସ୍ଥିତିରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଦାରଖ କରିବେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଉପମୁଖ୍ୟ ପ୍ରଶାସକ ଅନୁପସ୍ଥିତ ଥିଲେ ଶ୍ରୀମନ୍ଦିର ନୀତି ପ୍ରଶାସକ ତଦାରଖ କରିବେ। ସୁପରଭାଇଜିଂ ଟିମ୍‌ରେ ୩ ଜଣ ରହିବେ। ହ୍ୟାଣ୍ଡଲିଂ ଟିମ୍‌ରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ମୁଖ୍ୟ ପ୍ରଶାସକ ବା ଉପମୁଖ୍ୟ ପ୍ରଶାସକ, ହାଇଲେବଲ୍ କମିଟିର ଅଧ୍ୟକ୍ଷ ଦଳପତି ହିସାବରେ ରହିବେ। ପରିଚାଳନା କମିଟିର ୫ ଜଣ ସେବକ ମଧ୍ୟରୁ ଜଣେ ରହିବେ, ଭଣ୍ଡାର ମେକାପ, ତଢ଼ଉକରଣ, ବଣିଆ ସେବକ ରହିବେ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ତରଫରୁ ବଣିଆଙ୍କ ତାଲିକା ମଗାଯିବ। ସେଥିମଧ୍ୟରୁ ୨ ଜଣ ଯାଇପାରିବେ। ବିଭିନ୍ନ ଅଳଙ୍କାର ଚିହ୍ନିବାକୁ ଜଣେ ରହିବେ। ଆରବିଆଇରୁ ଜଣେ ରହିବେ। ଆବଶ୍ୟକ ସ୍ଥଳେ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀଙ୍କୁ ଗଣତିମଣତି ସମୟରେ ସାମିଲ କରାଯିବ। ସମସ୍ତ ପ୍ରକ୍ରିୟାର ଭିଡିଓଗ୍ରାଫି ଓ ଫଟୋଗ୍ରାଫି କରାଯିବ। ହ୍ୟାଣ୍ଡଲିଂ ଟିମ୍‌ରେ ୧୦ ଜଣ ରହିବେ। ଗଜପତି ମହାରାଜା କିମ୍ବା ପରିଚାଳନା କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ଚାହିଁଲେ ରହିପାରିବେ। ୧୯୭୮ ମସିହାରେ ୭୨ ଦିନ ଗଣତିମଣତି ତାଲିକା ସହ ୧୯୮୨, ୧୯୮୫ ମସିହାର କିଛି ଅଳଙ୍କାର ବାହାରିଥିବାରୁ ମେଳକ କରାଯିବ।

ପ୍ରଥମେ ଚଳନ୍ତି ରତ୍ନଭଣ୍ଡାର ଗଣତିମଣତି, ଦ୍ୱିତୀୟରେ ବାହାର ରତ୍ନଭଣ୍ଡାରର ଗଣତିମଣତି କରାଯିବ। ଶେଷରେ ଭିତର ରତ୍ନଭଣ୍ଡାରର ଗଣତିମଣତି ହେବ। ଭିତର ରତ୍ନଭଣ୍ଡାରର ଚାବି ପ୍ରତ୍ୟେକ ଦିନ ଗଣତିମଣତି ପରେ ଟ୍ରେଜେରୀରେ ଜମା ହେବ ଓ ପୁନର୍ବାର ଗଣତିମଣତି ସମୟରେ ଆସିବ। ସମସ୍ତେ ଗୋପନୀୟତା ବଜାୟ ରଖିବେ। ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ଗଣତିମଣତି ହେବ। ଗଣତିମଣତି ପରେ ଅଳଙ୍କାର ସବୁ ଅଲଗା ଅଲଗା ପ୍ରସ୍ତୁତ ସିନ୍ଦୁକରେ ରଖାଯିବ। ଗଣତିମଣତି ସମୟରେ ସିସିଟିଭି ବ୍ୟବସ୍ଥା କରାଯିବ। ଗଣତିମଣତିର ତାଲିକାକୁ ପରିଚାଳନା କମିଟିକୁ ପ୍ରଦାନ କରାଯିବ ଓ ପରେ ରାଜ୍ୟ ସରକାରଙ୍କୁ ପଠାଯିବ।

# ‘ଭବିଷ୍ୟତରେ ଯନ୍ତ୍ର ଅଧିକ କାର୍ଯ୍ୟକ୍ଷମ ଓ ଚତୁର ଭାବେ ଉଭା ହେବ’




ଭୁବନେଶ୍ୱର,୨।୩ (ସଂଚାର ବ୍ୟୁରୋ)ଃ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତା ଏବେ ସବୁଠି ଚର୍ଚ୍ଚାରେ ରହିଥିବା ବେଳେ ଏହି ସମ୍ପର୍କିତ ଜଣେ ଆନ୍ତର୍ଜାତିକ ବିଶେଷଜ୍ଞ କହିଛନ୍ତି ଯେ ଭବିଷ୍ୟତରେ ମେସିନ୍ ଅଧିକ କାର୍ଯ୍ୟକ୍ଷମ ଓ ଚତୁର ହେବା ସହ ମଣିଷର ବୁଦ୍ଧିମତାକୁ ପଛରେ ପକାଇଦେବ। ମେସିନ୍ କେବଳ ଶିକ୍ଷା ଆହରଣ କରିବ ନାହିଁ ବରଂ ଶିକ୍ଷା ଗ୍ରହଣ କିଭଳି କରାଯାଏ ତାହାକୁ ମଧ୍ୟ ଶିଖିବାରେ ସକ୍ଷମ ହୋଇଯିବ ବୋଲି କହିଛନ୍ତି କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଏଆଇ ଏଥିକ୍ସ ଆଣ୍ଡ ସୋସାଇଟିର ପ୍ରଫେସର ଓ ହାଭାର୍ଡ ବିଶ୍ୱବିଦ୍ୟାଳୟର ବର୍କମ୍ୟାନ୍ କ୍ଲେନ୍ ସେଂଟର ଫର ଇନ୍‌ଟରନେଟ ଆଣ୍ଡ ସୋସାଇଟିର ଫ୍ୟାକଲ୍ଟି ପ୍ରଫେସର (ଡକ୍ଟର) ଜନି ପେନ୍।

ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ ଆନ୍ତର୍ଜାତିକ ଏଆଇ କନ୍‌କ୍ଲେଭ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି ପ୍ରଫେସର ପେନ୍। ସମ୍ମିଳନୀର ପ୍ରସଙ୍ଗ “ଇଣ୍ଡିଆଜ୍ ଏଆଇ ଫ୍ୟୁଚର- ରୋଲ ଅଫ୍ ଏକାଡେମିଆ, ଇଣ୍ଡଷ୍ଟ୍ରି, ରିସର୍ଚ୍ଚ ଆଣ୍ଡ ଇନୋଭେସନ୍” ଉପରେ ନିଜ ବକ୍ତବ୍ୟ ରଖି ପ୍ରଫେସର ପେନ୍ କହିଥିଲେ ଯେ ବର୍ତ୍ତମାନ ଭଳି ୧୫ ବର୍ଷ ତଳେ ଏଆଇ କୌଣସି ଚର୍ଚ୍ଚାରେ ନଥିଲା। ତେବେ ବର୍ତ୍ତମାନ ଲୋକମାନେ ଏଆଇ ଓ ଏହା ଭବିଷ୍ୟତକୁ କିଭଳି ପ୍ରଭାବିତ କରିବ ସେ ବିଷୟରେ ଚିନ୍ତିତ ଅଛନ୍ତି। ‘ଇନ୍‌ଟେନ୍ସନ୍ ଇକୋନୋମି’ କ୍ଷେତ୍ରରେ ଏଆଇର ପ୍ରଭାବ ରହିଥିବା ବେଳେ ସାମାଜିକ ବୈଷୟିକ କ୍ଷେତ୍ର ଏବଂ ଜଳବାୟୁ ପରିବର୍ତ୍ତନକୁ ନେଇ ଏହାର ଭୂମିକା ରହିବ।

କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ଭାରତରେ ଅବସ୍ଥାପିତ ଗାଏନାର ରାଷ୍ଟ୍ରଦୂତ ଶ୍ରୀ ଧରମକୁମାର ସିରାଜ, ଟିମୋର-ଲେଷ୍ଟେର ରାଷ୍ଟ୍ରଦୂତ ଶ୍ରୀ କାର୍ଲିଟୋ ନ୍ୟୁନସ ଏବଂ ବଲିଭିଆର କାଉନ୍‌ସେଲର ମିସ୍ ଆର୍ଲେଟ ଗାବ୍ରିଏଲା ବୁସ୍ତାମାଂଟେ ଗାର୍ସିଆ ମଧ୍ୟ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଶ୍ରୀ ସିରାଜ କହିଥିଲେ ଯେ ମଣିଷର ଦୈନନ୍ଦିନ ଜୀବନରେ ଏଆଇର ପ୍ରଭାବ ରହିଥିବା ବେଳେ ବିକାଶ କ୍ଷେତ୍ରରେ ମଧ୍ୟ ଏହା ସହାୟକ ହେଉଛି। ଏଆଇ ଆମ ଜୀବନରେ ଏକ ବଡ଼ ଭୂମିକା ନେବାକୁ ଯାଉଥିବା ବେଳେ ଅର୍ଥନୀତି ଏବଂ ବିକାଶ ଉପରେ ମଧ୍ୟ ଏହାର ଭୂମିକା ରହିବ ବୋଲି ସେ କହିଥିଲେ।

ଖଣି ଅଞ୍ଚଳର ବିକଳ ଚିତ୍ର

# ବିକାଶ ଖୋଜୁଛି ପତ୍ରାପାଲି ଗାଁ

### ମୌଳିକ ସୁବିଧାରୁ ବହୁଦୂରରେ

### ଗାଁକୁ ନାହିଁ ରାସ୍ତା

### ପାଣି ପାଇଁ ଲୋକେ ହନ୍ତସନ୍ତ





ସୁନ୍ଦରଗଡ଼,୨।୩ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ଜିଲ୍ଲାର ହେମଗିର ବ୍ଲକ ଅନ୍ତର୍ଗତ ପତ୍ରାପାଲି ଗ୍ରାମ ସିଧାସଳଖ ଖଣି ପ୍ରଭାବିତ ଅଞ୍ଚଳ। କିନ୍ତୁ ସତେଯେମିତି ଏଠି ବିକାଶ ଭୁଲି ଯାଇଛି। ଏହି ଗାଁକୁ ଗମନାଗମନ ପାଇଁ ନାହିଁ ରାସ୍ତା। କେଉଁଠି ପିଇବା ପାଣି ତ କେଉଁଠି ଗାଧୁଆ ପୋଖରୀ ପାଇଁ ଲୋକେ ହେଉଛନ୍ତି ହନ୍ତସନ୍ତ। ଜଳର ସୁବିଧା ନ ଥିବାରୁ ପଚାସଢ଼ା ଓ ଦୁର୍ଗନ୍ଧ ପାଣିରେ ଗାଧୋଇବା ପାଇଁ ବାଧ୍ୟ ହେଉଛନ୍ତି ଲୋକେ। ପୋଖରୀର ଦୁଷିତ ପାଣିରେ ଗାଧୋଇବା ଫଳରେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି । ହେମଗିର ବିଡିଓ, ଜିଲ୍ଲାପାଳ ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲାପରେ ମଧ୍ୟ ହୋଇପାରୁନାହିଁ ସମାଧାନ।

ଗୋପଲପୁର୍ ସରପଞ୍ଚଙ୍କ ପ୍ରସ୍ତାବ କ୍ରମେ ୨୦୨୨ ମସିହାରେ ଡିଏମଏଫ ପାଣ୍ଠିରେ ଅନୁମୋଦନ ଦେଇଥିଲେ ମଧ୍ୟ ପତ୍ରାପାଲି ଗାଁ ବିସ୍ଥାପିତ ହେବ କହି ପ୍ରଶାସନ ପ୍ରକଳ୍ପ ଫାଇଲ ବନ୍ଦ କରି ଦେଇଥିଲା। ଅନ୍ୟପଟେ ଡିଏମ୍‌ଏଫ୍ ପାଣ୍ଠିରୁ ସ୍ଥାୟୀ ଭିତ୍ତିଭୂମି ବିକାଶ ପାଇଁ ନିକଟ ଭବିଷ୍ୟତରେ ବିସ୍ଥାପିତ ହେବାକୁ ଥିବା ଗ୍ରାମ ଗୁଡିକରେ ଠିକାଦାର ପୋଷିବା ପାଇଁ ନୂତନ ସ୍କୁଲ ବିଲଡିଂ ନିର୍ମାଣ, କଙ୍କ୍ରିଟ୍ ରାସ୍ତା ନିର୍ମାଣ ଆଦିରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଟଙ୍କା ବରବାଦ କରାଯାଉଚି। କିନ୍ତୁ ସାମ୍ବିଧାନିକ ପ୍ରଦତ୍ତ ମୌଳିକ ଅଧିକାର ପାଇଁ ପ୍ରଶାସନ ସମ୍ବେଦନଶୀଳ ନୁହେଁ। କେଉଁଠି ପିଇବା ପାଇଁ ପାଣି ନାହିଁ ତ ଆଉ କେଉଁଠି ଗମନାଗମନ ପାଇଁ ନାହିଁ ରାସ୍ତା। ଏପରି ଦୁର୍ଦ୍ଦଶାରେ ଧୂଳି ଧୂଆଁ ଖାଇ ଜୀବନ ନିର୍ବାହ କରିବା ପାଇଁ ବାଧ୍ୟ ହେଉଛନ୍ତି ଖଣି ଅଂଚଳବାସୀ। ଏପରି ସ୍ଥିତିରେ ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଅଂଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

### କଳା କାର୍ ଓ ମହିଳାଙ୍କୁ ନେଇ ଚର୍ଚ୍ଚା

## କାରରେ ବିଧାୟକଙ୍କ ଫଳକ ଲଗାଇ ହିଞ୍ଜିଳି ଏମଏଲଏ କହୁଥିବା ମହିଳା କିଏ ?

ହିଞ୍ଜିଳିକାଟୁ,୨।୩ (ସଂଚାର ବ୍ୟୁରୋ)ଃ ମହିଳା ଜଣକ ଗତ କିଛି ଦିନ ହେବ ଏକ କଳା କାରରେ ହିଞ୍ଜିଳି ବିଧାୟକ ନଂ- ୧୩୧ ଫଳକ ଲଗାଇ ଗାଡ଼ିର ସାମ୍ନା ସିଟରେ ବସି ମୁଁ ହିଞ୍ଜିଳି ବିଧାୟକ କହୁଥିବାର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଉକ୍ତ ମହିଳା ଜଣକ କିଛି ଦିନ ତଳେ ହିଞ୍ଜିଳି ବ୍ଲକ କାର୍ଯ୍ୟାଳୟରେ ପହଂଚି ବିଡ଼ିଓଙ୍କ ଚାମ୍ବର ନିଜେ ଖୋଲି ବିଡ଼ିଓ ନଥିବା ଦେଖି ସେଇ କାର୍ଯ୍ୟାଳୟର କିଛି କର୍ମଚାରୀଙ୍କୁ ମୁଁ ହିଞ୍ଜିଳି ବିଧାୟକ ପରିଚୟ ଦେବା ସହ ଲୋକ ମାନଙ୍କ ସୁବିଧା କେମିତି ଚାଲିଛି ନେଇ ପ୍ରଶ୍ନ କରୁଥିବାର ଭିଡ଼ିଓ ବର୍ତ୍ତମାନ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ତେବେ ବର୍ତ୍ତମାନ ହିଞ୍ଜିଳି ବିଧାୟକ ଅଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଧାନସଭାର ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ। ନବୀନ ବାବୁ ୨୦୦୦ ମସିହା ଠାରୁ ହିଞ୍ଜିଳି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ୫ ଥର ମୁଖ୍ୟମନ୍ତ୍ରୀ ହେବ ସହ ୬ଥର ବିଧାୟକ ରହିଛନ୍ତି। ମହିଳା ଜଣକ କେତେବେଳେ ସରକାରୀ କାର୍ଯ୍ୟାଳୟ ବୁଲୁଛନ୍ତି ତ କେତେବେଳେ ବିଦ୍ୟାଳୟ ଯାଇ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ା କେମିତି ଚାଲିଛି ନେଇ ଶିକ୍ଷକ ମାନଙ୍କୁ ପ୍ରଶ୍ନ କରୁଥିବା ଭିଡ଼ିଓ ମାଧ୍ୟମରେ ଦେଖିବାକୁ ମିଳୁଛି। ମହିଳା ଜଣକ କଳା କାରରେ ହିଞ୍ଜିଳି ବିଧାୟକଙ୍କ ଫଳକ ଲଗାଇ ଯାଇ ମୁଁ ହିଞ୍ଜିଳି ଏମଏଲଏ କହୁଥିବାର ମୁଖ୍ୟ ଉଦ୍ଦେଶ୍ୟ କଣ ରହିଥାଏପାରେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ପ୍ରଶାସନ ଉକ୍ତ ଘଟଣାକୁ କେବେ ଗୁରୁତ୍ୱ ଦେଇ ତଦନ୍ତ କରିବ ତାହା ଦେଖିବାକୁ ବାକି ରହିଲା।

## କୋର୍ଟରେ ଆତ୍ମସମର୍ପଣ କଲେ ନିଲମ୍ବିତ ଥାନା ଅଧିକାରୀ



କାକଟପୁର/ଅସ୍ତରଙ୍ଗ,୨।୩ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାର କାର୍ଯ୍ୟରତ ତତ୍କାଳୀନ ଥାନା ଅଧିକାରୀ ରାଜେଶ ବଳିୟାର ସିଂ ଏକ ଘଟଣାରେ ଫେରାର ଥିଲେ। କୋରାପୁଟ ସ୍ଥିତ ଜୟପୁର ଜିଲ୍ଲା କୋର୍ଟରେ ଆତ୍ମସମର୍ପଣ କଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାର ନିଲମ୍ବିତ ଥାନା ଅଧିକାରୀ ରାଜେଶ ବଳିଆର ସିଂ। ଚୋରା ଗଞ୍ଜେଇ କାରବାରରେ ସାମିଲ ଥିବା ଅଭିଯୁକ୍ତଙ୍କ ସହ ଲିଙ୍କ୍ ଘଟଣାରେ ଜେରା ବେଳେ ପୁଲିସକୁ ଚକମା ଦେଇ ଖସି ଯାଇଥିଲେ। ଗତବର୍ଷ ଅଗଷ୍ଟ ୧୬ ତାରିଖରୁ ଫେରାର ଥିଲେ। ସାତ ମାସ ପରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିବା ପରେ ତାଙ୍କୁ ଜାମିନ ମିଳିଛି। ୫୦ ହଜାର ଟଙ୍କା ସିକ୍ୟୁରିଟୀ ଓ ବିଭିନ୍ନ ସର୍ତ୍ତ ଲଗାଇ କୋର୍ଟ ତାଙ୍କୁ ଜାମିନ ଦେଇଛନ୍ତି।

## ନାବାଳିକା ନାତୁଣୀକୁ ବଳାତ୍କାର ଉଦ୍ୟମ, ସମ୍ପର୍କୀୟ ଅଜା ଗିରଫ



ଫୁଲବାଣୀ,୨।୩ (ସଂଚାର ବ୍ୟୁରୋ)ଃ ଗୋଚ୍ଛାପଡା ଥାନା ଅଂଚଳରେ ଜଣେ ନାବାଳିକାଙ୍କୁ ତାଙ୍କ ସମ୍ପର୍କୀୟ ଅଜା ବଳାତ୍କାର ଉଦ୍ୟମ କରିଛନ୍ତି । ଏ ନେଇ ଥାନାରେ ଅଭିଯୋଗ ହେବାପରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କେକେରିଙ୍ଗିଆ ଗ୍ରାମର ବିଜୟ ଦିଗାଲ(୬୦)। ଅଭିଯୋଗ ଅନୁସାରେ, ସମ୍ପୃକ୍ତ ୬ଷ୍ଠ ଶ୍ରେଣୀରେ ପଢୁଥିବା ନାବାଳିକା(୧୨) ଜଣକ ଶିବ ରାତ୍ରି ଦିନ ଗ୍ରାମରେ ଥିବା ଶିବ ମନ୍ଦିରକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା କରୁଥିବା ବେଳେ ସମ୍ପର୍କୀୟ ଅଜାଙ୍କ ସହ ଭେଟ ହୋଇଥିଲା। ଘରେ ମା' ଦେହ ଭଲ ନାହିଁ, ତୁ ଏଠି କ'ଣ କରୁଛୁ, ଘରକୁ ଚାଲ ବୋଲି କହି ନାବାଳିକାଙ୍କୁ ଡାକି ନେଇଥିଲେ। ଜଙ୍ଗଲ ଦେଇ ଗଲେ ଶୀଘ୍ର ଘରେ ପହଂଚିବା ବୋଲି କହି ଜଙ୍ଗଲ ରାସ୍ତାରେ ନେଇଥିଲେ । କିଛି ବାଟ ଗଲା ପରେ ଅଜା ନାବାଳିକାଙ୍କ ଡ୍ରେସ ଚିରା ଚିରି କରି ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ନାବାଳିକା ଅଜାଙ୍କ ମୁହଁକୁ ମୁଥ ମାରି ଦେଇ ଦୌଡି ପଳାଇଥିଲେ ଏବଂ ଘରେ ଆସି ସବୁ କଥା କହିଥିଲେ। ତେବେ ପିଡିତାଙ୍କ ମାଉସୀ ଶନିବାର ଥାନାରେ ଏତଲା ଦେବା ପରେ ପୁଲିସ ୩୪/୨୬ରେ ମାମଲା ରୁଜୁ କରି ବିଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସଂଜିତ କୁମାର ବେହେରା ସୁଚନା ଦେଇଛନ୍ତି।

## ସାକ୍ଷୀଗୋପାଳରେ ଅବୈଧ ଇଟାଭାଟି ଭାଙ୍ଗିଲା ପ୍ରଶାସନ



ସତ୍ୟବାଦୀ,୨।୩ (ସଂଚାର ବ୍ୟୁରୋ)ଃ ସତ୍ୟବାଦୀ ତହସିଲ ଅଧୀନ ବିଶ୍ୱନାଥପୁର ଗ୍ରାମ ପଂଚାୟତର ୨ଟି ଗାଁରେ ଚାଲୁଥିବା ଅବୈଧ ଇଟା ଭାଟି ବିରୋଧରେ ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆଜି ଏହି ଭାଟି ଗୁଡିକୁ ବୁଲଡୋଜର ସହାୟତାରେ ଉଛେଦ କରିଦିଆଯାଇଛି। ପାଖାପାଖି ୭୦ ହଜାର ଇଟା ନଷ୍ଟ କରାଯାଇଥିବା ସୂଚନା ମିଳିଛି।

ପୁରୀ ସବ୍-ଡିଭିଜନାଲ୍ ମ୍ୟାଜିଷ୍ଟ୍ରେଟଙ୍କ ଦ୍ୱାରା ଧାରା ୧୫୨ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଅନୁଯାୟୀ ଜାରି ଆଦେଶ କ୍ରମେ ବିଶ୍ୱନାଥପୁର ପଂଚାୟତର ବାସୁଦେଇପୁର ଗ୍ରାମର ସତ୍ୟଜିତ ମିଶ୍ର ଏବଂ ପାଣିଭଣ୍ଡାର ଗ୍ରାମରୁ ଭିକାରୀ ପରିଡ଼ାଙ୍କ ବେଆଇନ ଇଟାଭାଟି ଗୁଡିକୁ ଭାଙ୍ଗି ଦିଆଯାଇଛି। ଭାଟିଗୁଡିକ ଦୀର୍ଘ ଦିନ ଧରି ବିନା ଅନୁମତିରେ ଚାଲୁଥିଲା। ଯାହାଫଳରେ ପରିବେଶ ପ୍ରଦୂଷଣ, ହେବା ସହ ସାଧାରଣ ଲୋକଙ୍କ ପାଇଁ ନାନା ଅସୁବିଧା ସୃଷ୍ଟି କରୁଥିଲା। ଭାଟିରୁ ନିର୍ଗତ ଧୂଆଁ ଯୋଗୁଁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଥିଲା।

ଏଭଳି ବେଆଇନ କାରବାର ରୋକିବା ଏବଂ ପରିବେଶ ସୁରକ୍ଷା ସହ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହି ଚଢ଼ାଉରେ ଆଇନ-ଶୃଙ୍ଖଳା ପରିସ୍ଥିତି ରକ୍ଷା ପାଇଁ ମହିଳା ପର୍ଯ୍ୟାପ୍ତ ପୁଲିସ ବଳ ମୁତୟନ କରାଯାଇଥିଲା। ଅଗ୍ନିଶମ ବିଭାଗ ସମସ୍ତ ସୁରକ୍ଷା ବ୍ୟବସ୍ଥା ସହ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲା। ଏହାଛଡା ପୁରୀ ମାଇନିଙ୍ଗ ଅଫିସର ମଧ୍ୟ ଏହି ଉଚ୍ଛେଦ ବେଳେ ଉପସ୍ଥିତ ରହିଥିଲେ।

## ଟାଟା ଫାଟକ ନିକଟରେ ଜଳିଗଲା ବସ୍, କାରଣ ଅସ୍ପଷ୍ଟ



ଯାଜପୁର, ୨।୩ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲା କଳିଙ୍ଗନଗର ଥାନା ଅନ୍ତର୍ଗତ ଟାଟା ନଂ ୪ ଫାଟକ ନିକଟରେ ଆଜି ସନ୍ଧ୍ୟାରେ ଏକ ବସ ଜଳି ଯାଇଥିବା ଦେଖାଯାଇଛି। ତେବେ ବସରେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି । ତେବେ ଜଳି ଯାଇଥିବା ବସ ନଂ ଓଡି ୩୪ଆର ୪୦୧୪ ବୋଲି ପ୍ରତ୍ୟକ୍ଷ ଦର୍ଶୀଙ୍କ ଠାରୁ କୁହାଯାଉଛି। ଖବର ପାଇ ଟାଟା ଦମକଳବାହିନୀ ଓ ସ୍ଥାନୀୟ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡିଛି । ତେବେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବସଟି ଏଭଳି ଜଳିଗଲା ନାଁ ଏହା ପଛରେ ଅନ୍ୟ କିଛି କାରଣ ରହିଛି ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହୁଛି ।

## ସନ୍ତରଣ ଓ ପାଣିରେ ବୁଡ଼ି ବଞ୍ଚିବାର କୌଶଳ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ନବରଂଗପୁର/ଉମରକୋଟ,୨।୩ (ସଂଚାର ବ୍ୟୁରୋ)ଃନବରଙ୍ଗପୁର ଜିଲ୍ଲାର ଉମରକୋଟ ସ୍ଥିତ ଏ.ଜୀ.ଆର. ପ୍ରତିରକ୍ଷା ଏବଂ ଶାରିରିକ ଏକାଡେମୀ ଠାରେ ଓଡ଼ିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁବପିଢ଼ି ମାନଙ୍କ ପାଇଁ ସନ୍ତରଣ ଏବଂ ପାଣିରେ ବୁଡି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିର ୯.୬.୨୦୨୫ରୁ ଆଜି ପର୍ଯ୍ୟନ୍ତ ସର୍ବ ମୋଟ ୧୮୦ ଜଣିଆ ଅଂଶଗ୍ରହଣକାରୀ (୬ଟି ଦଳ)ଙ୍କୁ କୋରାପୁଟରୁ ଆସିଥିବା ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ଏହିଭଳି ୪ ଗୋଟି ଗୋଟି ଦଳ ହିସାବରେ ମୋଟ ୩୦୦ ଅଂଶଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ।

ଏହି ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣକାରୀଙ୍କୁ କିଭଳି ଭାବରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ଏବଂ ତାହା ସହିତ ଅଂଶଗ୍ରହଣକାରୀଙ୍କ ଖାଇବା, ରହିବା ଆନୁସଙ୍ଗିକ ମୌଳିକ ସୁବିଧା କିଭଳି ଭାବେ ପ୍ରଦାନ କରାଯାଉଅଛି ତାହାକୁ ନିରୀକ୍ଷଣ କରିବା ସକାଶେ ନବରଙ୍ଗପୁର ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ ଏବଂ ଅଂଶଗ୍ରହଣକାରୀଙ୍କ ସହିତ ଭାବ ଆଦାନ ପ୍ରଦାନ କରିବା ସହିତ ସେମାନଙ୍କୁ ଉତ୍ସାହିତ କରିବା ସକାଶେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ନିଭାଗ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ ବିଭାଗ, ସାମାଜିକ ସୁରକ୍ଷା ବିକଳାଙ୍ଗ ସଶକ୍ତିକରଣ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ଅଚାନକ ଭାବେ ପରିଦର୍ଶନ କରି ଅଂଶଗ୍ରହଣକାରୀଙ୍କୁ ରାଜ୍ୟ ସରକାରଙ୍କ ଏହି ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ ।

## ଶାନ୍ତି ଶୃଙ୍ଖଳାର ସହିତ ସରିଲା ମାଟ୍ରିକ ପରୀକ୍ଷା

୧୪ ସେଣ୍ଟରରେ ପରୀକ୍ଷା ଦେଲେ ୨୪୦୫ ପରୀକ୍ଷାର୍ଥୀ

ପରୀକ୍ଷା ଦେବାକୁ ଆସିଲେ ନାହିଁ ୬୨ ପରୀକ୍ଷାର୍ଥୀ



ନୀଳଗିରି୨।୩ (ସଂଚାର ବ୍ୟୁରୋ)ଃ ଗତ ୧୯ ତାରିଖରେ ଠାରୁ ସାରା ରାଜ୍ୟରେ ମେଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଆଜି ଅର୍ଥାତ ମାର୍ଚ୍ଚ ମାସ ୨ ତାରିଖରେ ଶେଷ ହୋଇଛି। ପ୍ରତିଦିନ ସକାଳ ୯ ଘଟିକାରୁ ପରୀକ୍ଷା ଆରମ୍ଭ ହୋଇଥିଲା । ସକାଳ ୮.୧୫ ମିନିଟ ସମୟରେ ପରୀକ୍ଷା ସେଣ୍ଟରକୁ ପରୀକ୍ଷାର୍ଥୀମାନେ ଲାଇନରେ ପ୍ରବେଶ କରିଥିଲେ। ପରେ ପରୀକ୍ଷାର୍ଥୀ ସିଟ ରେ ବସିବା ପରେ ସକାଳ ୮,୪୫ ମିନିଟ ରେ ଖାତା ଦିଆଯାଇଥିଲା। ଖାତାରେ ନାମ, ରୋଲ ନମ୍ବର, ସେଣ୍ଟର ନମ୍ବର ପୂରଣ ପରେ ସକାଳ ୯ଘଟିକା ରେ ପ୍ରଶ୍ନ ପତ୍ର ଦିଆଯାଇଥିଲା। ପରୀକ୍ଷା ଶେଷ ହେବା ପରେ ଶାନ୍ତି ଶୃଙ୍ଖଳା ସହିତ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ରେ ଚଳିତ ବର୍ଷ ମେଟ୍ରିକ ପରୀକ୍ଷା ଦେବାପାଇଁ ୨୪୬୭ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ୧୪ ସେଣ୍ଟରରେ ୨୪୦୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୬୨ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଆସିନଥିଲେ। ନୀଳଗିରି ବ୍ଲକ ,ଏନଏସି ମିଶାଇ୧୨ଟି ସେଣ୍ଟର ହୋଇଥିଲା ବେଳେ ଔପଦା ବ୍ଲକ ର ଈଶ୍ୱରପୁର ଓ ସନ୍ତରା ଗଡ଼ିଆ ସେଣ୍ଟର ମିଶାଇ ୧୪ଟି ସେଣ୍ଟର କୁ ନେଇନୋଡାଲ ସେଣ୍ଟରଟି ନୀଳଗିରି କୈଳାଶ ଚନ୍ଦ୍ର ହାଇସ୍କୁଲ ରେ ନୋଡାଲ ସେଣ୍ଟର ଦ୍ୱାରା ପରିଚାଳିତ ହେଉଥିଲା । ଉକ୍ତ ନୋଡାଲ ସେଣ୍ଟର ଦାୟତ୍ୱ ରେ କୌଶିକ କୁମାର ଦାସ ଥିଲେ। ସୁପରଭିଜନ ପାଇଁ ଏବିଓ ଓ ଶିକ୍ଷକ ମିଶି ସମୁଦାୟ ୧୪ ଜଣ ପର୍ଯ୍ୟବେକ୍ଷକ ନିୟୋଜିତ ଥିବାବେଳେ ୧୧୨ରୁ ଉର୍ଦ୍ଧ୍ୱ ଶିକ୍ଷକ, ଶିକ୍ଷୟତ୍ରୀ ପରୀକ୍ଷା ଦାୟିତ୍ୱ ଥିଲେ। ପରୀକ୍ଷାର ଶେଷ ଦିନରେ ଗଣିତ ପରୀକ୍ଷା ହୋଇଥିଲା ବେଳେ ପରୀକ୍ଷା ପ୍ରଶ୍ନୋତ୍ତର ଭଲ ହୋଇଛି ବୋଲି ପରୀକ୍ଷାର୍ଥୀ ପ୍ରକାଶ କରିଥିଲେ। ତ୍ରୁଟି ଶୂନ୍ୟ କରିବାକୁ ବିଶେଷ ଧ୍ୟାନ ଦେବାକୁ ନିର୍ଦ୍ଦେଶ ସହିତ ମେ ମାସ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ମେଟ୍ରିକ ଫଳ ପ୍ରକାଶ ପାଇବ ବୋଲି ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି।

## ୫ ଚୋରି ବାଇକ ଉଦ୍ଧାର, ଦୁଇ ଗିରଫ



ବୋରିଗୁମ୍ମା,୨।୩ (ସଂଚାର ବ୍ୟୁରୋ)ଃ ବୋରିଗୁମ୍ମା ପୁଲିସ ଦ୍ୱାରା ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ପାଞ୍ଚଟି ବାଇକକୁ ଉଦ୍ଧାର କରିବା ସହ ଦୁଇ ଜଣଙ୍କୁ ଗିରଫ କରାଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପୋଲିସ ଏସ୍ଡିପିଓ ସୂଚନା ଦେଇଛନ୍ତି। ଗିରଫ ଦୁଇ ଜଣ ହେଲେ କେ.ପି.ରବି (୨୫), ଘର ବି.ସିଂପୁର ଥାନା ଅନ୍ତର୍ଗତ ଚରାମୁଳା ଓ ପ୍ରଶାନ୍ତ ଗୌଡ଼(୨୫) ଘର ଜୟନ୍ତୀଗିରିରେ ବୋଲି ପୋଲିସ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ବୋରିଗୁମ୍ମା କେସ ନମ୍ବର-୪୩/୧୯.୦୨.୨୬ ଓ କେସ ନମ୍ବର-୪୦/୧୫.୦୨.୨୬ ରେ ଦୁଇ ଜଣ ଅଭିଯୋଗକାରୀ ବାଇକ ଚୋରୀ ହୋଇଥିବା ନେଇ ଥାନାରେ ଲିଖିତ ଭାବେ ଜଣାଇଥିଲେ। ପୋଲିସ ତ୍ୱରିତ ଚୋରି ବାଇକକୁ ଉଦ୍ଧାର କରିବା ସହ ଦୁଇ ଜଣ ଙ୍କୁ ଗିରଫ କରିଛି। ଏଥିସହ ବାଇକ ଚୋରୀରେ ସମ୍ପୃକ୍ତ ତୃତୀୟ ଅଭିଯୁକ୍ତ ମାଳିଡମ୍ବଗୁଡାର ନିର ହରିଜନ ଫେରାର ଥିବା ପୋଲିସ ସୂଚନା ଦେଇଛନ୍ତି। ଉଦ୍ଧାର ହୋଇଥିବା ଅନ୍ୟ ତିନୋଟି ବାଇକର ମାଲିକଙ୍କୁ ଡାକି ବାଇକ ହସ୍ତାନ୍ତର କରାଯିବ ବୋଲି ଏସ୍ଡିପିଓ ଶ୍ରୀ ଲେଙ୍କା କହିଛନ୍ତି।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର



ଖୋର୍ଦ୍ଧା,୨।୩ (ସଂଚାର ବ୍ୟୁରୋ)ଃଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଖୋର୍ଦ୍ଧାରେ କଲେକ୍ଟର ଅମ୍ରିତ ଋତୁରାଜ ଏବଂ ଏସପି ବିବେକାନନ୍ଦ ଶର୍ମାଙ୍କ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଜନଶୁଣାଣି ଶିବିରରେ ଏଡିଏମ୍ ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପ-କଲେକ୍ଟର ସଂକଳ୍ପ ସ୍ୱସ୍ତିକ ସାହୁ, ସିଡିଏମ୍ ଏବଂ ପିଏଚ୍‌ଓ ଡକ୍ଟର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ। କଲେକ୍ଟର ଶ୍ରୀ ଋତୁରାଜ କହିଛନ୍ତି, ଜନଶୁଣାଣି ଶିବିର ସୁଶାସନ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ତେଣୁ ପ୍ରତ୍ୟେକ ଅଧିକାରୀ ତାଙ୍କ କାର୍ଯ୍ୟାଳୟ ଅଧୀନରେ ଆସୁଥିବା ଅଭିଯୋଗଗୁଡ଼ିକୁ ବିଳମ୍ବ କରିବା ଉଚିତ୍ ନୁହେଁ ଏବଂ ସରକାର ଏବଂ ଜିଲ୍ଲା ପ୍ରଶାସନର ଆଇନ ଅନୁଯାୟୀ ଅଭିଯୋଗଗୁଡ଼ିକର ସମାଧାନ କରିବା ଉଚିତ୍।

ଏହି ମିଳିତ ଜନଶୁଣାଣି ଶିବିରରେ ମୋଟ ୬୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା, ଯେଉଁଥିରୁ ୫୮ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୁହିକ ସମସ୍ୟା ସହିତ ଜଡିତ ଥିଲା। କଲେକ୍ଟର ଘଟଣାସ୍ଥଳରୁ ୯ଟି ଅଭିଯୋଗର ସମାଧାନ କରିଥିଲେ ଏବଂ ଅନ୍ୟ ଅଭିଯୋଗଗୁଡ଼ିକୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପଠାଯାଇଥିଲା।

**AFFIDAVIT**

I, Sukru Singh(72), w/o Rohidas Singh, At-Jamdapal, Po-Bankati, Ps-Bangiriposi, Dist-Mayurbhanj, Pin No- 757032, Odisha, declared by this affidavit SL.No-355 in the Court of Executive Magistrate, Baripada, Dist.-Mayurbhanj on 27-02-2026 that my name wrongly mentioned as Shukru Singh instead of Sukru Singh in my PPO details No-224199000576 (e-PPO No-172198900540). Now onwards I shall be known as Sukru Singh for all future purposes.

**AFFIDAVIT**

By Virtue of an Affidavit sworn in the court of Executive Majistrate Kendrapara. I Kailash Chandra Sahoo aged 48, S/O-Mahani Charan Sahoo of At-Athabatia Po-Ashram Balikuda,Ps-Marshaghai,Dist-Kendrapara,Pin-754213 Odisha do here by solemnly affirm and state as follows. My Correct Name is Kailash Chandra Sahoo Aadharno.- 284420616928,Diving Licence No- OR0420000023445, but his name has been mentioned as Kailash Ch Sahoo and father name Man Mohan Sahoo .That myself Kailash Chandra Sahoo and father name Mahani Charan Sahoo the same person of Kailash Ch Sahoo and Father name Man Mohan Sahoo . That this affidavit the same is to be Produced before the all Necessary Purpose Which needs correction, hence this affidavit.

## ମହିଳାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି ଜେଏସ୍‌ଡବ୍ଲ୍ୟୁ



ପାରାଦୀପ,୨।୩ (ସଂଚାର ବ୍ୟୁରୋ)ଃ ପାରାଦୀପରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ବିକାଶ ମୂଳକ ପଦକ୍ଷେପ ପ୍ରକଳ୍ପ ସ୍ଥାପନ ପୂର୍ବରୁ ବିଭିନ୍ନ ଯୋଜନାରେ ନୂତନ ମାନଦଣ୍ଡ ସ୍ଥାପନ କରିଛି। ମହିଳାଙ୍କୁ ଆତ୍ମନିର୍ଭରଶିଳତା ଠାରୁ ଆରମ୍ଭ କରି କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଆଲୋକିକରଣ କ୍ଷେତ୍ରରେ ସାର୍ବଜନୀନ ସ୍ଥାନରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କମ୍ପାନୀ ପହଞ୍ଚି ପାରିଛି। ସ୍ଥାନୀୟ ଅଞ୍ଚଳରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ପରିଚୟ ସ୍ୱତନ୍ତ୍ର।

ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ୨୪୬ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଛତୁ ଚାଷରେ ୯୮,୪୦୦ ବେଡ ତିଆରି କରିଛନ୍ତି। ସେମାନେ ମାସକୁ ୫ ହଜାର ଟଙ୍କା ଲେଖାଏଁ ରୋଜଗାର କରି ପାରୁଛନ୍ତି। ଜୀବିକା ନିର୍ବାହ ପାଇଁ ୧,୯୦୯ ଜଣ ଚାଷୀଙ୍କୁ ଦକ୍ଷତା ପ୍ରଦାନ କରାଯାଇଛି। ଯାହାଦ୍ୱାରା କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକ ଆଗକୁ ବଢ଼ିଛନ୍ତି। ଧୂପକାଠି, କୁକୁଡ଼ା ପାଳନ, ଛତୁ ଚାଷରେ ନିୟୋଜିତ ସ୍ୱୟଂସହାୟିକା ଗୋଷ୍ଠୀ ଗୁଡ଼ିକ ବିଶେଷ ଭାବେ ଲାଭବାନ ହୋଇପାରିଛନ୍ତି।ସେହିପରି ୬୧୨ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା କୁକୁଡ଼ା ଚାଷ କରୁଛନ୍ତି। ସେମାନଙ୍କର ଆଭେରେଜ ମାସିକ ଆୟ ୩,୫୦୦ ଟଙ୍କାରେ ପହଞ୍ଚିଛି। ବିରି ବଡ଼ି ତିଆରି ପାଇଁ ୪୩ଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ପ୍ରତି ମାସରେ ୩ ଶହ କିଗ୍ରା ବଡ଼ି ତିଆରି କରୁଛନ୍ତି। ପ୍ରତି ମାସରେ ୧୫ ଶହ ଟଙ୍କା ଆୟ କରୁଛନ୍ତି। ମାଆ ଶାରଳା ସ୍ୱୟଂ ସହାୟିକା ଗୋଷ୍ଠୀର ୮ ଜଣ ସଦସ୍ୟା ବ୍ୟାଗ ତିଆରି କରି ପ୍ରତି ମାସରେ ୧୫ ଶହ ଟଙ୍କା ରୋଜଗାର କରୁଛନ୍ତି। ସମ୍ଭାବନା ପିଜିର ୧୦ ଜଣ ସଦସ୍ୟା ପ୍ରତି ମାସରେ ୨୫୦ କିଗ୍ରା ମସଲା ତିଆରି କରୁଛନ୍ତି। ପ୍ରତି ମାସରେ ପ୍ରତ୍ୟେକ ସଦସ୍ୟା ୧୫ ଶହ ଟଙ୍କା ରୋଜଗାର କରୁଛନ୍ତି। ସେହିପରି ମାଆ ଅନ୍ନପୂର୍ଣ୍ଣା ପିଜିର ୧୪ ଜଣ ସଦସ୍ୟା ଝୋଟ ବ୍ୟାଗ ତିଆରି କରି ପ୍ରତି ମାସରେ ୨,୫୦୦ ଟଙ୍କା ଲେଖାଏଁ ରୋଜଗାର କରି ପାରୁଛନ୍ତି। ଧୂପକାଠି ଟିଆରି କରି ୪୫ ଟି ର ସ୍ୱଂୟ ସହାୟିକା ଗୋଷ୍ଠୀର ମହିଳାମାନେ ମାସକୁ ସର୍ବନିମ୍ନ ୧,୭୫୦ ଟଙ୍କା ଲେଖାଏଁ ରୋଜଗାର କରୁଛନ୍ତି।

ସେହିପରି ନୋଳିଆ ସାହିରେ ଶୁଖୁଆ ଶୁଖାଇବା ପାଇଁ ମା' ଚର୍ଚ୍ଚିକା ପିଜିର ୨୦ ଜଣ ମହିଳାମାନଙ୍କୁ ୨ଟି ଉଚ୍ଚ କ୍ଷମତା ସମ୍ପନ୍ନ ଶୌର ଶକ୍ତି ଚାଳିତ ମାଛ ଶୁଖାଇବା ଯନ୍ତ୍ର ପ୍ରଦାନ କରାଯାଇଛି। ଏହି ମାଛ ଶୁଖାଇବା ଯନ୍ତ୍ର ସାହାଯ୍ୟରେ ୩ ଘଣ୍ଟାକୁ ୨୦ କିଗ୍ରା ଶୁଖୁଆ ଉତ୍ପାଦନ ହୋଇପାରୁଛି। ଯାହାଦ୍ୱାରା ବିଶେଷ କରି ବର୍ଷା ଦିନ ମାନଙ୍କରେ ଏମାନଙ୍କ ପାଇଁ ଏହି ମେସିନ ବରଦାନ ପାଲଟିଛି। ଉନ୍ନତ ମାନର ଶୁଖୁଆ ଉତ୍ପାଦନ ହୋଇ ପାରୁଛି। ମୋଟାମୋଟି ଭାବରେ ୩,୦୪୩ ଟି ଘର ପରିବାରଙ୍କ ଅତିରିକ୍ତ ଆୟ ବୃଦ୍ଧି ପାଇଛି।

# ଏଜିଆର ଏବଂ ରାଜସ୍ୱ ବଜାର ଅଂଶରେ ଜିଓ ସବୁଠୁ ଆଗରେ




**୨୨ଟି ଟେଲିକମ୍ ସର୍କଲ୍ ମଧ୍ୟରୁ ୧୬ରେ ରହିଛି ଦୃଢ଼ ସ୍ଥିତି**

ନୂଆଦିଲ୍ଲୀ: ୨।୩: ପ୍ରମୁଖ ବିଶ୍ଳେଷକ ସଂସ୍ଥା ଅଇସିଆଇସିଆଇ ସିକ୍ୟୁରିଟିଜ୍ ଏବଂ ସିଏଲଏସଏ ଦ୍ୱାରା ଟେଲିକମ୍ କ୍ଷେତ୍ର ଉପରେ ପ୍ରକାଶ କରାଯାଇଥିବା ସଦ୍ୟତମ ରିପୋର୍ଟରେ ରିଲାଏନ୍ସ ଜିଓର ଅଗ୍ରଣୀ ସ୍ଥିତି ସ୍ପଷ୍ଟ ଭାବରେ ପରିଲକ୍ଷିତ ହୋଇଛି। ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ଜିଓ, ଉଭୟ ଆଡଜଷ୍ଟେଡ ମୋଟ ରାଜସ୍ୱ (ଏଜିଆର) ଏବଂ ରାଜସ୍ୱ ବଜାର ଅଂଶ ଉଭୟରେ ଟେଲିକମ କ୍ଷେତ୍ରରେ ଏହାର ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ବେଶ୍ ପଛରେ ପକାଇ ଦେଇଛି। ଆଇସିଆଇସିଆଇ ସିକ୍ୟୁରିଟିଜ୍ ଅନୁସାରେ, ତିନି ଘରୋଇ ଅପରେଟର ଜିଓ, ଏୟାରଟେଲ ଏବଂ ଭୋଡାଫୋନ ଆଇଡିଆର ମିଳିତ ଭାବରେ ତ୍ରୈମାସିକ ହାରରେ ୨.୯ ପ୍ରତିଶତ ଏବଂ ପୂର୍ବ ବର୍ଷ ସମାନ ତ୍ରୈମାସିକ ତୁଳନାରେ ୮.୯ ପ୍ରତିଶତ ବୃଦ୍ଧି ପାଇ ୭୨୦୦୦ କୋଟି ଟଙ୍କା ହୋଇଛି। ଏହି ସମୟ ମଧ୍ୟରେ, ରିଲାଏନ୍ସ ଜିଓର ଏଜିଆର ୩୨୧୦୦ କୋଟି ଟଙ୍କା ରହିଥିଲା, ଯାହା ତ୍ରୈମାସିକ ହାରରେ ୩.୯ ପ୍ରତିଶତ ଏବଂ ବାର୍ଷିକ ହାରରେ ଗତବର୍ଷ ସମାନ ଅବଧି ତୁଳନାରେ ୧୧.୨ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ଏହା ସହିତ ଦେଶରେ ଜିଓର ଏଜିଆର ବଜାର ଅଂଶ ୪୩ ପ୍ରତିଶତରେ ପହଞ୍ଚିଛି।

ତୁଳନାତ୍ମକ ଭାବରେ, ଭାରତୀ ଏୟାରଟେଲର ଏଜିଆର ୨୯୯୦୦ କିଟି ଟଙ୍କା ଏବଂ ଏହାର ବଜାର ଅଂଶ ୩୯.୯ ପ୍ରତିଶତ ରହିଥିବା ବେଳେ ଭୋଡାଫୋନ ଆଇଡିଆର ଏଜିଆର ୯୯୦୦ କୋଟି ଟଙ୍କା ଏବଂ ବଜାର ଅଂଶ ପ୍ରାୟ ୧୩ ପ୍ରତିଶତ ରହିଥିଲା। ରିପୋର୍ଟ ଅନୁଯାୟୀ, ଜିଓ ଏହାର ବଜାର ଅଂଶ ତ୍ରୈମାସିକରେ ୪୧ ବେସିସ୍ ପଏଣ୍ଟ ଏବଂ ବାର୍ଷିକ ଭାବରେ ୧୧୪ ବେସିସ୍ ପଏଣ୍ଟ ବୃଦ୍ଧି କରିଛି। ଟେଲିକମ ସର୍କଲ୍ ସ୍ତରରେ, ଜିଓର ଏଜିଆର ବଜାର ଅଂଶ ୧୬ ଟି ସର୍କଲରେ ବୃଦ୍ଧି ପାଇଛି, ଯାହା ମଧ୍ୟରେ ଗୁଜରାଟ, ଉତ୍ତର ପ୍ରଦେଶ ପୂର୍ବ ଓ ପଶ୍ଚିମ, କର୍ଣ୍ଣାଟକ, ଓଡ଼ିଶା, ଉତ୍ତର-ପୂର୍ବ ରାଜ୍ୟ ସମୂହ ଏବଂ ହିମାଚଳ ପ୍ରଦେଶ ଭଳି ସର୍କଲ ରହିଛନ୍ତି। ମେଟ୍ରୋ ସହରଗୁଡ଼ିକ ମଧ୍ୟରେ ଦିଲ୍ଲୀ, ମୁମ୍ବାଇ ଏବଂ କୋଲକାତାରେ ମଧ୍ୟ ଜିଓର ବଜାର ଅଂଶ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି।

ସିଏଲଏସଏ ରିପୋର୍ଟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ଅକ୍ଟୋବର ରୁ ଡିସେମ୍ବର ତୃତୀୟ ତ୍ରୈମାସିକରେ ଜିଓର ରାଜସ୍ୱ ବଜାର ଅଂଶ ୪୨.୫ ପ୍ରତିଶତ ରହିଥିଲା, ଯାହା ୪୭ ବେସିସ୍ ପଏଣ୍ଟର ତ୍ରୈମାସିକ ବୃଦ୍ଧିକୁ ଦର୍ଶାଉଛି। ଉଭୟ ଜିଓ ଏବଂ ଏୟାରଟେଲ ବିଗତ ୧୨ ମାସ ମଧ୍ୟରେ ବଜାର ଅଂଶ ବୃଦ୍ଧି କରିଥିବାବେଳେ ଭୋଡାଫୋନ ଆଇଡ଼ିଆର ବଜାର ଅଂଶ ହ୍ରାସ ପାଇଛି। ବର୍ତ୍ତମାନର ତଥ୍ୟ ଆଧାରରେ, ଜିଓର ଧ୍ୟାନ ରାଜସ୍ୱ ବୃଦ୍ଧି, ସର୍କଲ୍-ସ୍ତରୀୟ ବିସ୍ତାର ଏବଂ ବଜାର ଅଂଶକୁ ସୁଦୃଢ଼ କରିବା ଉପରେ ରହିଛି, ଯାହା ଏହାକୁ ପ୍ରତିସ୍ପର୍ଦ୍ଧାରେ ଅଗ୍ରଣୀ ରଖିଛି।

## ମୋବାଇଲ ସେବା



# ପ୍ରତି ଘଣ୍ଟାରେ ଓଡ଼ିଶାବାସୀ ଖର୍ଚ୍ଚ କରୁଛନ୍ତି କୋଟିଏ

**୨୦୨୫ରେ ରାଜ୍ୟରୁ ଟେଲିକମ୍ କମ୍ପାନିଙ୍କ ଆୟ ୮,୭୨୯ କୋଟି**

ଭୁବନେଶ୍ୱର, ୨।୩: ୨୦୨୫ରେ ଓଡ଼ିଶାରେ ମୋବାଇଲ ଫୋନ ୟୁଜରଙ୍କଠାରୁ ପ୍ରାୟ ୮,୭୨୯ କୋଟି ଟଙ୍କା ଆୟ କରିଛନ୍ତି ଟେଲିକମ୍ କମ୍ପାନି। ଟେଲିକମ୍ ନିୟାମକ ଟ୍ରାଇ ପ୍ରଦତ୍ତ ତଥ୍ୟରୁ ଏହା ଜଣାପଡ଼ିଛି। ହାରାହାରି ଭାବେ ଓଡ଼ିଶାବାସୀ ମୋବାଇଲ ସେବାରେ ଦିନକୁ ପ୍ରାୟ ୨୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଅର୍ଥାତ୍ ପ୍ରତି ଘଣ୍ଟାକୁ ସେମାନେ ପାଖାପାଖି ୧ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ୨୦୨୫ ବର୍ଷ ପାଇଁ ଜିଓ ଓଡ଼ିଶାରୁ ସର୍ବାଧିକ ୪୪୭୦ କୋଟି ଟଙ୍କାର ରାଜସ୍ୱ ଆୟ କରିଛି। ଏହା ପଛକୁ ଏୟାର୍ଟେଲ ୩,୨୬୯ କୋଟି, ବିଏସ୍ଏନ୍ଏଲ୍ ୭୬୦ କୋଟି, ଭୋଡାଫୋନ ଆଇଡିଆ ୨୧୨ କୋଟି ଏବଂ ଟାଟା ଟେଲି ସର୍ଭିସେସ୍ ୧୮ କୋଟି ଟଙ୍କାର ରାଜସ୍ୱ ଆୟ କରିଛି। ରାଜସ୍ୱ ବଜାର ଅଂଶ ଭାବେ ଜିଓର ସର୍ବାଧିକ ୫୨.୩୨% ଅଂଶ ରହିଥିବାବେଳେ ଏୟାରଟେଲ୍ ୩୭.୩୮%, ବିଏସ୍ଏନ୍ଏଲ୍ର ୭.୬୦% ଏବଂ ଭୋଡାଫୋନ୍ ଆଇଡିଆର ୨.୪୮% ବଜାର ଅଂଶ ରହିଛି। ଟାଟା ଟେଲିସର୍ଭିସେସ୍ର ବଜାର ଅଂଶ ରହିଛି ୦.୨%। ୨୦୨୫ ଡିସେମ୍ବର ସୁଦ୍ଧା ଓଡ଼ିଶାରେ ମୋଟ ମୋବାଇଲ ଉପଭୋକ୍ତା ସଂଖ୍ୟା ୩,୭୨,୬୨,୨୯୮ରେ ପହଞ୍ଚିଛି। ଜିଓର ଉପଭୋକ୍ତା ସଂଖ୍ୟା ୧,୭୨,୫୪,୧୩୮ ରହିଥିବାବେଳେ ଏୟାର୍ଟେଲ୍ର ୧,୨୯,୯୯,୮୧୯, ବିଏସ୍ଏନ୍ଏଲ୍ର ୫୫,୧୮,୩୫୪ ଏବଂ ଭୋଡାଫୋନ ଆଇଡିଆର ୧୪,୮୯,୯୮୭ ୟୁଜର ରହିଛନ୍ତି।

# ‘ଭି-ମାର୍ଟ’ ଆଣିଲା ହୋଲି କଲେକ୍ସନ




**ସପିଂ କଲେ ମିଳିବ ରିହାତି ସହ ପୁରସ୍କାର**

ଭୁବନେଶ୍ୱର, ୨।୩: ଭି-ମାର୍ଟ ଆଣିଛି ହୋଲି କଲେକ୍ସନ। ଜେନ୍-ଜି, ଆଧୁନିକ ପରିବାର ଏବଂ ଷ୍ଟାଇଲ୍ରେ ରୁଚି ରଖୁଥିବା ପିଲାମାନଙ୍କ ପାଇଁ ଏ କଲେକ୍ସନ ବିଶ୍ୱସ୍ତରୀୟ ରନ୍ୱେ-ପ୍ରେରିତ ସୌନ୍ଦର୍ଯ୍ୟ ସହ ଆରାମଦାୟକ ମଧ୍ୟ। ଦୈନନ୍ଦିନ ବ୍ୟବହାର ସହିତ ଉତ୍ସବ ଆଦି ପ୍ରତ୍ୟେକ ଅବସର ପାଇଁ ଏ କଲେକ୍ସନ ଉଦ୍ଦିଷ୍ଟ। ମହିଳାଙ୍କ ପାଇଁ ସଲୱର ସୁଟ୍ ସେଟ୍, ଫେଷ୍ଟିଭ୍-ରେଡି ଡ୍ରେସ, ପଲାଜୋ ଏବଂ ଇଣ୍ଡୋ-ୱେଷ୍ଟର୍ଣ୍ଣ ଫ୍ୟୁଜନ୍ ପିସ୍ର ବ୍ୟାପକ ସମ୍ଭାର ରହିଛି। ପାରିବାରିକ କାର୍ଯ୍ୟକ୍ରମ, ଉତ୍ସବ ଏବଂ କ୍ୟାଜୁଆଲ ଲୁକ୍ ପାଇଁ ଏସବୁ ଉପଯୁକ୍ତ। ପୁରୁଷଙ୍କ କଲେକ୍ସନରେ ରହିଛି ସ୍ମାର୍ଟ କାଜୁଆଲ ସାର୍ଟ, ଆରାମଦାୟକ ଡେନିମ୍, ୟୁଟିଲିଟି ଟ୍ରାଉଜର ଏବଂ ସମର୍-ରେଡି ବଟମ୍ ଇତ୍ୟାଦି। ପିଲାମାନଙ୍କ କଲେକ୍ସନରେ ରହିଛି କୌତୁକିଆ ପ୍ରିଣ୍ଟ ଏବଂ ଅତ୍ୟନ୍ତ ଆକର୍ଷଣୀୟ ରଙ୍ଗଯୁକ୍ତ ସମ୍ଭାର। ଏଥର ବଟମ୍ ୱେର୍କୁ ଅଧିକ ଫୋକସ୍ କରାଯାଇଛି। ଆରାମଦାୟକ ତଥା ଚଉଡ଼ା ଗୋଡ଼ଯୁକ୍ତ ଡେନିମ୍, କାର୍ଗୋ ପ୍ୟାଣ୍ଟ, ୟୁଟିଲିଟି ଟ୍ରାଉଜର, ଫ୍ଲୋଇ ପଲାଜୋ, କୋରିଆନ୍ ପ୍ୟାଣ୍ଟ, ଜଗର୍ସ ଏବଂ ସର୍ଟସର ବ୍ୟାପକ ସମ୍ଭାର ରହିଛି। ୨୫,୦୦୦ରୁ ଉର୍ଦ୍ଧ୍ୱ ଟପ୍, ଟିଜ୍, ସାର୍ଟ, ଡ୍ରେସ ଆଦି ରହିଛି। ଫ୍ୟାଶନ୍ ମାତ୍ର ୯୯ ଟଙ୍କାରୁ ଆରମ୍ଭ। ଗ୍ରାହକ ସ୍ୱତନ୍ତ୍ର ହୋଲି ଅଫର ମଧ ପାଇବେ। ୧୧୯୯ ଟଙ୍କାର ସପିଂ କରି ଗ୍ରାହକ ମାତ୍ର ୧୪୯ ଟଙ୍କା ଦେଇ ୬୯୯ ଟଙ୍କାର ଏକ ୫ ଲିଟର ସିଲିଓ ଇନ୍ସୁଲେଟେଡ୍ ୱାଟର ଜଗ୍ ପାଇପାରିବେ କିମ୍ବା ୯୯୯ ଟଙ୍କାର ଏକ ଆଇରନ୍ ପାଇପାରିବେ। ୩୯୯୯ ଟଙ୍କାର ସପିଂ କରି ଗ୍ରାହକ ୧୪୯ ଟଙ୍କା ଦେଇ ଏକ ୧୫୦୦ ଟଙ୍କାର ପ୍ରେସର କୁକର ପାଇପାରିବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।

## ସେୟାର ବଜାରରେ ଝଡ଼

# ୨,୭୦୦ ପଏଣ୍ଟ ଖସିଲା ସେନସେକ୍ସ

**ବୁଡିଲା ନିବେଶକଙ୍କ ୮ ଲକ୍ଷ କୋଟି**

ନୂଆଦିଲ୍ଲୀ: ୨।୩: ସେୟାର ବଜାରରେ ପ୍ରଳୟ। ୨,୭୦୦ ପଏଣ୍ଟ ଖସିଲା ସେନସେକ୍ସ। ବୁଡ଼ିଲା ନିବେଶକଙ୍କ ୮ ଲକ୍ଷ କୋଟି ଟଙ୍କା। ସେନସେକ୍ସରେ ବଡ଼ ଧରଣର ହ୍ରାସ। ଭାରତୀୟ ସେୟାର ବଜାର ଉପରେ ମଧ୍ୟପ୍ରାଚ୍ୟରେ ବଢୁଥିବା ଯୁଦ୍ଧ ପରିସ୍ଥିତିର ଗଭୀର ପ୍ରଭାବ। ସୋମବାର ବଜାର ଖୋଲିବା ମାତ୍ରେ ସେନସେକ୍ସ ୨,୭୦୦ ପଏଣ୍ଟରୁ ଅଧିକ ତଳକୁ ଖସିଯାଇଛି। ଆମେରିକା ଓ ଇସ୍ରାଏଲ୍ ର ଇରାନ ଉପରେ ଆକ୍ରମଣ ଏବଂ ଇରାନର ସର୍ବୋଚ୍ଚ ନେତା ଖାମେନେଇଙ୍କ ମୃତ୍ୟୁ ଖବର ପରେ ବିଶ୍ୱ ବଜାରରେ ଆତଙ୍କ ଖେଳିଯାଇଛି। ମାତ୍ର କିଛି ଘଣ୍ଟା ମଧ୍ୟରେ ନିବେଶକମାନେ ପ୍ରାୟ ୮ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ସେନସେକ୍ସ ସହ ନିଫ୍ଟି ମଧ୍ୟ ୫୦୦ ପଏଣ୍ଟରୁ ଅଧିକ ତଳକୁ ଖସିଛି। ଯୁଦ୍ଧ ଯୋଗୁଁ ଅଶୋଧିତ ତେଲ ଦର ୫% ରୁ ଅଧିକ ବଢ଼ିଥିବାରୁ ଅଟୋମୋବାଇଲ୍, ପେଣ୍ଟ୍ ଏବଂ ବିମାନ ଚଳାଚଳ କ୍ଷେତ୍ରର ଶେୟାର ଗୁଡ଼ିକରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ସେହିପରି ଟଙ୍କାର ମୂଲ୍ୟ ହ୍ରାସ ପାଇଛି। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିଛି। ଯାହା ଏବେ ୯୧.୨୯ ରେ ପହଞ୍ଚିଛି। ତେବେ କେବଳ ପ୍ରତିରକ୍ଷା କ୍ଷେତ୍ରର ଶେୟାର ଯେମିତିକି ‘ହାଲ୍’ ଏବଂ ‘ବେଲ୍’ ଭଳି କମ୍ପାନୀଗୁଡ଼ିକର ଦର ବୃଦ୍ଧି ପାଇଛି।




# ୧୨ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହେବ ପେଟ୍ରୋଲ, ଡିଜେଲ

ନୂଆଦିଲ୍ଲୀ, ୨।୩: ଆମେରିକା ଏବଂ ଇସ୍ରାଏଲ ହମ୍ଲାରେ ଇରାନ୍ର ସୁପ୍ରିମ୍ ଲିଡର ଅୟାତୁଲ୍ଲା ଅଲ୍ଲୀ ଖାମେନେଇଙ୍କ ମୃତ୍ୟୁ ଘଟିଛି। ଯଦି ଏହି ଯୁଦ୍ଧ ଲମ୍ବା ଚାଲେ ଏବଂ ତୈଳ ମାର୍ଗ ‘ହୋର୍ମୁଜ ଷ୍ଟ୍ରେଟ୍’ ଅଧିକ ଦିନ ବନ୍ଦ ରୁହେ ତେବେ ଅଶୋଧିତ ତୈଳ ଦରରେ ଦେଖାଦେବ ବଡ଼ ବୃଦ୍ଧି। ଏହାର ପ୍ରଭାବ ଭାରତରେ ତେଲ, ସେୟାର ବଜାର ଏବଂ ସୁନା ଓ ରୁପା ଦରରେ ଦେଖିବାକୁ ମିଳିପାରେ। ଲିଟର ପିଛା ପେଟ୍ରୋଲ ଏବଂ ଡିଜେଲ ଦର ୧୨ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହୋଇପାରେ। ଦିଲ୍ଲୀରେ ଲିଟର ପିଛା ପେଟ୍ରୋଲ ୯୫ ଟଙ୍କାରୁ ବଢ଼ି ୧୦୫ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିପାରେ। ସେହିଭଳି ଡିଜେଲ ୮୮ ଟଙ୍କାରୁ ବଢ଼ି ୯୬ ଟଙ୍କା ପର୍ଯ୍ୟନ୍ତ ଯାଇପାରେ। ଏହାର କାରଣ ହେଉଛି ଭାରତ ଏହାର ଆବଶ୍ୟକତାର ୯୦% ତେଲ ଆମଦାନି କରିଥାଏ। ଏଥିମଧ୍ୟରୁ ୫୦% ଅଶୋଧିତ ତୈଳ ହୋର୍ମୁଜ ରାସ୍ତା ଦେଇ ଆସିଥାଏ।

ବିଶେଷଜ୍ଞଙ୍କ କହିବାନୁସାରେ, ହୋର୍ମୁଜ ରାସ୍ତା ଅବରୋଧ ହେବା ଫଳରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଯୋଗାଣ ହ୍ରାସ ପାଇବ ଏବଂ ବ୍ୟାରେଲ ପିଛା ଦର ୧୦୦ରୁ ୧୨୦ ଡଲାର ପର୍ଯ୍ୟନ୍ତ ପହଞ୍ଚିପାରେ। ସମ୍ପ୍ରତି ବ୍ୟାରେଲ ପିଛା ବ୍ରେଣ୍ଟ୍ କ୍ରୁଡ୍ ଦର ପାଖାପାଖି ୭୦ ଡଲାର ରହିଛି। ହୋର୍ମୁଜ ଷ୍ଟ୍ରେଟ୍ ୧୬୭ କିମି ଲମ୍ବା ଜଳମାର୍ଗ। ବିଶ୍ୱର ମୋଟ ପେଟ୍ରୋଲିୟମର ୨୦% ଅଂଶ ଏହି ବାଟ ଦେଇ ଯାଇଥାଏ। ଇରାନ ବ୍ୟତୀତ ସାଉଦି ଆରବ, ଇରାକ ଏବଂ କୁଏତ ଭଳି ଦେଶ ବି ନିଜର ରପ୍ତାନି ପାଇଁ ଏହି ପଥ ଉପରେ ନିର୍ଭର। ଭାରତର ମୋଟ ଅଣ-ତୈଳ ରପ୍ତାନିର ୧୦%ରୁ ଅଧିକ ଭାଗ ଏହି ବାଟ ଦେଇ ଯୋଗାଣ ହୋଇଥାଏ। ଏଥିରେ ବାସୁମତି ଚାଉଳ, ଚା’, ମସଲା ଏବଂ ଇଞ୍ଜିନିୟରିଂ ସାମଗ୍ରୀ ଅନ୍ତର୍ଭୁକ୍ତ। ପ୍ରତିଦିନ ପ୍ରାୟ ୧.୭୮ କୋଟି ବ୍ୟାରେଲରୁ ୨.୦୮ କୋଟି ବ୍ୟାରେଲ ଅଶୋଧିତ ତୈଳ ଏବଂ ଇନ୍ଧନ ଏହି ମାର୍ଗ ଦେଇ ଯାଇଥାଏ। ଇରାନ ନିଜେ ପ୍ରତିଦିନ ୧୭ ଲକ୍ଷ ବ୍ୟାରେଲ ପେଟ୍ରୋଲିୟମ ଏହି ବାଟ ଦେଇ ରପ୍ତାନି କରିଥାଏ। ହୋର୍ମୁଜ ଷ୍ଟ୍ରେଟ୍ର ବିକଳ୍ପ ଭାବେ ସାଉଦି ଆରବ ପାଖରେ ‘ଇଷ୍ଟ-ୱେଷ୍ଟ ପାଇପ୍ଲାଇନ୍’ ଅଛି। ଏହା ମାଧ୍ୟମରେ ପ୍ରତିଦିନ ୫୦ ଲକ୍ଷ ବ୍ୟାରେଲ ଅଶୋଧିତ ତୈଳ ପଠାଯାଇପାରେ। ଭାରତ ଏବଂ ଅନ୍ୟ ଏସୀୟ ଦେଶଗୁଡ଼ିକ ଏହିଭଳି ବୈକଳ୍ପିକ ରାସ୍ତା ଏବଂ ସୁରକ୍ଷିତ ଭଣ୍ଡାରଗୁଡ଼ିକ ଉପରେ ନଜର ରଖିଛନ୍ତି।

୧୯୭୩ରେ ଯେତେବେଳେ ଇସ୍ରାଏଲ ଏବଂ ଆରବ ମଧ୍ୟରେ ଯୁଦ୍ଧ ହୋଇଥିଲା, ଅଶୋଧିତ ତୈଳ ଦର ୩ ଡଲାରରୁ ବଢ଼ି ୧୨ ଡଲାର ହୋଇଯାଇଥିଲା। ଏହା ଫଳରେ ଘରୋଇ ବଜାରରେ ଲିଟର ପିଛା ପେଟ୍ରୋଲ ୧ ଟଙ୍କାରୁ ବଢ଼ି ୧.୬୭ ଟଙ୍କା ହୋଇଥିଲା। ସେହିଭଳି ୧୯୯୦ରେ ଯେତେବେଳେ ଇରାକ ଏବଂ କୁଏତ ମଧ୍ୟରେ ଯୁଦ୍ଧ ହୋଇଥିଲା, ବ୍ୟାରେଲ ପିଛା ଅଶୋଧିତ ତୈଳ ଦର ୧୭ ଡଲାରରୁ ବଢ଼ି ୪୬ ଡଲାର ହୋଇଥିଲା। ଏହା ପ୍ରଭାବରେ ଲିଟର ପିଛା ପେଟ୍ରୋଲ ୮.୫୦ ଟଙ୍କାରୁ ବଢ଼ି ୧୪.୬୨ ଟଙ୍କା ହୋଇଯାଇଥିଲା। ୨୦୦୩ରେ ଇରାକ-ଆମେରିକା ମଧ୍ୟରେ ଯୁଦ୍ଧ ବେଳେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୩୦ ଡଲାରରୁ ବଢ଼ି ୪୦ ଡଲାର ହୋଇଥିଲା। ଏହା ଫଳରେ ପେଟ୍ରୋଲ ଦର ୨୯ ଟଙ୍କାରୁ ୩୩ ଟଙ୍କାକୁ ବୃଦ୍ଧି ପାଇଥିଲା। ୨୦୨୨ରେ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ବେଳେ ବି ଅଶୋଧିତ ତୈଳ ଦରରେ ବଡ଼ ବୃଦ୍ଧି ଘଟିଥିଲା। ବ୍ୟାରେଲ ପିଛା ଅଶୋଧିତ ତୈଳ ଦର ଏ ସମୟରେ ୮୦ ଡଲାରରୁ ବଢ଼ି ୧୩୦ ଡଲାର ହୋଇଥିଲା। ଫଳରେ ଘରୋଇ ବଜାରରେ ପେଟ୍ରୋଲ ଦର ୯୬ ଟଙ୍କାରୁ ବଢ଼ି ୧୦୫ ଟଙ୍କା ହୋଇଥିଲା। ତୈଳ କମ୍ପାନି ଦର ବଢ଼ାଇବାକୁ ସ୍ୱାଧୀନ। କିନ୍ତୁ ଅନ୍ତିମ ନିଷ୍ପତ୍ତି ସରକାରଙ୍କ ଆଭିମୁଖ୍ୟ ଉପରେ ନିର୍ଭର କରେ। ଯେତେବେଳେ ଯୁଦ୍ଧ ସ୍ଥିତି ଉପୁଯେ, ସେତେବେଳେ ସରକାର ରାଜନୈତିକ ଏବଂ ଆର୍ଥିକ ସ୍ଥିରତା ବଜାୟ ରଖିବା ପାଇଁ କମ୍ପାନିଗୁଡ଼ିକୁ ଦର ନ ବଢ଼ାଇବାକୁ ପରାମର୍ଶ ଦେଇପାରନ୍ତି କିମ୍ବା ନିଜେ ଟିକସ ହ୍ରାସ କରି ବର୍ଦ୍ଧିତ ଦରର ବୋଝକୁ ଜନତାଙ୍କ ଉପରେ ନ ପକାଇବାକୁ ଉଦ୍ୟମ କରିପାରନ୍ତି। ଯଦି କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କକୁ ହ୍ରାସ ନ କରନ୍ତି ତେବେ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ଦର ଲିଟର ପିଛା ୧୨ ଟଙ୍କା ପର୍ଯ୍ୟନ୍ତ ବଢ଼ିପାରେ। ଦରଦାମ ସ୍ଥିତି ହୋଇପାରେ ଅଣାୟତ।



**୧.୯ଲକ୍ଷ ଟଙ୍କା ଛୁଇଁପାରେ ସୁନା**

କମୋଡିଟି ବିଶେଷଜ୍ଞ ଅଜୟ କେଡିଆଙ୍କ ଅନୁସାରେ, ୧୦ ଗ୍ରାମ ପିଛା ସୁନା ଦର ୧.୬୦ ଲକ୍ଷ ଟଙ୍କାରୁ ବଢ଼ି ୧.୯୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାଇପାରେ। କିଲୋଗ୍ରାମ ପିଛା ରୁପା ଦରରେ ବି ବଡ଼ ଧରଣର ବୃଦ୍ଧି ଘଟିପାରେ। କାରଣ ଯୁଦ୍ଧ ସମୟରେ ନିବେଶକ ସୁନା ଏବଂ ରୁପାକୁ ନିବେଶର ସୁରକ୍ଷିତ ମାଧ୍ୟମ ଭାବେ ଗଣନା କରିଥାନ୍ତି। ବଜାର ବିଶେଷଜ୍ଞଙ୍କ ମତ ଅନୁସାରେ, ସେୟାର ବଜାରରେ ୧ରୁ ୧.୫% ହ୍ରାସ ଆସିପାରେ। ସୋମବାର ସେନ୍ସେକ୍ସ ୧୩୦୦ ଏବଂ ନିଫ୍ଟି ୩୦୦ ପଏଣ୍ଟ ପର୍ଯ୍ୟନ୍ତ ଖସିପାରେ। ଯୁଦ୍ଧ ଭଳି ଅସ୍ଥିରତା ସମୟରେ ନିବେଶକ ବଜାରରୁ ଟଙ୍କା କାଢ଼ି ସୁରକ୍ଷିତ ସ୍ଥାନରେ ନିବେଶ କରନ୍ତି।



# ଆଜିର ସୁନା ଦର

ସୁନା ଓ ରୁପା ଦରରେ ନିଆଁ। ଗୋଟିଏ ଦିନରେ ୧୦,୦୦୦ ଟଙ୍କାରୁ ଅଧିକ ବଢ଼ିଲା। ମଧ୍ୟପ୍ରାଚ୍ୟରେ ବଢୁଥିବା ଯୁଦ୍ଧ ଓ ଉତ୍ତେଜନା ଯୋଗୁଁ ଭାରତୀୟ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି। ଆଜି ସକାଳେ ସୁନା ଦରରେ ଏକ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ଯାହା ସାଧାରଣ ଗ୍ରାହକଙ୍କୁ ବଡ଼ ଝଟକା ଦେଇଛି। ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୧ ଲକ୍ଷ ୭୩ ହଜାର ୯୦ ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ତୁଳନାରେ ଏହା ପ୍ରାୟ ୧୦,୬୦୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ଦର ବଢ଼ି ୧ ଲକ୍ଷ ୫୯ ହଜାର ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମଧ ସୁନାକୁ ତାଳ ଦେଇ ବଢ଼ିଛି। କିଲୋଗ୍ରାମ ପିଛା ପ୍ରାୟ ୨ ହଜାର ୯୪ ହଜାର ୯୦୦ ଟଙ୍କାରେ ପହଞ୍ଚିଛି। ଗୋଟିଏ ଦିନରେ ରୁପା ଦର ପ୍ରାୟ ୧୨,୭୬୦ ଟଙ୍କା ବଢ଼ିଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧରେ ଚାଲିଥିବା ସଂଘର୍ଷ ଯୋଗୁଁ ନିବେଶକମାନେ ସୁନାକୁ ସବୁଠାରୁ ସୁରକ୍ଷିତ ମନେକରୁଛନ୍ତି। ସେହିପରି ଟଙ୍କାର ମୂଲ୍ୟ ହ୍ରାସ ଘଟିବାରୁ ସୁନା ଦର ବଢ଼ିଛି। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିଥିବାରୁ ଦେଶରେ ସୁନା ଦର ବୃଦ୍ଧି ପାଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

## ହୋଲି ପାଇଁ ରଙ୍ଗର ପସରା



ସୁନ୍ଦରଗଡ଼,୨।୩ (ସଂଚାର ବ୍ୟୁରୋ)ः ଆଉ ଦିନକ ପରେ ରଙ୍ଗର ପର୍ବ ହୋଲି, ଆଉ ହୋଲି ପାଇଁ ସୁନ୍ଦରଗଡ଼ରେ ଆରମ୍ଭ ହୋଇଗଲାଣି ଉତ୍ସୁକତା, ସହରର ବିଭିନ୍ନ ସ୍ଥାନରେ ବେପାରୀ ମାନେ ଖୋଲିଛନ୍ତି ରଙ୍ଗ ଦୋକାନ।

ଆସନ୍ତାକାଲି ଦୋଳ ପୂର୍ଣ୍ଣିମା, ବୁଧବାର ହୋଲି, ଆସନ୍ତାକାଲି ଗ୍ରହଣ ଯୋଗୁଁ ଦୋଳ ପୂର୍ଣ୍ଣିମା ରେ କିଛି ଟା ପ୍ରଭାବ ଦେଖାଯିବ, କିନ୍ତୁ ସୁନ୍ଦରଗଡ଼ ର କେତେକ ସାଂସ୍କୃତିକ ସଙ୍ଘ ଦ୍ୱାରା ହୋଟେଲ ଓ କଲ୍ୟାଣ ମଣ୍ଡପ ଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଇଭେଣ୍ଟ କରାଯାଉଛି ଆଉ ଏହି କାର୍ଯ୍ୟକ୍ରମ ରେ ବହୁ ସଂଖ୍ୟାରେ ଯୁବକ/ଯୁବତୀ ଯୋଗଦେବାର ସୂଚନା ମିଳୁଛି, କିନ୍ତୁ ସାଧାରଣ ଜନତାଙ୍କ ପାଇଁ ଚୋଟିକାଲ ଛକ, ବିଆଇଡିଏ ଛକ ଠାରେ ବିଭିନ୍ନ ରଙ୍ଗ ବ୍ୟବସାୟୀ ମାନେ ରଙ୍ଗ ଦୋକାନ ଖୋଲିଛନ୍ତି, ଆଜି ଏହି ସବୁ ଦୋକାନ ଗୁଡିକରେ ପ୍ରବଳ ଭିଡ଼ ଥିବା ଦେଖିବାକୁ ମିଳିଛି, ହୋଲି ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଛକ ମାନଙ୍କରେ ହୋଲି ଉତ୍ସବ ପାଳନ ପାଇଁ ସଜବାଜ ଆରମ୍ଭ ହଉଥିବା ଦେଖିବାକୁ ମିଳିଛି।

# ଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ

### ପଇସା ନେଇ ୟୁନିଫର୍ମ ଦେଇନାହାନ୍ତି ପ୍ରିନ୍ସିପାଲ

### ୟୁନିଫର୍ମ ନ ଥିବାରୁ ପରୀକ୍ଷା ଦେବାରୁ ବଞ୍ଚିତ

### ପୁଅର ଭବିଷ୍ୟତ ନେଇ ଚିନ୍ତିତ ପରିବାର ଲୋକେ



କନ୍ଧମାଳ,୨।୩ (ସଂଚାର ବ୍ୟୁରୋ)ः ବର୍ତ୍ତମାନ ଯୁକ୍ତ ତିନିର ପରୀକ୍ଷା ଚାଲିଥିବା ବେଳେ ଜଣେ ଛାତ୍ର ୟୁନିଫର୍ମ ନଥିବା ଯୋଗୁଁ ପରୀକ୍ଷା କେନ୍ଦ୍ରରୁ ବିତାଡିତ ହୋଇ ପରୀକ୍ଷା ନଦେଇ ଘରେ ବସିଛନ୍ତି । ଫଳରେ ପରିବାର ଲୋକେ ପୁଅର ଭବିଷ୍ୟତକୁ ନେଇ ଚିନ୍ତିତ ଅଛନ୍ତି। ଏଭଳି ଏକ ଅଭିଯୋଗ ଆସିଛି କନ୍ଧମାଳ ଜିଲ୍ଲା ନୂଆଗାଁ ପଂଚାୟତ ଅନ୍ତର୍ଗତ ସାରଙ୍ଗଡ଼ ଡିଗ୍ରୀ ମହାବିଦ୍ୟାଳୟରୁ।

ଉକ୍ତ ମହାବିଦ୍ୟାଳୟରେ ସରୋଜ କହଁର ନାମକ ଜଣେ ଛାତ୍ର ଯୁକ୍ତ ତିନି କଳା ପ୍ରଥମ ବର୍ଷରେ ପଢୁଛନ୍ତି। ବର୍ତ୍ତମାନ ଯୁକ୍ତ ତିନି ପ୍ରଥମ ବର୍ଷର ପରୀକ୍ଷା ଚାଲିଥିବା ବେଳେ ସରୋଜ ଉକ୍ତ ପରୀକ୍ଷାରୁ ବଂଚିତ ଅଛନ୍ତି। ସରୋଜଙ୍କ ବାପା ପିତାମ୍ବର କହଁରଙ୍କ ଅଭିଯୋଗ ପ୍ରକାରେ, ସରୋଜଙ୍କ ପାଖରେ ୟୁନିଫର୍ମ ନଥିବା ସତ୍ତ୍ୱେ ବି ପରୀକ୍ଷା ଦେବା ଇଚ୍ଛା ନେଇ ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ। ସରୋଜର ୟୁନିଫର୍ମ ନଥିବା ଜାଣି ତାଙ୍କୁ ଅନେକ ପ୍ରକାର ଗାଳିଗୁଲଜ କରିବା ପରେ ପ୍ରଥମ ଦିନରେ ତାଙ୍କୁ ପରୀକ୍ଷା କେନ୍ଦ୍ର ଭିତରେ ପ୍ରବେଶ କରିବା ପାଇଁ ଅନୁମତି ଦେବା ପରେ ଛାତ୍ର ଜଣକ ପ୍ରଥମ ଦିନ ପରୀକ୍ଷା ଦେଇ ଘରକୁ ଫେରିଥିଲେ। ହେଲେ ଦ୍ୱିତୀୟ ବିଷୟ ପରୀକ୍ଷା ଦେବା ପାଇଁ ତାଙ୍କୁ ହଲ ଭିତରେ ପୁରେଇ ଦେଲେ ନାହିଁ, ତେଣୁ ଛାତ୍ର ଜଣକ ନିରାଶ ହୋଇ ଘରକୁ ଫେରିଥିଲେ ଓ ବାପାଙ୍କୁ ସକଳ କଥା ଜଣେଇବା ପରେ ବାପା ଧାର ଉଧାର କରି ୟୁନିଫର୍ମ ବାବଦକୁ ୬୦୦ ଟଙ୍କା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦେଇଥିଲେ । ହେଲେ କର୍ତ୍ତୃପକ୍ଷ ୟୁନିଫର୍ମ ନଦେଇ ଚୁପ ବସିଥିବା ବେଳେ ଛାତ୍ର ଜଣକ ମନଦୁଃଖ କରି ଘରେ ପାଗଳଙ୍କ ଭଳି ବୁଲୁଛନ୍ତି।

ତେଣୁ ମାନସିକ ଚାପରେ ପଡି ଛାତ୍ର ଜଣକ ଯଦି କୌଣସି ଭୁଲ ପଦକ୍ଷେପ ଗ୍ରହଣ କରନ୍ତି ତେବେ ଏଥିପ୍ରତି ବିଦ୍ୟାଳୟର କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ପରିବାର ଲୋକ ଦାବୀ କରୁଛନ୍ତି । ଗରିବ ଖଟିଖିଆ ପିତାମାତା ନିଜ ସନ୍ତାନ ସନ୍ତତି ମାନଙ୍କୁ ଶିକ୍ଷିତ କରିବା ପାଇଁ ଦିନରାତି ପରିଶ୍ରମ କରି ପଇସା ଯୋଗାଡ଼ କରୁଥିବା ବେଳେ ଏଭଳି କର୍ତ୍ତୃପକ୍ଷ ମାନଙ୍କ ପାଇଁ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଠେଲି ହୋଇଯିବା ସହିତ କିଛି ଛାତ୍ରଛାତ୍ରୀ ଆତ୍ମହତ୍ୟା କରିବା ଭଳି ଭୁଲ ପଦକ୍ଷେପ ନେଉଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

## ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ହୋଲି ରଙ୍ଗ ଦୋକାନ ଉଦ୍‌ଘାଟିତ



ସୁବର୍ଣ୍ଣପୁର,୨।୩ (ସଂଚାର ବ୍ୟୁରୋ)ः ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ପୌରପରିଷଦ ଅନ୍ତର୍ଗତ ବ୍ଲକ ଛକଠାରେ ମିଶନ ଶକ୍ତି ବିଭାଗ ଅଧିନସ୍ତ ଅୟୋଜିତ ପ୍ରଗତି ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ "ହୋଲି କଲର୍ ଷ୍ଟଲ୍" ଆଜି ଶୁଭ ଉଦଘାଟନ ହୋଇଯାଇଛି। ଏହି ଷ୍ଟଲ୍‌ଟିଙ୍କୁ ମୂଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝି, ସମ୍ମାନିତ ଅତିଥି ସୋନପୁର ବିଡିଓ ପ୍ରତୀକ କର ଶୁଭ ଉଦଘାଟନ କରିଥିଲେ। ହୋଲି ପର୍ବକୁ ଦୃଷ୍ଟିରେ ରଖି ମହିଳାମାନଙ୍କ ସ୍ୱୟଂ ରୋଜଗାର ବୃଦ୍ଧି କରିବା ଓ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ଷ୍ଟଲ୍‌ଟି ଖୋଲାଯାଇଛି। ଅତିଥିମାନେ ପ୍ରଗତି ଏସ୍‌ଏଚ୍‌ଜିର ଉଦ୍ୟମକୁ ପ୍ରଶଂସା କରିଥିବା ସହ ଭବିଷ୍ୟତରେ ଏପରି ପ୍ରୟାସ ଆହୁରି ବୃଦ୍ଧି ପାଇବାକୁ ଆଶା ବ୍ୟକ୍ତ କରିଥିଲେ। ଏହି ପ୍ରୟାସ ନିଶ୍ଚିତ ଭାବେ ମହିଳା ସଶକ୍ତିକରଣ ଓ ଆର୍ଥିକ ସ୍ୱାବଲମ୍ବନତାରେ ଏକ ନୂତନ ଦିଗଦର୍ଶନ ସୃଷ୍ଟି କରିବ। ଏହି ଅବସରରେ ଏମ୍‌ବିକେ, ସିଆର୍ପି, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ, ଫେଡେରେସନ୍ ନେତୃବୃନ୍ଦ ସହ ସଚିଦାନନ୍ଦ ବୁଡାଏକ, ବ୍ଲକ ପ୍ରକଳ୍ପ ସଂଯୋଜକ-ମିଶନ ଶକ୍ତି, ସୁବ୍ରତ ମେହେର, ବିପିଏମ, ଓଏଲମ, ସଶିକାନ୍ତ ଶର୍ମା ଏକାଉଣ୍ଟାଣ୍ଟ ଓ ନେପୁର ମହାନନ୍ଦ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ।

## ଡେଲକି ଖଡ଼ିଆ ଯୁବ ସଂଗଠନ ଦ୍ୱାରା ସେନା ମେଡ଼ାଲ ବୀରତା ପୁରସ୍କାରପ୍ରାପ୍ତ ହାବିଲଦାର ସମ୍ମାନିତ



ସୁନ୍ଦରଗଡ଼,୨।୩ (ସଂଚାର ବ୍ୟୁରୋ)ः ପାଞ୍ଚଶହ ଘର ଡେଲକି ଖଡିଆ ଯୁବ ସଂଗଠନ, ସୁନ୍ଦରଗଡ ଜିଲ୍ଲା ତରଫରୁ କାଲୋବାହାଲ ଗ୍ରାମ କୁ ଯାଇ ଭାରତୀୟ ସ୍ଥଳସେନା ର ସେନା ମେଡାଲ ବୀରତା ପୁରସ୍କାରରେ ପୁରସ୍କୃତ ହାବିଲଦାର ଶ୍ରୀ ଗୋପାଳ ପ୍ରଧାନଙ୍କୁ ତାଙ୍କ ବାସଭବନରେ ସମ୍ମାନିତ କରାଯାଇଛି। ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ କାଲୋବାହାଲ ଗ୍ରାମର ସ୍ୱର୍ଗତ ଅନିରୁଦ୍ଧ ପ୍ରଧାନ ଓ ସ୍ୱର୍ଗତ ସୁଖି ପ୍ରଧାନଙ୍କ ପୁଅ ସ୍ଥଳସେନାରେ ହାବିଲଦାର ଭାବରେ କାର୍ଯ୍ୟରତ ଅଛନ୍ତି । ଦେଶର ଉତ୍ତର ଭାଗରେ ଦୁର୍ଗମ ଅଞ୍ଚଳରେ କାର୍ଯ୍ୟରତ ହାବିଲଦାର ଗୋପାଳ ପ୍ରଧାନ ୨ ଜଣ ଆତଙ୍କବାଦୀଙ୍କ ସୂଚନା ପାଇ ନିଜ ଟିମ୍ ସହ ଏକ ସଠିକ ଯୁଦ୍ଧ କୌଶଳର ପରିଚୟ ଦେଇ ୩ ଜଣ ଆତଙ୍କବାଦୀଙ୍କୁ ଗତ ୮ ସେପ୍ଟେମ୍ବର ୨୦୨୪ ରେ ନିପାତ କରିଥିଲେ ସେଥିପାଇଁ ତାଙ୍କୁ ସେନା ମେଡାଲ ବୀରତା ପୁରସ୍କାରରେ ସମ୍ମାନୀତ କରାଯାଇଥିଲା । ଶ୍ରୀ ଗୋପାଳ ପ୍ରଧାନ ନିଜ ଘରକୁ ଆସିଥିବା ବେଳେ ଡେଲକି ଖଡିଆ ଯୁବ ସଂଗଠନ ସୁନ୍ଦରଗଡ ପକ୍ଷରୁ ତାଙ୍କ ବାସଭବନରେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନୀତ କରିଥିଲେ ଏହି ଅବସରରେ ତାଙ୍କ ସହ ଧର୍ମିଣୀ ତିଲ୍ଲୋତମା ପ୍ରଧାନ ସହିତ ଦୁଇ ଝିଅ ପ୍ରିୟା ଓ ବିନ୍ଦିୟା ଙ୍କୁ ବି ସଂଗଠନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି।

ଯୁବ ସଂଗଠନ ତରଫରୁ ଏହି କାର୍ଯ୍ୟକ୍ରମ ରେ ଶ୍ରୀ ଶିବଶଙ୍କର ନାଏକ, ଗୋପାଳ ପ୍ରଧାନ,ସୁମନ୍ତ ନାଏକ, ବିଜୟ କୁ. ପ୍ରଧାନ, ମନୋଜ ଦଣ୍ଡସେନା,ତଥା ଗମ୍ହାରୀଡ଼ିହି ଗ୍ରାମର ବହୁ ଯୁବବନ୍ଧୁ ଯୋଗଦାନ କରି ତାଙ୍କୁ ଉତ୍ସାହ ପ୍ରଦାନ କରିଥିଲେ।

ଯୁବ ସଂଗଠନ ର ଏହି କାର୍ଯ୍ୟ କୁ ଦେଖି ଶ୍ରୀ ପ୍ରଧାନଙ୍କ ସହିତ ତାଙ୍କ ପରିବାର ବି ବହୁତ ଖୁସି ଅନୁଭବ କରିଥିଲେ।

ଦେଶର ସେନାମୁଖ୍ୟଙ୍କ ହାତରୁ ସମ୍ମାନିତ ହେବା ଖବର ସମ୍ପୂର୍ଣ୍ଣ ଖଡିଆ ସମାଜ ପାଇଁ ପ୍ରେରଣା ଯୋଗାଇବ ବୋଲି ସମସ୍ତଙ୍କ ମତାମତ ଥିଲା।

### ପାନ ମସଲା କଳାବଜାରୀ

## ଚଢ଼ା ଦରରେ ବିକ୍ରି କରୁଛନ୍ତି ଦୋକାନୀ



ସୁବର୍ଣ୍ଣପୁର,୨।୩ (ସଂଚାର ବ୍ୟୁରୋ)ः ସରକାରଙ୍କ ଗୁଟକା ବନ୍ଦ ପ୍ରହସନ। ସବୁ ଦୋକାନରେ ଅଧିକ ମୂଲ୍ୟରେ ହେଉଛି ବିକ୍ରି। ନିକଟରେ ସରକାର ସାରା ରାଜ୍ୟରେ ଗୁଟକା ଓ ପାନ ମସଲା ବ୍ୟାନ କରିଥିଲେ। ପରେ ଏଥିରେ ପରିବର୍ତ୍ତନ କରି ପାନ ମସଲା ବିକ୍ରି ହୋଇ ପାରିବ ବୋଲି ଘୋଷଣା କଲେ । ହେଲେ ଯିଏ ଗୁଟକା ବିକ୍ରି କରିବ ଓ ଖାଇବ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଗିଦ କଲେ । ହେଲେ ସରକାରଙ୍କ ଏହି ଘୋଷଣା ପ୍ରହସନରେ ପରିଣତ ହୋଇଛି। ସରକାରଙ୍କ ତାଗିଦ ପରେ ଗୁଟକା ବିକ୍ରି ତ ବନ୍ଦ ହେଲା ନାହିଁ ବରଂ ଏହାର ମୂଲ୍ୟ ବୃଦ୍ଧି ହେଲା । ସମସ୍ତ ଦୋକାନରେ ଏବେ ଗୁଟକା ଖୋଲା ମେଲାରେ ବିକ୍ରି ହେଉଥିଲା ବେଳେ ଯେଉଁ ଗୁଟକାର ମୂଲ୍ୟ ୫ ଟଙ୍କା ଥିଲା ତାହା ଏବେ ୭ରୁ ୮ ଟଙ୍କାରେ ବିକ୍ରି ହେଉଛି । ଅସାଧୁ ବ୍ୟବସାୟୀ ଗୁଟକା ବନ୍ଦକୁ ଆଳ କରି ଏହାକୁ ଚଢା ମୂଲ୍ୟରେ ବିକ୍ରି କରୁଛନ୍ତି । କୌଣସି ଦୋକାନରେ ଚଢ଼ାଉ କରିବାର ଦେଖିବାକୁ ମିଳୁନାହିଁ । ସ୍ଥିତି ଯଥା ପୂର୍ବ ତଥା ପରଂ ହୋଇ ଯାଇଛି । କିଛି ବ୍ୟକ୍ତି ଏ ନେଇ ମତ ଦେଇ କହିଛନ୍ତି ସରକାର ଗୁଟକା ବନ୍ଦ ନାମରେ କେବଳ ପ୍ରହସନ କରୁଛନ୍ତି । ଯାହା ଅସାଧୁ ବ୍ୟବସାୟୀଙ୍କୁ ଲାଭ ପହଞ୍ଚାଇଛି ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ସୁବର୍ଣ୍ଣପୁର,୨।୩ (ସଂଚାର ବ୍ୟୁରୋ)ः ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ପଞ୍ଚାୟତ ସମିତି ସଭା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଶ୍ରୀ ପ୍ରତାପ କୁମାର ରଣା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୩୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୩୪ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୦୩ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ୦୧ ଗୋଟି ଦରଖାସ୍ତ ତୁରନ୍ତ ଅଭିଯୋଗ ଶୁଣାଣି ସମୟରେ ଫଏସଲା ହୋଇଥିଲା। ଅବଶିଷ୍ଟ ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୋନପୁର, ଶ୍ରୀ ପ୍ରତୀକ କୁମାର କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## ଅବୈଧ ଡ୍ରଗ ସେବନ ବିରୋଧରେ ଆଲୋଚନାଚକ୍ର ଓ ଅବିର ଉତ୍ସବ ପାଳିତ




ପାରାଦୀପ,୨।୩ (ସଂଚାର ବ୍ୟୁରୋ)ः ୱାଦା (ୱାର ଏଗନେଷ୍ଟ ଡ୍ରଗ ଆବ୍ୟୁଜ ) ଅଭିଯାନର ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଏକ ଆଲୋଚନା ଚକ୍ର କୁଜଙ୍ଗ ବିଦ୍ୟୁଲତା ମଣ୍ଡପ ରେ ଆୟୋଜିତ ହୋଇଯାଇଛି!ଏହି ଅବସରରେ ଅଥିତି ମାନେ ସଂଗଠନ କୁ ମଜବୁତ କରିବା ସହ କାର୍ଯ୍ୟକ୍ରମ କିପରି ସୁଦୂର ପ୍ରସାର ହୋଇପାରିବ ସେ ନେଇ ମାର୍ଗ ଦର୍ଶନ ଦେଇଥିଲେ!ଶତ୍ରୁ ଦେଶ ମାନେ ଆମ ଦେଶର ଯୁବପିଢ଼ି ଙ୍କୁ ଅବୈଧ ଡ୍ରଗ୍ସ ନିଶା ରେ କବଳିତ କରି, ଦେଶ ର ଭବିଷ୍ୟ ପୀଢ଼ି କୁ ପଥ ଭ୍ରଷ୍ଟ କରିବା ସହିତ ଦେଶ ର ମେରୁଦଣ୍ଡ ଦୁର୍ବଳ କରିବାରେ ଦିନ କୁ ଦିନ ସଫଳ ହେଉଛନ୍ତି!ବିଶେଷ କରି ଛାତ୍ର ଓ ଯୁବ ସମାଜ କୁ ସେମାନେ ଟାର୍ଗେଟ କରିଥିବା ବେଳେ ସେମାନଙ୍କୁ ରକ୍ଷା କରିବା ସହିତ ଭାରତ ବର୍ଷ ରୁ ଏଭଳି ଅବୈଧ ନିଶା କବଳରୁ ମୁକ୍ତି କରିବା ସଂଗଠନ ର ମୂଳ ଲକ୍ଷ ବୋଲି ଆବାହକ ଗତିକୃଷ୍ଣ ଶତପଥି ମତ ରଖିଥିଲେ!ଏଥିରେ ଆଇନ ର ପରିବର୍ତନ ଆଣି ଏଥିରେ ଦେଶଦ୍ରୋହ ଭଳି କଡା ଆଇନ ଆଣିବାକୁ ଆଗାମୀ ଦିନରେ ଏକ ଦସ୍ତଖତ ଅଭିଯାନ ଆରମ୍ଭ ହେବ ବୋଲି ସଂଗଠନ ର ସଦସ୍ୟ ଓ ଅତିଥିମାନେ ପ୍ରସ୍ତାବ ରଖିଥିଲେ!ଏହି ଅବସରରେ ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ପଟ୍ଟନାୟକ, ସରକାରୀ ଓକିଲ ପ୍ରଦୀପ୍ କୁମାର ସାହୁ,ଯୁବ ଆଇନଜୀବୀ କରୁଣାକର ସାହୁ , ସଂଜୀବ କୁମାର ମୁଦୁଲି, ଅମ୍ବିକା ମହାପାତ୍ର, ବିବେକାନନ୍ଦ ହୋତା, ଅଥିତି ଭାବେ ଯୋଗ ଦେଇଥିବା ବେଳେ,ବିଶ୍ୱନାଥ ସ୍ୱାଇଁ, ପ୍ରଶାନ୍ତ କୁମାର ଦାସ, ସୁକାନ୍ତ ମାଝୀ, ବିଶ୍ୱଜିତ, ମିହିର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ପରିଶେଷରେ ଅଭିର ଉତ୍ସବ ପାଳନ କରାଯାଇଅଛି, ପରସ୍ପର କୁ ଅଭିର ଲଗେଇ, ମିଠା ଖୁଆଇ ଖୁସି ମନେଇଛନ୍ତି।

## ଛଉ ନୃତ୍ୟ ପ୍ରତିଷ୍ଠାନର ଐତିହାସିକ 'କାୟାକଳ୍ପ' ବୈଠକ

### ମୟୂରଭଞ୍ଜ ଛଉର ଭବିଷ୍ୟତ ପାଇଁ ନୂତନ ସଙ୍କଳ୍ପ




ବାରିପଦା,୨।୩ (ସଂଚାର ବ୍ୟୁରୋ)ः ମୟୂରଭଞ୍ଜ ଶୈଳୀ ଛଉ ନୃତ୍ୟର ପ୍ରଥମ ଓ ପ୍ରମୁଖ ସଂସ୍ଥା ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନର "କୟାକଳ୍ପ" ବୈଠକ ସ୍ଥାନୀୟ ଅମ୍ବିକା ସାହି ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରଥମେ ପ୍ରତିଷ୍ଠାନର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦିଲ୍ଲୀପ କୁମାର ମିଶ୍ର - ସଭାପତି, ଆଇନଜୀବି ସୁଜାତା ମିଶ୍ର ଓ ବ୍ୟବସାୟୀ ସନ୍ଦୀପ କୁମାର ବିଶୋଇ - ଉପ ସଭାପତି, ଛଉ ନୃତ୍ୟ ଗବେଷକ ସୁଧୀର କୁମାର ନାୟକ - ସମ୍ପାଦକ, ଛଉ ନୃତ୍ୟଗୁରୁ ତଥା ଜାତୀୟ ସଂଗୀତ ନାଟକ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ଲୋକନାଥ ଦାସ - ଯୁଗ୍ମ ସମ୍ପାଦକ, ଟେକ୍ସ ପରାମର୍ଶଦାତା ସରୋଜ କୁମାର ଶତପଥି - କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ ।

ମୟୂରଭଞ୍ଜ ଛଉକୁ ବିଶ୍ୱବ୍ୟାପୀ ପ୍ରତିଷ୍ଠା ଓ ପ୍ରସାର ପାଇଁ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ, ଡିଜିଟାଲ ପ୍ଲାଟଫର୍ମରେ ପ୍ରଚାର ସହ ଯୁବପିଢୀକୁ ଛଉ ପ୍ରତି ଆକୃଷ୍ଟ କରିବା ଏବଂ ଛଉକୁ ଆଧୁନିକ ଯୁଗରେ ଅନୁକୂଳ କରିବା ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ସମ୍ପାଦକ ଶ୍ରୀ ନାୟକ ପ୍ରକାଶ କରିଛନ୍ତି । ମୟୁରଭଞ୍ଜର ସବୁଠାରୁ ବଡ଼ ସାଂସ୍କୃତିକ ଉତ୍ସବ ଅବସରରେ ଆୟୋଜିତ ହେବାକୁ ଥିବା ଚୈତ୍ର ପର୍ବ - ୨୦୨୬ ପାଇଁ ନୂତନ ନୃତ୍ୟଗୀତ ସହ ମହିଳା ନର୍ତ୍ତକୀୟ ଦଳ ଗଠନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଯୁଗ୍ମ ସମ୍ପାଦକ ଶ୍ରୀ ଦାସ ଜଣାଇଛନ୍ତି । ଏହି ଅବସରରେ ମୟୁରଭଞ୍ଜ କଳା ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଗଣମାଧ୍ୟମର ଜିଲ୍ଲା ପ୍ରତିନିଧି ମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜାତୀୟ ଓ ଅନ୍ତର୍ଜାତୀୟ ସାଂସ୍କୃତିକ ମଞ୍ଚରେ ଅଂଶଗ୍ରହଣ, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛଉ ପରିଚୟ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ଉପ ସଭାପତି ସୁଜାତା ମିଶ୍ର ଓ ସନ୍ଦୀପ କୁମାର ବିଶୋଇ ପ୍ରକାଶ କରିଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ, ଶିକ୍ଷାବିତ ସୁନୀଲ କୁମାର ଜେନା, ଅବସରପ୍ରାପ୍ତ ଜିଲ୍ଲା କର୍ମନିଯୁକ୍ତି ଅଧିକାରୀ ରଞ୍ଜନ କୁମାର ମିଶ୍ର, ସମାଜସେବୀ ସରୋଜ କୁମାର ବୋଷ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ । ଶେଷରେ କାର୍ଯ୍ୟକ୍ରମର ସଫଳତା ପାଇଁ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଭବିଷ୍ୟତରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

## ଲିଟିଲ ଲୋଲିପପ ପ୍ଲେ ସ୍କୁଲର ତୃତୀୟ ବାର୍ଷିକ ଉତ୍ସବ ପାଳିତ




ନବରଙ୍ଗପୁର/ଉମରକୋଟ,୨।୩ (ସଂଚାର ବ୍ୟୁରୋ)ः ଉମରକୋଟ ପୌର ପରିଷଦ ସ୍ଥିତ ଲିଟିଲ ଲୋଲିପପ ପ୍ଲେ ସ୍କୁଲ ଠାରେ ୩ ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଚଡେଇଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରଫୁଲ ରାଉତ ଯୋଗ ଦେଇଥିଲେ। ସଂମାନ୍ନୀତ ଅତିଥିଭାବେ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ର ଅବସର ପ୍ରାପ୍ତ ପ୍ରାଧ୍ୟାପକ ସରଜ କାନ୍ତ ପଟ୍ଟନାୟକ ଓ ଲିଟିଲ ଲୋଲିପପ ପ୍ଲେ ସ୍କୁଲର ଅଧ୍ୟକ୍ଷ ଆନନ୍ଦ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ୩ୟ ବାର୍ଷିକ ଉତ୍ସବରେ ବିଭିନ୍ନ ପ୍ରତି ଯୋଗିତାରେ ଭାଗ ନେଇଥିବା ଅକଶୀତା ପାତ୍ର, ବି ସ୍ୱାତି ସିଦ୍ଧି , ପ୍ରତୀକ ସାହୁ, ପିଆଲି ଅଧିକାରୀ, ସ୍ୱସ୍ତିକା ସାହୁ, ଆରାଧ୍ୟା ମଲ୍ଲିକ, ଅନିକା ବ୍ରହ୍ମନ, ସ୍ୱରାନ୍ସ ସାହୁ, ରିଆ ଦୀକ୍ଷା ଲାକ୍ରା, ଏସ ଅକିରା, ଶ୍ରୀଆଂଶୀ ସାହୁ ଓ ଅନେକ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ୩ୟ ବାର୍ଷିକ ଉତ୍ସବରେ ଲିଟିଲ ଲୋଲିପପ ପ୍ଲେ ସ୍କୁଲର ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଓ ସମସ୍ତ ଅଭିଭାବକ ଅଂଶ ଗ୍ରହଣ କରିଥିଲେ।

## ଯୁବକଙ୍କ ଅକାଳ ବିୟୋଗ

ଡେରାବିଶ,୨।୩ (ସଂଚାର ବ୍ୟୁରୋ)ः କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ଚାନ୍ଦୋଳ ବଜାରରେ ଆଜି ଜଣେ ଯୁବକଙ୍କ ଅକାଳ ବିୟୋଗ ଘଟିଛି। ମୃତକ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ବଗଡ଼ା ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ବଟକୃଷ୍ଣ ମଳିକଙ୍କ ପୁଅ ସୁବାଷ ଚନ୍ଦ୍ର ମଳିକ (୩୮) ବୋଲି ଜଣାଯାଇଛି। ସୂଚନା ଅନୁଯାୟୀ ସୁବାସ ଏକ ଡାଲା ଅଟୋରେ କଞ୍ଚା କଦଳୀ ବୋଝେଇ କରି ଚାନ୍ଦୋଳ ବଜାର ସ୍ଥିତ ଜନୈକ ବ୍ୟବସାୟୀଙ୍କ ନିକଟକୁ ବିକ୍ରି କରିବାକୁ ଆଣିଥିଲେ। ବ୍ୟବସାୟ ପ୍ରତିଷ୍ଠାନରେ ପହଞ୍ଚିବା ପରେ ସେ ନିଜକୁ ଅସୁସ୍ଥ ଅନୁଭବ କଲେ ଓ କିଛି ସମୟପରେ ଅଚେତ ହୋଇଗଲେ। ସଙ୍ଗେ ସଙ୍ଗେ ବ୍ୟବସାୟୀ ଜଣକ ସୁବାଷଙ୍କ ପରିବାର ବର୍ଗଙ୍କୁ ଫୋନ୍ ଯୋଗେ ତାଙ୍କର ଅସୁସ୍ଥତା ଜଣାଇ ଶିଘ୍ର ଆସିବା ପାଇଁ କହିଥିଲେ। ପରେ ପରିବାର ଲୋକ ଚାନ୍ଦୋଳ ବଜାରରେ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ସୁବାଷଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବ୍ଲକସ୍ତରୀୟ ଶିକ୍ଷକ ସମ୍ମିଳନୀ ଓ ଅବସର କାଳୀନ ସମ୍ବର୍ଦ୍ଧନା ସମାରୋହ




ନବରଙ୍ଗପୁର/ଉମରକୋଟ,୨।୩ (ସଂଚାର ବ୍ୟୁରୋ)ः ସ୍ଥାନୀୟ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉମରକୋଟ ଠାରେ ନିଖିଳ ଓଡିଶା ପ୍ରାଥମିକ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ସଂଘ, ଓଡିଶା ଆନୁକୁଲ୍ୟରେ ବ୍ଲକସ୍ତରୀୟ ଶିକ୍ଷକ ସମ୍ମିଳନୀ ଓ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାନ୍ୟବର ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ସଭାପତି ଟୁଟୁବାବୁ ପଟ୍ଟନାୟକ, ମୁଖ୍ୟ ବକ୍ତା ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ, ବରେଣ୍ୟ ଅତିଥି ବିଶିଷ୍ଟ ଶିକ୍ଷାବିତ ଉମେଶ ଚନ୍ଦ୍ର ଭୁକ୍ତା, ସମ୍ମାନିତ ଅତିଥି ଲକ୍ଷ୍ମୀକାନ୍ତ ବାହିନୀପତି, ସର୍ବେଶ୍ୱର ମଲ୍ଲିକ, ଅଶୋକ କୁମାର ସାହୁ, ମାର୍କଣ୍ଡ ଓ୍ୱବେର୍ତ୍ତା, କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ବେହେରା, ସାଧାରଣ ସମ୍ପାଦକ ସୁନୀଲ କୁମାର ନାୟକ, ସମ୍ପାଦକ ସମୀର କୁମାର ପ୍ରଧାନ, ଚଇତି ଗଣ୍ଡ, ରଂଜିତା କୁଅଁର ମଞ୍ଚାସୀନ ଥିଲେ ।

ମୁଖ୍ୟ ଅତିଥି ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ନିଜ ବକ୍ତବ୍ୟରେ ଉପାନ୍ତ ଅଂଚଳରେ ଶିକ୍ଷାର କ୍ରମୋନ୍ନତି ଓ ଡ୍ରପ ଆଉଟ ହ୍ରାସ ବିଷୟରେ ମତ ରଖି ସ୍ନାତକ ଶିକ୍ଷକ ସଂଘ ନେଇଥିବା ବଳିଷ୍ଠ ପଦକ୍ଷେପର ଭୂୟସୀ ପ୍ରଶଂସା କରିଥିଲେ। ତତ୍ପରେ ଅବସର ନେଇଥିବା କିଶୋର ଚନ୍ଦ୍ର ପାତ୍ର, ସିଏଚ ବାଳକୃଷ୍ଣ ପଟ୍ଟନାୟକ, ଭାସ୍କର ବେହେରା,ମହେନ୍ଦ୍ର କୁମାର ଦାଶ,ଦିବାକର ପରିଡା,ସବିତା ନାୟକ, ଗୀତାଞ୍ଜଳି ଦାଶ, ଅଶୋକ କୁମାର ସାହୁ, ବୈକୁଣ୍ଠନାଥ ମହାପାତ୍ର, ହରସିତ ମାଲାକାର, ସର୍ବେଶ୍ୱର ମଲ୍ଲିକ, ପ୍ରମୋଦ କୁମାର ପଟ୍ଟନାୟକ, ଶରତ ଚନ୍ଦ୍ର ସାହୁ, ଚାରୁଲତା ପରିଡା, ରାଜକିଶୋର ନାୟକଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ରାଜ୍ୟସ୍ତରୀୟ ଶିକ୍ଷକ ସଂଘ ତରଫରୁ ଲକ୍ଷ୍ମୀକାନ୍ତ ବାହିନୀପତି ଓ ଟୁଟୁବାବୁ ପଟ୍ଟନାୟକଙ୍କୁ..." ଚାଣକ୍ୟ ସମ୍ମାନ"ରେ ସମ୍ମାନିତ କରାଯାଇଥିଲା।

# ଧାନ ମଣ୍ଡିରେ ଅବ୍ୟବସ୍ଥାକୁ ନେଇ ଚିନ୍ତାରେ ଚାଷୀ



ବାଲିକୁଦା,୨।୩ (ସଂଚାର ବ୍ୟୁରୋ)ः ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ସଂଗ୍ରାମପୁରୁ ଗ୍ରାମ ପଞ୍ଚାୟତରେ ଅବସ୍ଥିତ ସଂଗ୍ରାମପୁର ସମବାୟ ସମିତି କେନ୍ଦ୍ରର ଧାନ ମଣ୍ଡିରେ ଗଭୀର ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଧାନ ବିକ୍ରୟ ପାଇଁ ଟୋକନ୍ ପାଇଥିବା ଚାଷୀଙ୍କର ଏପର୍ଯ୍ୟନ୍ତ ଧାନ ଉଠା ନ ହୋଇପାରିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି।

ସୂଚନା ଅନୁସାରେ, ଜାନୁୟାରୀ ୨୩ ତାରିଖରେ ଜାରି ହୋଇଥିବା ଟୋକନ୍ ଅନୁଯାୟୀ ଚାଷୀମାନେ ଧାନ ମଣ୍ଡିକୁ ଧାନ ଆଣି ରଖିଥିଲେ। କିନ୍ତୁ ଦୀର୍ଘ ସମୟ ହୋଇଯାଇଥିଲେ ମଧ ସଠିକ୍ ସମୟରେ ମିଲର ଗାଡ଼ି ନ ଆସିବାରୁ ଧାନ ଉଠା ହୋଇପାରୁନାହିଁ। ଏହା ଫଳରେ ଧାନ ପଡ଼ି ରହିଛି, ଯାହାକି ଚାଷୀ ଏବେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି।ଚାଷୀମାନଙ୍କ ଅଭିଯୋଗ ଯେ, ସରକାରଙ୍କ ଧାନ କ୍ରୟ ସମୟ ସୀମା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରହିଥିବା ସତ୍ତ୍ୱେ ମଣ୍ଡିରେ ପରିଚାଳନା ଦୃଷ୍ଟିରେ ଗଭୀର ଅନିୟମିତତା ଦେଖାଯାଉଛି। ସଂଗ୍ରାମପୁର ଧାନ ମଣ୍ଡିରେ ମୋଟ ୪୬୯ ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ପଞ୍ଜିକରଣ ହୋଇ ଥିବା ବେଳେ ବର୍ତମାନ ସୁଦ୍ଧା ୧୨୫ଜଣ ପ୍ରଥମ କିସ୍ତି ଧାନ ବିକ୍ରୟ କରିପାରିଛନ୍ତି। ଏଠି ପ୍ରଶ୍ନ ଉଠେ ଯେ, ଜାନୁଆରୀ ମାସର ଟୋକନ ଧାରୀଙ୍କ ଧାନ ଯଦି ମାର୍ଚ୍ଚ ମାସ ମିଲର କ୍ରୟ କରେ ତେବେ ବକୟା ଚାଷୀଙ୍କ ଧାନ, ସରକାରଙ୍କ ନିର୍ଧାରିତ ସମୟ ମଧରେ ମିଲର କ୍ରୟ କରିବ ନା ଚାଷୀଙ୍କୁ ହତାଶ ହେବାକୁ ପଡିବ। ଏହାକୁ ନେଇ ସ୍ଥାନୀୟ ଚାଷୀମାନଙ୍କ ମଧରେ ଅସନ୍ତୋଷ ବଢ଼ୁଛି।

ସେହିପରି ଦେବୀ ରାଇସ ମିଲ୍‌ର କାର୍ଯ୍ୟପ୍ରଣାଳୀ ନେଇ ମଧ ପ୍ରଶ୍ନ ଉଠିଛି। ଦେବୀ ରାଇସ ମିଲ୍ ପକ୍ଷରୁ ସମୟ ଅନୁସାରେ ଯାନବାହନ ବ୍ୟବସ୍ଥା ନ ହେବାରୁ ଧାନ ଉଠାଣି ପ୍ରକ୍ରିୟା ବିଳମ୍ବ ହେଉଥିବା କଥା ଚାଷୀମାନେ କହିଛନ୍ତି। ଅନୁରୂପ ଭାବେ ସମବାୟ ସମିତି ସମ୍ପାଦକ ପ୍ରକାଶ କରିଛନ୍ତି ଯେ, ଦେବୀ ରାଇସ ମିଲ ସହିତ ହାଇଟେକ ରାଇସ ମିଲ (ଅନୁଗୁଳ ) ମଧ୍ୟ ସଂଗ୍ରାମପୁର ମଣ୍ଡିରୁ ଧାନ କ୍ରୟ କରିବା ପାଇଁ ଅନୁବନ୍ଧିତ ହୋଇଥିବା ବେଳେ, ଆଜି ପର୍ଯ୍ୟନ୍ତ ସେହି ମିଲର ଧାନ କ୍ରୟ କରୁନାହିଁ ଯାହା ଫଳରେ ଚାଷୀ ଅସୁବିଧା ରେ ପଡୁଛନ୍ତି ଏବଂ ଏହା ଫଳରେ ଚାଷୀମାନେ ଆର୍ଥିକ ଓ ମାନସିକ ଚାପରେ ରହିଛନ୍ତି।

ସ୍ଥାନୀୟ ଚାଷୀମାନଙ୍କ କହିବା ଅନୁସାରେ, ଆମେ ଟୋକେନ୍ ପାଇ ସମୟ ମତେ ଧାନ ମଣ୍ଡିକୁ ଆଣିଛୁ। କିନ୍ତୁ ଦିନକୁ ଦିନ ଅପେକ୍ଷା କରିବା ସତ୍ତ୍ୱେ ଧାନ ଉଠୁନାହିଁ। ଯଦି ଏଭଳି ଅବସ୍ଥା ଚାଲିଥାଏ, ତେବେ ଆମେ ଭାରି କ୍ଷତି ସହିବାକୁ ପଡ଼ିବ। ଏହି ପରିସ୍ଥିତି ନେଇ ସ୍ଥାନୀୟ ପ୍ରଶାସନ ଓ ଯୋଗାଣ ବିଭାଗ ଶୀଘ୍ର ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଯଦି ଶୀଘ୍ର ପଦକ୍ଷେପ ନ ନିଆଯାଏ, ତେବେ ଚାଷୀମାନେ ଆନ୍ଦୋଳନ ରାସ୍ତାକୁ ଅବଲମ୍ବନ କରିପାରନ୍ତି ବୋଲି ସତର୍କ କରିଛନ୍ତି।

SANCHAR
ସଂଚାର
ମଙ୍ଗଳବାର ୩ ମାର୍ଚ୍ଚ ୨୦୨୬
ସ୍ୱାସ୍ଥ୍ୟ

# ହୋଲି ରଙ୍ଗ

## ତ୍ୱଚାକୁ ରକ୍ଷା କରିବାର ଉପାୟ









ରଙ୍ଗର ପର୍ବ ହୋଲି ପାଇଁ ସବୁଆଡ଼େ ଉତ୍ସାହ। ମାତ୍ର ରଙ୍ଗ ଖେଳିବା ପୂର୍ବରୁ ଅନେକଙ୍କ ମନରେ ସ୍କିନ୍‌କୁ ନେଇ ଭୟ ଥାଏ। ବଜାରରେ ମିଳୁଥିବା କେମିକାଲ ଯୁକ୍ତ ରଙ୍ଗ ତ୍ୱଚାର ସ୍ୱାଭାବିକ ଚମକ ନଷ୍ଟ କରିଦିଏ। ଯଦି ଆପଣ ରଙ୍ଗ ଖେଳିବାକୁ ଭଲ ପାଆନ୍ତି କିନ୍ତୁ ସ୍କିନ୍ ଖରାପ ହେବା ଡରରେ ପଛଘୁଞ୍ଚା ଦେଉଛନ୍ତି, ତେବେ ଏହି ଖବର ଆପଣଙ୍କ ପାଇଁ। ହୋଲିର ସପ୍ତାହେ ପୂର୍ବରୁ ଏହି ସହଜ ଘରୋଇ ଉପାୟ ଆପଣାଇଲେ ଆପଣଙ୍କ ସ୍କିନ୍ ରହିବ ସୁରକ୍ଷିତ।

**ନଡ଼ିଆ ତେଲରେ ମସାଜ କରନ୍ତୁ:** ହୋଲିର କିଛି ଦିନ ପୂର୍ବରୁ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ମୁହଁରେ ହାଲୁକା ନଡ଼ିଆ ତେଲ ଲଗାଇ ମସାଜ କରନ୍ତୁ। ନଡ଼ିଆ ତେଲ ତ୍ୱଚା ଉପରେ ଏକ ପ୍ରୋଟେକ୍ଟିଭ୍ ଲେୟର ତିଆରି କରେ, ଯାହାଦ୍ୱାରା ରଙ୍ଗ ସିଧାସଳଖ ସ୍କିନ୍ ଭିତରକୁ ଯାଇପାରେ ନାହିଁ।

**ବେସନ ଏବଂ ଦହିର ଫେସ୍ ପ୍ୟାକ୍‌ଚେ:** ହେରାର ସୁନ୍ଦରତା ପାଇଁ ବେସନ-ଦହି ଏକ ପୁରାତନ ଘରୋଇ ଉପାୟ। ବେସନରେ ଦହି ମିଶାଇ ଏକ ଗାଢ଼ ପେଷ୍ଟ ପ୍ରସ୍ତୁତ କରନ୍ତୁ ଏବଂ ସପ୍ତାହରେ ୩ ରୁ ୪ ଥର ମୁହଁରେ ଲଗାନ୍ତୁ। ଏହା ଡେଡ୍ ସ୍କିନ୍ ହଟାଇବା ସହ ତ୍ୱଚାକୁ ହାଇଡ୍ରେଟେଡ୍ ରଖେ, ଯାହା ରଙ୍ଗକୁ ଗଭୀରକୁ ଯିବାକୁ ଦିଏନାହିଁ।

**ଆଲୋଭେରା ଜେଲ୍‌ର ବ୍ୟବହାର**
ହୋଲି ପୂର୍ବରୁ ପ୍ରତିଦିନ ଚେହେରାରେ ଆଲୋଭେରା ଜେଲ୍ ଲଗାନ୍ତୁ। ଏହା ସ୍କିନ୍‌କୁ ଥଣ୍ଡା ରଖିବା ସହ ଶକ୍ତିଶାଳୀ କରେ। ଫଳରେ ରଙ୍ଗ ଲାଗିଲେ ମୁହଁରେ ଜଳାପୋଡ଼ା କିମ୍ବା ରାସେସ୍ ହେବାର ଭୟ କମ୍ ଥାଏ।

**ସୋରିଷ କିମ୍ବା ବାଦାମ ତେଲ**
କେବଳ ମୁହଁ ନୁହେଁ, ହାତ, ଗୋଡ଼ ଏବଂ ବେକରେ ମଧ୍ୟ ରଙ୍ଗ ଜମି ରହିଯାଏ। ତେଣୁ ହୋଲି ଖେଳିବା ପୂର୍ବରୁ ଶରୀରରେ ସୋରିଷ କିମ୍ବା ବାଦାମ ତେଲ ଲଗାନ୍ତୁ। ଏହା ସ୍କିନ୍ ପାଇଁ ଏକ ନାଚୁରାଲ୍ ଶିଲ୍ଡ ପରି କାମ କରେ, ଯାହା ରଙ୍ଗ ଛଡ଼ାଇବାରେ ସହଜ କରାଏ।

**ପ୍ରଚୁର ପାଣି ପିଅନ୍ତୁ**
ତ୍ୱଚାର ବାହ୍ୟ ଯତ୍ନ ସହ ଭିତରୁ ସୁସ୍ଥ ରହିବା ମଧ୍ୟ ଜରୁରୀ। ଶରୀରକୁ ହାଇଡ୍ରେଟ୍ ରଖିବା ପାଇଁ ଦିନକୁ ୮ ରୁ ୧୦ ଗ୍ଲାସ୍ ପାଣି ପିଅନ୍ତୁ। ଏହାଦ୍ୱାରା ତ୍ୱଚାର ନମନୀୟତା ବଜାୟ ରହିବ।



## ରାଶି ଅନୁଯାୟୀ ବାଛନ୍ତୁ ସୌଭାଗ୍ୟର ରଙ୍ଗ

ହୋଲି ପର୍ବ ପ୍ରତ୍ୟେକ ହୃଦୟକୁ ଆନନ୍ଦ ଏବଂ ଉତ୍ସାହରେ ଭରିଦିଏ। ଏହି ଦିନରେ ଲୋକମାନେ ପୁରୁଣା ଅଭିଯୋଗକୁ ଭୁଲି ପରସ୍ପର ରଙ୍ଗ ଖେଳନ୍ତି। ମାର୍ଚ୍ଚ ୪ ତାରିଖରେ ପାଳିତ ହେବାକୁ ଯାଉଛି ହୋଲି ପର୍ବ। ପାରମ୍ପରିକ ହିନ୍ଦୁ ବିଶ୍ୱାସ ଅନୁସାରେ, ନିୟମ ମୁତାବକ ରଙ୍ଗ ଲଗାଇଲେ ହୋଲିର ଆନନ୍ଦ ବହୁଗୁଣିତ ହୁଏ। ଜ୍ୟୋତିଷଶାସ୍ତ୍ର କହେ, ପ୍ରତ୍ୟେକ ରଙ୍ଗ ରାଶି ଓ ଗ୍ରହ ସହିତ ଜଡିତ। ଏହି ଦିନ ରାଶି ଅନୁସାରେ ରଙ୍ଗ ଲଗାଇଲେ ଗ୍ରହ ଦୋଷ ଦୂର କରିବାରେ ସାହାଯ୍ୟ କରିଥାଏ। ହୋଲି ପର୍ବରେ ଆପଣ କି କି ରଙ୍ଗରେ ଖେଳିବା ଉଚିତ୍ ? ଆପଣଙ୍କ ରାଶି ଅନୁଯାୟୀ ସୌଭାଗ୍ୟର ରଙ୍ଗ ବାଛି ନିଅନ୍ତୁ...

**ମେଷ ଏବଂ ବିଛା:** ଏହି ଦୁଇଟି ରାଶି ମଙ୍ଗଳ ଗ୍ରହ ସହ ଜଡିତ। ମଙ୍ଗଳଙ୍କ ପ୍ରିୟ ରଙ୍ଗ ଲାଲ୍। ତେଣୁ ଲାଲ୍,କମଳା, ଖଇରି (ମେରୁନ) ଆଦି ମେଷ ଏବଂ ବିଛା ରାଶି ପାଇଁ ସବୁଠାରୁ ଶୁଭପ୍ରଦ। ଏହି ରଙ୍ଗଗୁଡିକ ସକାରାତ୍ମକ ପରିବର୍ତ୍ତନ ଆଣିବା ସହ ଗ୍ରହ ଦୋଷରୁ ମଧ୍ୟ ମୁକ୍ତି ଦେଇଥାଏ।

**ବୃଷ ଏବଂ ତୁଳା:** ଏହି ଦୁଇଟି ରାଶି ଶୁକ୍ରଙ୍କ ଦ୍ୱାରା ଶାସିତ। ତେଣୁ ଧଳା, ହାଲ୍କା ନୀଳ, ଧୂସର ରଙ୍ଗରେ ହୋଲି ଖେଳିବା ଏହି ରାଶି ପାଇଁ ବହୁତ ଶୁଭ। ଏହି ରଙ୍ଗଗୁଡିକ ଶାନ୍ତି ଏବଂ ସମୃଦ୍ଧିର ପ୍ରତୀକ ଏବଂ ଜାତକରେ ଶୁକ୍ର ଗ୍ରହକୁ ମଧ୍ୟ ଶକ୍ତିଶାଳୀ କରିଥାଏ।

**କର୍କଟ:** କର୍କଟ ରାଶି ଚନ୍ଦ୍ରଙ୍କ ଦ୍ୱାରା ଶାସିତ। ତେଣୁ ହୋଲିରେ ଧଳା, ରୂପେଲୀ (ସିଲଭର) ଏବଂ ହଳଦିଆ ରଙ୍ଗରେ ହୋଲି ଖେଳିବା ଦ୍ୱାରା ଶୁଭ ଫଳ ଆଣିପାରେ।

**ମିଥୁନ ଏବଂ କନ୍ୟା:** ଏହି ଦୁଇଟି ରାଶିର ଶାସକ ଗ୍ରହ ହେଉଛନ୍ତି ବୁଧ। ମିଥୁନ ଓ କନ୍ୟା ରାଶିର ବ୍ୟକ୍ତିମାନେ ସବୁଜ ଓ ରୂପେଲୀ ରଙ୍ଗରେ ହୋଲି ଖେଳିବା ଉଚିତ।

**ସିଂହ:** ସିଂହ ରାଶିର ଶାସକ ହେଉଛନ୍ତି ସୂର୍ଯ୍ୟ। ତେଣୁ ଏହି ରାଶିର ବ୍ୟକ୍ତିମାନେ ଲାଲ୍, ହଳଦିଆ ରଙ୍ଗରେ ହୋଲି ଖେଳିଲେ ଭଲ। ଏହାଦ୍ୱାରା ସୂର୍ଯ୍ୟ ପ୍ରସନ୍ନ ହେବା ସହ ବ୍ୟକ୍ତିର ଆକର୍ଷଣ ଏବଂ ନେତୃତ୍ୱ କ୍ଷମତାକୁ ବୃଦ୍ଧି କରିଥାନ୍ତି।

**ମକର ଏବଂ କୁମ୍ଭ:** ଏହି ରାଶି ଦ୍ୱୟ ଶନିଙ୍କ ଦ୍ୱାରା ଶାସିତ। ତେଣୁ ରାଶି ଅନୁସାରେ ନୀଳ, ଧୂସର, ବାଇଗଣୀ, ରୂପେଲୀ ବା ସିଲଭର ରଙ୍ଗ ବାଛିବା ଉଚିତ୍।

**ଧନୁ ଏବଂ ମୀନ:** ଏହି ରାଶିର ଅଧିପତି ହେଉଛନ୍ତି ବୃହସ୍ପତି। ଏହି ରାଶିବାଲା ଲାଲ୍,କମଳା,ହଳଦିଆ,ସୁନା ରଙ୍ଗ ବ୍ୟବହାର କରିବା ଉଚିତ। ଏସବୁ ରଙ୍ଗ ବ୍ୟବହାର କରିବା ଦ୍ୱାରା ବୃହସ୍ପତି ପ୍ରସନ୍ନ ହୁଅନ୍ତି।



# କିଡ୍‌ନୀ ଖରାପ ହେବା ପୂର୍ବରୁ ଦେଖାଦେଇଥାଏ ଲକ୍ଷଣ

ସୁସ୍ଥ ଶରୀର ପାଇଁ ପ୍ରତ୍ୱେକ ଅଙ୍ଗ ଠିକ୍ ରହିବା ଜରୁରୀ। ଯଦି କୌଣସି ଗୋଟିଏ ଅଙ୍ଗରେ ସମସ୍ୱା ଦେଖାଦିଏ ତେବେ ତାହା ପୁରା ଶରୀର ଉପରେ ପ୍ରଭାବ ପକାଇଥାଏ। ତେବେ ଶରୀରର ସବୁଠାରୁ ମହତ୍ୱପୂର୍ଣ୍ଣ ଅଙ୍ଗ ହେଉଛି କିଡନୀ। ଯାହା ରକ୍ତକୁ ସଫା କରିବା ସହ ଶରୀରରେ ଥିବା ସମସ୍ତ ଖରାପ ପଦାର୍ଥକୁ ବାହାର କରିବାରେ ସହାୟକ କରିଥାଏ। କିନ୍ତୁ ଆମର କିଛି ଭୁଲ୍ ଅଭ୍ୟାସ ଯୋଗୁଁ କିଡନୀ ଉପରେ କୁପ୍ରଭାବ ପଡିଥାଏ। ଯାହାଦ୍ୱାରା ଆମ କିଡ଼ନୀକୁ ଧୀରେ ଧୀରେ ଆହୁରି ଖରାପ କରି ଦେଇଥାଏ। କେବଳ ସେତିକି ନୁହେଁ କିଛି ରୋଗ ହେଲେ ଡାକ୍ତରଙ୍କ ବିନା ପରାମର୍ଶରେ ଆମେ ଔଷଧ ଖାଇଦେଇଥାଉ। ଯାହାର ପ୍ରଭାବ ସିଧାସଳଖ ଭାବେ ଆମ କିଡନୀ ଉପରେ ପଡିଥାଏ। ଆମ କିଡ଼ନୀ ଖରାପ ହେବ ପୂର୍ବରୁ ଶରୀରରେ କିଛି ଲକ୍ଷଣ ଦେଖାଦେଇଥାଏ। ଯାହାକୁ ଆମେ ଅଜାଣତରେ ଅଣଦେଖା କରିଦେଇଥାଉ। ତେବେ ଆଜି ଆମେ ଆପଣଙ୍କୁ କିଡନୀ ଖରାପ ହେବାର ଲକ୍ଷଣ ଏବଂ ଏହାର ଉପଚାର ବିଷୟରେ ଜଣାଇବୁ। ଯାହା ଆପଣଙ୍କୁ ବିପଦ ମୁଖରୁ ରକ୍ଷା କରିବାରେ ସାହାଯ୍ୟ କରିବ।

**ଲକ୍ଷଣ:** କିଡନୀ ଖରାପ ହେବାରୁ ସବୁଠାରୁ ପ୍ରଥମ ଲକ୍ଷଣ ହେଉଛି ମୁହଁରୁ ଗନ୍ଧ ଆସିବା। ରକ୍ତରେ ୟୁରିଆ କମ୍ ହେଲେ ପାଟିରୁ ଦୁର୍ଗନ୍ଧ ଆସିଥାଏ। ଏହା ସହ ଜିଭର ସ୍ୱାଦ ମଧ୍ୟ ଖରାପ ହେବାକୁ ଲାଗିଥାଏ। ସେହିପରି କିଡନୀ ଖରାପ ହେବା ପୂର୍ବରୁ ପାଦ ଫୁଲିବା ଏବଂ ଦରଜ ହେବା ଆରମ୍ଭ ହୋଇଥାଏ। ଯାହାର କାରଣ ହେଉଛି ଏଡିମା। ଶରୀରର କୋଷରେ ପାଣି ଭରିଯାଏ ଏବଂ କିଡନୀ ଏହି ପାଣିକୁ ବାହାର କରିପାରିନଥାଏ। ଯାହା ଫଳରେ ଶରୀରର ଫୁଲିବା ଆରମ୍ଭ ହୋଇଯାଇଥାଏ। କମ୍ ପରିଶ୍ରା କିମ୍ବା କମ୍ ଥର ପରିଶ୍ରା ହେବା, ପରିଶ୍ରାରେ ଫେଣ ହେବା ବା ଗନ୍ଧ ଆସିବା। ଏସବୁ କିଡନୀ ଖରାପ ହେବାର ଲକ୍ଷଣ। ଯଦି ଆପଣଙ୍କ ସହ ଏପରି ହେଉଛି ତେବେ ତୁରନ୍ତ ଡାକ୍ତରଙ୍କୁ ଦେଖା କରନ୍ତୁ। ଆପଣଙ୍କ ପରିଶ୍ରାରେ ରକ୍ତ ପଡିଲେ ଏହାକୁ ହାଲକାରେ ନନେଇ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ। ଏହା କିଡନୀ ଖରାପ ହେବାର ଲକ୍ଷଣ ହୋଇପାରେ। ଛୋଟ ଛୋଟ କାମକରିବା ଦ୍ୱାରା ଦୁର୍ବଳ ଲାଗିବା। ଥକି ପଡିବା ଇତ୍ୟାଦି କିଡନୀ ଖରାପ ହେବାର ଲକ୍ଷଣ ଅଟେ ତେଣୁ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ। ଯଦି ପିଠିର ଗୋଟିଏ ପଟରେ କଷ୍ଟ ହୋଇ ଏହା ଧୀରେ ଧୀରେ ଶରୀରର ଅନ୍ୟ ଅଙ୍ଗ ଆଡକୁ ଯାଉଛି ତେବେ ଜାଣନ୍ତୁ ଆପଣଙ୍କ କିଡନୀ ଖରାପ ହେଲାଣି।

**ଉପଚାର:** କିଡନୀ ସମସ୍ୟାକୁ ରୋକିବା ପାଇଁ ଚାହୁଁଥିଲେ ଚା ଏବଂ ଚିନିଠାରୁ ଦୂରରେ ରୁହନ୍ତୁ। ପ୍ରତିଦିନ ୧୦ରୁ ୧୨ ଗ୍ଲାସ ପାଣି ପିଇବା ଅତ୍ୟନ୍ତ ଆବଶ୍ୟକ। ଅଧିକ ମାତ୍ରାରେ ପାଣି ପିଇବା ଦ୍ୱାରା ଶରୀର ମଧ୍ୟରେ ଥିବା ବିଷାକ୍ତ ପଦାର୍ଥ ବାହାରକୁ ନିଷ୍କାସନ ହୋଇଥାଏ। ଯାହାଫଳରେ ଆପଣଙ୍କର ସ୍ୱାସ୍ଥ୍ୟ ଭଲ ରହିବା ସହ କିଡନୀ ରୋଗ ହୋଇ ନଥାଏ। ୪୦ ବର୍ଷ ବୟସ ଅତିକ୍ରମ କଲାପରେ ନିୟମିତ ଭାବରେ ଆପଣଙ୍କୁ କିଡନୀର ଯାଂଚ କରିବା ଜରୁରୀ ଅଟେ। ଆପଣଙ୍କ କିଡନୀକୁ ସୁସ୍ଥ ରଖିବାକୁ ହେଲେ ଆପଣ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇବା ଅତ୍ୟନ୍ତ ଜରୁରୀ। ଏଥିପାଇଁ ଆପଣଙ୍କ ଖାଦ୍ୟରେ ବିଭିନ୍ନ ପନିପରିବା ସମେତ ସତେଜ ଫଳକୁ ସାମିଲ କରିବା ଉଚିତ।

ଏଥିସହିତ ଏହି ୩ ଟି ଖାଦ୍ୟଠାରୁ ଦୁରେଇ ରହିବ ଆବଶ୍ୟକ। ଆଜିକାଲିର ଲୋକମାନଙ୍କୁ ଜଙ୍କ୍ ଫୁଡ ଖାଇବାର ଖରାପ ଅଭ୍ୟାସ ରହିଛି। ଜଙ୍କ୍ ଫୁଡରେ ଫସଫରସ ଏବଂ ସୋଡିୟମର ଅଧିକ ମାତ୍ରା ହେବା କାରଣରୁ କିଡନୀ ଉପରେ ଖରାପ ପ୍ରଭାବ ପକାଇଥାଏ। ଯାହା ଦ୍ୱାରା କିଡନୀ ଧିରେ ଧିରେ ଦୁର୍ବଳ ହୋଇ ନଷ୍ଟ ହୋଇଯାଇଥାଏ। ଅଧିକାଂଶ ଲୋକ ମାଛ, ମାଂସ, ଏବଂ ଚିକେନକୁ ଅଧିକ ମାତ୍ରାରେ ଖାଇଥାନ୍ତି। ଏହି ଜିନିଷରୁ ଆନିମାଲ ପ୍ରୋଟିନ ମିଳିଥାଏ। ଯାହା ଶରୀର ପାଇଁ ଲାଭଦାୟକ ହୋଇଥାଏ। କିନ୍ତୁ ମାଂସ, ମାଛ ଏବଂ ଚିକେନକୁ ଅଧିକ ଖାଇବା ଦ୍ୱାରା ଶରୀରରେ ଆନିମାଲ ପ୍ରୋଟିନର ମାତ୍ରା ବଢ଼ିଯାଇଥାଏ। ଯାହା କିଡନୀ ଉପରେ ଖରାପ ପ୍ରଭାବ ପକାଇଥାଏ। ତେଣୁ ସୀମିତ ମାତ୍ରାରେ ମାଂସ ଆହାର କରିବା ଉଚିତ। ସନ୍ତୁଳିତ ଭାବରେ ପରିବା ଏବଂ ଫଳ ଖାଇବା ଅବଶ୍ୟକ।



# ଗାଁ ଗହଳିରେ ରଙ୍ଗର ପସରା

## ହର୍ବାଲ ରଙ୍ଗ ସହ ମୁଖା, ପୁଷ୍ପା ହାତୁଡି, ତ୍ରିଶୂଳ,ପିଚିକାରି ପିଲାଙ୍କ ପସନ୍ଦ



**କାକଟପୁର/ଅସ୍ତରଙ୍ଗ,୨।୩ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବଜାର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ରେ ଖୋଲିଯାଇଛି ରଙ୍ଗର ପସରା। ହୋଲିରେ ରଙ୍ଗ ଖେଳାଯାଉଥିଲେ ବି ତାହାର ଦୁଇ ୩ ଦିନ ଆଗରୁ ବିଭିନ୍ନ ଅନୁଷ୍ଠାନ, ସ୍କୁଲ, କଲେଜ ରେ ରଙ୍ଗ ଖେଳିବା ଧାରା କିଛି ବର୍ଷ ହେବ ଆରମ୍ଭ ହୋଇଛି। ଯେହେତୁ ହୋଲିରେ ଛୁଟି ପଡେ ତେଣୁ ବନ୍ଧୁ ମାନଙ୍କ ସହ ଆଗୁଆ ରଙ୍ଗୀନ ହେବାର ସୁଯୋଗକୁ କେହି ହାତ ଛଡା କରନ୍ତି ନାହିଁ। ଏଭଳି ଧାରା କୁ ନଜରରେ ରଖି ଦୋକାନୀ ମାନେ ଆଗୁଆ ରଙ୍ଗ ବିକ୍ରି ଆରମ୍ଭ କରିଦେଇଛନ୍ତି। ହଳଦୀ, ନାଲି, ନୀଳ, ବାଇଗଣୀ, ଗୋଲାପୀ ସବୁଜ ପରି ଅନେକ ରଙ୍ଗରେ ନିଜ ଦୋକାନ ଭର୍ତ୍ତି କରିସାରିଲେଣି। ଫଗୁ ଅଥବା ଅବିର କିଲୋ ପିଛା ୧୫୦ଟଙ୍କା ରୁ ୩୦୦ଟଙ୍କା ଥିବା ବେଳେ ଟୋପି, ପିଚ କାରି, ବିଭିନ୍ନ ଧରଣର ମୁଖା, ପୁଷ୍ପା ତ୍ରିଶୂଳ, ହାତୁଡି କୁନି କୁନି ପିଲାଙ୍କ ଆକୃଷ୍ଟ କରୁଛି।

ଏବର ଯୁବପିଢ଼ି ନିଜ ଶରୀର ଓ ତ୍ୱଚାକୁ ନେଇ ସଚେତନ ଥିବାରୁ ବଜାର ରୁ ରାସାୟନିକ ରଙ୍ଗ ବଦଳରେ ହର୍ବାଲ ରଙ୍ଗ କିଣୁଛନ୍ତି। ତେଣୁ ବ୍ୟବସାୟୀ ବହୁତ ପରିମାଣରେ ହର୍ବାଲ ରଙ୍ଗ ବିକ୍ରି କରୁଛନ୍ତି। ଏହା ସହିତ ହୋଲିର କୁପ୍ରଭାବରୁ ଆଖି ଓ ମୁହଁକୁ ରକ୍ଷା କରିବା ପାଇଁ ବଜାରରେ ବିଭିନ୍ନ ପ୍ରକାର ମୁଖା ମିଳୁଛି। ଏହାର ଦାମ୍ ୩୦ଟଙ୍କା ରୁ ଆରମ୍ଭ ହୋଇ ୫ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ଛୋଟ ପିଲାଙ୍କ ଡୋରମେନ ବନ୍ଧୁକ, ରଙ୍ଗ ଥିବା ବଲବ, ମଧ୍ୟ ବେଶ ଚାହିଦା ରହିଛି। ପାଗ ଭଲ ଥିବାରୁ ଭଲ ବ୍ୟବସାୟ ହେବ ବୋଲି ଆଶା ରଖିଛନ୍ତି ବ୍ୟବସାୟୀ।

# ରୋଜଗାର ଦେଉଛି ସୂର୍ଯ୍ୟମୁଖୀ ଚାଷ



**କଳାହାଣ୍ଡି,୨।୩ (ସଂଚାର ବ୍ୟୁରୋ):** ବର୍ତ୍ତମାନ ସମୟରେ ତେଲ କିଣି ଖାଇବା ବଡ଼ କଷ୍ଟକର ହୋଇପଡୁଛି। ଦରଦାମ ଯେମିତି ବଢୁଛି ବାଧ୍ୟ ହୋଇ ତୈଳବୀଜ ଫସଲ ଚାଷ କରି ଖାଇବା ତେଲ ଉତ୍ପାଦନ କରିବାକୁ ଚାଷୀଙ୍କ ଆଗ୍ରହ ପ୍ରକାଶ ପାଉଛି। ବିଶେଷକରି ତୈଳବୀଜ ଚାଷ ମଧ୍ୟରେ ସୂର୍ଯ୍ୟମୁଖୀ ଚାଷ ଅନ୍ୟତମ । କାରଣ ଏହି ଚାଷ ଚାଷୀଙ୍କୁ ରୋଜଗାର ସହିତ ସ୍ୱାବଲମ୍ବୀ କରୁଛି । ରାଜ୍ୟ ସରକାରଙ୍କ ପ୍ରୟାସ ଫଳରେ ଅନେକ ଆନିକଟ୍, କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ପ୍ରକଳ୍ପ, ଗଭୀର ନଳକୂପ ଖନନ, ଉଠାଜଳସେଚନ, ଇନ୍ଦ୍ରାବତୀ କେନାଲ ମାଧ୍ୟମରେ ହଜାର ହଜାର ହେକ୍ଟର ଜମିରେ ଜଳସେଚନ ସୁବିଧା ହୋଇପାରିଛି ।

ଏସବୁ ଜମିରେ ଖରିଫ ଧାନ ଉତ୍ପାଦନରେ ସହାୟକ ହେଉଛି । ଅନ୍ୟ ପକ୍ଷରେ ଶୁଷ୍କ ଜମି ମାନଙ୍କରେ ଜଳସେଚନ ସୁବିଧା ନଥିବାରୁ ଆଗରୁ ଚାଷୀ କେବଳ ଧାନଚାଷ କରୁଥିଲେ। ଜଳସେଚନ ସୁବିଧା ବିଭିନ୍ନ ଫସଲ ଉତ୍ପାଦନ କରିବାକୁ ସୁଯୋଗ ସୃଷ୍ଟି କରିଛି। ଚାଷୀଙ୍କ ଅର୍ଥନୈତିକ ପ୍ରଗତି ଓ ଦରଦାମ ବୃଦ୍ଧି ପାଇଁ ତୈଳବୀଜ ସୂର୍ଯ୍ୟମୁଖୀ ଚାଷକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଏହିକ୍ରମରେ ଚଳିତବର୍ଷ ଚାଷୀମାନଙ୍କ ଅଣଜଳସେଚିତ ଚାଷ ଜମିମାନଙ୍କରେ ଚାଷୀଦୁଇ ପଇସା ରୋଜଗାର ସହ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ସ୍ୱାବଲମ୍ବୀ ହୋଇ ଲାଭବାନ ହେବାର ଲକ୍ଷ୍ୟ ରଖିଛନ୍ତି । ଗୋଷ୍ଠୀ କୃଷି ଅଧିକାରୀଙ୍କ ସୂଚନା ଅନୁସାରେ ଚାଷୀମାନେ ହେକ୍ଟର ହେକ୍ଟର ଜମିରେ ଏହି ସୂର୍ଯ୍ୟମୁଖୀ ଚାଷ କରି ଆସୁଥିଲେ । ବର୍ତ୍ତମାନ ସରକାର କୃଷି ବିଭାଗ ତୈଳବୀଳ ସୂର୍ଯ୍ୟମୁଖୀ ଚାଷ ଆରମ୍ଭ କରି ଚାଷ କରୁଛନ୍ତି । ଏହି ଚାଷ ଅମଳ ଅଧିକସହ ଫସଲ ଉତ୍ତମ ଓ ଉନ୍ନତମାନର ହେଉଛି । ଏହାସହ ବୈଷୟିକ ସହାୟତା ଓ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଉଥିବାରୁ ଚାଷୀମାନେ ଉନ୍ନତମାନର ସୂର୍ଯ୍ୟମୁଖି ଚାଷକରି ପାରୁଛନ୍ତି । ଚାଷୀମାନେ ଧାନ ବ୍ୟତୀତ ମକା, ପିଆଜ ଓ ମାଣ୍ଡିଆ ଚାଷରେ ଅନେକ ସଫଳତା ହୋଇ ଲାଭବାନ ହୋଇପାରୁଛନ୍ତି ।

ଏବେ ସୂର୍ଯ୍ୟମୁଖୀ ଚାଷ ପାଇଁ ସରକାରୀ ପ୍ରୋତ୍ସାହନ ସହ ରୋଗପୋକର ଭୟ ନଥିବା ଓ ଅନ୍ୟାନ୍ୟ ଚାଷ ଅପେକ୍ଷା ଏହି ସୂର୍ଯ୍ୟମୁଖୀ ଚାଷ ଅଧିକ ଅର୍ଥକାରୀ ଫସଲ ହୋଇଥିବାରୁ ଚାଷୀ ଆଗ୍ରହ ବଢାଇ ବିଶେଷ ଲାଭବାନ ହେବାର ଲକ୍ଷ୍ୟ ରଖିବା ଜଣାପଡ଼ିଛି। ବର୍ତ୍ତମାନ ରାଜ୍ୟରେ ଖାଦ୍ୟ ଦରଦାମ ଯେଉଁ ଭଳି ଭାବରେ ବଢିବଢ଼ି ଚାଲିଛି । ତାହାକୁ ଦୃଷ୍ଟିରେ ରଖୁ ଏହି ସୂର୍ଯ୍ୟମୁଖୀ ଚାଷ କଲେ ପରିବାର ଚଳିବା ସହ ଦୁଇ ପଇସା ରୋଜଗାର କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଚାଷୀ ସ୍ୱାବଲମ୍ବୀ ହେଉଥିବା ଦେଖାଦେଉଛି ।

# ପରମପାଙ୍ଗା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପାନୀୟ ଜଳ ବ୍ୟବସ୍ଥା ନାହିଁ




**କନ୍ଧମାଳ,୨।୩ (ସଂଚାର ବ୍ୟୁରୋ):** ସରକାର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସମସ୍ତ ସୁବିଧା କରିଥିଲେ ମଧ୍ୟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରମପାଙ୍ଗା ଆଶ୍ରମ ଅନ୍ତେବାସୀ ନାଳ ପାଣିରେ ଗାଧାଉଛନ୍ତି, ଅନ୍ୟ ପଟେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ନୀରବ ଦ୍ରଷ୍ଟା ରହୁଚି , ଶିକ୍ଷା ବିଭାଗୀୟର କର୍ମଚାରୀ ମାନେ ଛାତ୍ର ଛାତ୍ରୀ ମାନଙ୍କ ଦାୟିତ୍ୱ ନେବା ଭୁଲିଯାଉଛନ୍ତି କି ? ହଁ ଆଜ୍ଞା ଏହି ଦୃଶ୍ୟ ଦେଖିବାକୁ ମିଳିଚି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ପରମପାଙ୍ଗା ଗ୍ରାମ ପଞ୍ଚାୟତର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଆଶ୍ରମର ଅନ୍ତେବାସୀ ଛାତ୍ର ଛାତ୍ରୀ ଆଜି ଦିନ ୧୨ ଘଣ୍ଟା ସମୟରେ କିପରି ଡେଇ ଡେଇ ପାଣି ଗାଧାଉଛନ୍ତି ।

ଏଥିରେ ଗୋଟେ ପ୍ରଶ୍ନ ଆଶ୍ରମରେ ପାଣି ନାହିଁ ନା ପାଣି ଥାଇମଧ୍ୟ ଛାତ୍ରଛାତ୍ରୀଙ୍କୁ ଡେମକୁ ଯାଇ ସଫା ସୁତ୍ରା କରିବା ସହିତ ଗାଧୋଇବାକୁ କୁହାଯାଉଛି ଏହି ବିଷୟ ନେଇ ପ୍ରଧାନ ଶିକ୍ଷତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରଧାନ ଶିକ୍ଷୟତ୍ରୀ ଉତ୍ତର ରଖି ନାହାନ୍ତି କାରଣ କଣ, ଆଜ୍ଞା ଦେଖନ୍ତୁ ଏହି ଭିଡ଼ିଓ କିପରି ଡେଉଛନ୍ତି ଛାତ୍ର ଛାତ୍ରୀ ମାନେ ପ୍ରଥମ କଥା ହେଲା ଛାତ୍ରଛାତ୍ରୀଙ୍କ ସହିତ ଆଶ୍ରମର ଦାୟିତ୍ୱରେ ଥିବା ଯେକୌଣସି କର୍ମଚାରୀ ଯିବା କଥା କିନ୍ତୁ କିଏ ମଧ୍ୟ ଯାଇ ନାହାନ୍ତି, ତାହା ବଡ଼ ପ୍ରଶ୍ନ ଯଦି ଛାତ୍ରଛାତ୍ରୀଙ୍କର କୌଣସି ସମସ୍ୟା ହେଇ ଥିଲେ ଦାୟୀ କିଏ, ସରକାର କି ବିଦ୍ୟାଳୟର କର୍ମଚାରୀ, ପିତା ମାତା।

# କାନ୍ଧ ଦେଲେନି ଜାତିଭାଇ, ଶେଷ ସାହା ହେଲେ ଶ୍ମଶାନ ବନ୍ଧୁ



**ସୁନ୍ଦରଗଡ଼,୨।୩ (ସଂଚାର ବ୍ୟୁରୋ):** ୭୦ ବର୍ଷୀୟ ବୃଦ୍ଧା ବାସନ୍ତି ଭୋଇ, ନିଜର ବାହାଘର ପରେ ସ୍ୱାମୀଙ୍କ ସହିତ ମନମାଳିନ୍ଯ ପରେ ବାପଘରକୁ ଚାଲି ଆସିଥିଲେ। ବାପଘରେ ରହିବା ସମୟରେ ଅନ୍ୟ ଏକ ଜାତିର ପୁରୁଷ ସହିତ ରହିଥିଲେ କିଛିଦିନ, ତା'ପରେ ଚାଲି ଆସି ଟାଉନ ଥାନା ଅନ୍ତର୍ଗତ କେନ୍ଦୁପଡା ଠାରେ ଆଶ୍ରିତ ହୋଇ ଏକ ସମ୍ପର୍କୀୟଙ୍କ ଘରେ ରହି ଆସୁଥିଲେ। ତାଙ୍କର ପରଲୋକ ପରେ ଜାତିଭାଇ କାନ୍ଧ ଦେବେନି ବୋଲି ଆଗରୁ ଜାଣିଥିଲେ,ତେଣୁ ସାହିବାସିନ୍ଦା ଓ ପାଖ ପଡୋଶୀଙ୍କୁ କହି ରଖିଥିଲେ ପରଲୋକ ପରେ ଶେଷକୃତ କରିଦେବା ସକାସେ। କିଡନୀ ଜନିତ ରୋଗରେ ପିଡିତ ବାସନ୍ତିଙ୍କ ପରଲୋକ ଘଟିଥିଲା, କିନ୍ତୁ ଜାତି ବାସନ୍ଦ ଭୟରେ ପାଖ ପଡୋଶୀ ସମ୍ପର୍କିୟ କେହି ପାଖ ମାଡିନଥିଲେ ।

ତାଙ୍କର ଏକ ସମ୍ପର୍କୀୟ ପୁତୁରା ଓ ଝିଆରୀଙ୍କ ଇଛା ଥିବା ସତ୍ୱେ ଜାତିଭାଇଙ୍କ ବାରଣ ପରେ ଶେଷକୃତ ସକାସେ ଟିମ ଶ୍ମଶାନ ବନ୍ଧୁର ସଦସ୍ଯ ମାନଙ୍କ ସହଯୋଗ ଲୋଡିଥିଲେ। ଟିମ ସଦସ୍ଯ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ, ଶିଶିର କୁମାର ବେହେରା, ଟିଣ୍ଟୁ ରକ୍ସା, ଦେବେନ ସାହୁ କେନ୍ଦୁପଡାରୁ ଶବ ଆଣିବା ସହିତ ସୁନ୍ଦରଗଡ ସ୍ୱର୍ଗଦ୍ୱାର ଠାରେ ଶେଷକୃତ ସମ୍ପନ୍ନ କରିଥିଲେ। ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ ତରଫରୁ ଶବସଂସ୍କାର ସକାଶେ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ସୁନ୍ଦରଗଡ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇ ଥିବା ବେଳେ ଜାତି ବାସନ୍ଦ କୁସଂସ୍କାର ସବୁଠାରୁ ଅଧିକ ଚିନ୍ତାଜନକ, ଏପରିକି କାହାରି ଅପମୃତ୍ୟୁ ଘଟିଲାପରେ ଶବ ବ୍ୟବଛେଦ ପରେ ମଧ୍ୟ ଶବ ଛୁଇଁବାକୁ କୁଣ୍ଠାବୋଧ କରୁଛନ୍ତି।

# ହୋଲି ପାଇଁ ହିଞ୍ଜିଳି ସହର ଚଳଚଞ୍ଚଳ

**ହିଞ୍ଜିଳିକାଟୁ ,୨।୩ (ସଂଚାର ବ୍ୟୁରୋ):** ଆଜି ଦୋଳ ପୂର୍ଣ୍ଣିମା ,କାଲିକି ରଙ୍ଗର ପର୍ବ ହୋଲି । ସେଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ହିଞ୍ଜିଳିକାଟୁ ସହର । ରଙ୍ଗ ଦୋକାନ ,ପୋଷାକ ଦୋକାନ ଓ ମିଠା ଦୋକାନରେ ସ୍ୱତନ୍ତ୍ର ଆୟୋଜନ କରାଯାଇଛି । ସେଇପରି ହୋଲିକୁ ଆହୁରି ରଙ୍ଗୀନ କରିବା ପାଇଁ ଡିଜେ ସାଉଣ୍ଡ ମଧ୍ୟ କିଛି କିଛି ଜାଗାରେ ବୁକିଂ କରାଯାଇଛି । ହୋଲି ପାଇଁ ସହରର ପ୍ରମୁଖ ଛକ ଓ ବଜାର ଗୁଡ଼ିକରେ ରଙ୍ଗ ଅବିର ଦୋକାନ ଖୋଲିଛି । ସେଠାରେ ବିଭିନ୍ନ ପ୍ରକାର ରଙ୍ଗ , ହାପି ହୋଲି ଲେଖାଥିବା ଟି -ସାର୍ଟ , ଟୋପି , ବିଭିନ୍ନ ମୁଖା ଓ ପିଚକାରୀ ଆଦି ବିକ୍ରି ହେଉଛି । ତେବେ ସବୁ ଦୋକାନ ଗୁଡ଼ିକରେ ଫଗୁ ରଙ୍ଗ ଉପରେ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ରସାୟନଯୁକ୍ତ ରଙ୍ଗ ବିକ୍ରି ହେଉନଥିବା ଦେଖିବାକୁ ମିଳୁଛି । ୧୦ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ଫଗୁ ପ୍ୟାକେଟ କରାଯାଇ ବିକ୍ରି କରାଯାଉଛି । ରାତି ପହିଲେ ହୋଲି ପର୍ବ ତେଣୁ ଦୋକାନ ମାନଙ୍କରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି ।

# ୪୮ ବାଳିକାଙ୍କୁ ଏଚପିଭି ଟୀକା ପ୍ରଦାନ



**ବୋରିଗୁମ୍ମା,୨।୩ (ସଂଚାର ବ୍ୟୁରୋ):** ଗତ ୨୮ ତାରିଖ ଦିନ ଭାରତ ର ଯଶସ୍ୱି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜରାୟୁ କ୍ୟାନ୍ସର ର ପ୍ରତିଷେଧକ ଟୀକା (ଏଚ. ପି. ଭି) ଟୀକାକରଣ ର ଶୁଭାରମ୍ଭ କରିଥିଲେ। ଆଜି ସ୍ଥାନୀୟ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଏହି ଏଚ. ପି. ଭି ଟୀକାକରଣ ର ଶୁଭାରମ୍ଭ ହୋଇ ଯାଇଅଛି। ଏହି ଟୀକା ଜରାୟୁ କ୍ୟାନ୍ସର ର ପ୍ରତିଷେଧକ ରୂପେ କାର୍ଯ୍ୟ କରିବ। ଏହି ଟୀକାକରଣ କାର୍ଯ୍ୟକ୍ରମ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ସ୍ତ୍ରୀ ଓ ପ୍ରସୂତି ବିଭାଗ ର ଡାକ୍ତର ପ୍ରବୀଣ କୁମାର ଦାଶ ଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା। ସମୁଦାୟ ୪୮ ଜଣ ଚଉଦ ବର୍ଷର ବାଳିକା ମାନେ ଆଜି ଏହି ଏଚ. ପି. ଭି ଟୀକା ନେଇଥିଲେ। ଆଜିର ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀକାନ୍ତ କୁମାର ଶତପଥୀ, ବି.ପି. ମ୍ ସସ୍ମିତା ତ୍ରିପାଠୀ, ଦମୟନ୍ତୀ ମୁଦୁଲି, ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଏବଂ ଶ୍ରୀନିବାସ ରାଓ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ର ମହିଳା ସ୍ୱାସ୍ଥ୍ୟ କର୍ମୀ ଗୀତାଞ୍ଜଳି ଚୌଧୁରୀ, ପଦ୍ମିନୀ ବାଘ, ରିନା ବେହେରା ଓ ସରୋଜିନୀ ଦାଶ ଟୀକାକରଣ ପ୍ରଦାନ କରିବାରେ ନିୟୋଜିତ ଥିଲେ। ଆଗାମୀ ଦିନରେ ଅନ୍ୟାନ୍ୟ ଉପଯୁକ୍ତ ୧୪ ବର୍ଷୀୟା ବାଳିକା ମାନଙ୍କୁ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରଦାନ କରାଯିବ ବୋଲି ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀକାନ୍ତ ଶତପଥୀ ସୂଚନା ପ୍ରଦାନ କରିଛନ୍ତି।

# ଲେଫ୍ରିପଡ଼ା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



**ସୁନ୍ଦରଗଡ଼,୨।୩ (ସଂଚାର ବ୍ୟୁରୋ):** ଲେଫ୍ରିପଡା ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତ୍ ପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୭୬ ଗୋଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୨୫ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୫୧ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ଦୁଇ ଗୋଟି ଅଭିଯୋଗ ର ତତ୍କ୍ଷଣାତ ସମାଧାନ କରାଯାଇଥିଲା।

ଆଜିର ଏହି ଅଭିଯୋଗ ଶୁଣାଣି ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂରଜ କୁମାର ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ଜିଲ୍ଲାସ୍ତରୀୟ ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ




**ସୁନ୍ଦରଗଡ଼,୨।୩ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ୱିଙ୍ଗରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭବାନି ଶଙ୍କର ଭୋଇ ଓଡ଼ିଶା ବିଧାନସଭାର ମାନ୍ୟବର ଉପବାଷ୍ପତି ପସ୍ଥିତଥିଲେ। ସେ ତାଙ୍କ ଅଭିଭାଷଣରେ ସର୍ଭାଇକାଲ୍କ୍ୟାନ୍ସର ପ୍ରତିରୋଧରେ ଏଚ୍‌ପିଭି ଟିକାର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ ଏବଂ କିଶୋରୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏହି ପଦକ୍ଷେପ କୁ ସ୍ୱାଗତ କରିଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଡା. ସୁରେଶଚ. ମହାନ୍ତି, ମୁଖ୍ୟଜିଲ୍ଲାଚିକିତ୍ସା ଓ ଜନ ସ୍ୱାସ୍ଥ୍ୟଅଧିକାରୀ; ଡା. ପ୍ରଦୀପ କୁମାର ପ୍ରସାଦ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାରକଲ୍ୟାଣ); ଡା. ଶିବାଶିଷମହାରଣା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ; ଡା. ଅମରଦାସ, ଜିଲ୍ଲାଚିକିତ୍ସା ଅଧିକାରୀ (ଏମ୍ଏସ୍) କମ୍ ସୁପରିଣ୍ଟେଣ୍ଡେଣ୍ଟ; ଶ୍ରୀ ବିଶ୍ୱମ୍ବର ବେହେରା, ଡିପିଏମ୍, ଏନ୍ଏଚ୍ଏମ୍; ଶ୍ରୀ ଅଶୋକସାହୁ, ଡିଏମ୍ଆର୍ସିଏଚ୍; ଏବଂ ଶ୍ରୀ ରଜନୀକାନ୍ତମହାନ୍ତ, ଏଏମ୍-ସିପି ଉପସ୍ଥିତ ଥିଲେ। ସମସ୍ତେ କାର୍ଯ୍ୟକ୍ରମର ସଫଳତା ପାଇଁ ସମୁଦାୟ ସଚେତନତା ଓ ସହଯୋଗର ଆବଶ୍ୟକତା ଉଲ୍ଲେଖ କରିଥିଲେ।

## ମାତୃ ସମ୍ମିଳନୀ ଓ ବାର୍ଷିକ ଉତ୍ସବ

# କାନରେ ନୁହେଁ, ମନଦେଇ ଶୁଣିବା



**ଗରଦପୁର,୨।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ହରିଦାସପୁର ଠାରେ ଗଢି ଉଠିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାତୃ ସମ୍ମିଳନୀ ଓ ବାର୍ଷିକ ଉତ୍ସବ ବହୁ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏବିଓ ଶ୍ରୀଯୁକ୍ତ ଗତିକୃଷ୍ଣ ଦାସ ଯୋଗଦେଇ ଉପସ୍ଥିତ ଥିବା ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ମହତ ଉପଦେଶ ଦେଇଥିଲେ। ଏହି ବାର୍ଷିକ ଉତ୍ସବ ସଭାରେ ମୁଖ୍ୟ ବକ୍ତା ସିଆରସୀ ଶ୍ରୀଯୁକ୍ତ ରତ୍ନାକର ମାହାଳି ସଭା ମଣ୍ଡନ କରୁଥିବା ବେଳେ ମଞ୍ଚରେ ଚିତ୍ତରଞ୍ଜନ ଚୌଧୁରୀ ସଭାରେ ସଭାପତିତ୍ୱ କରି ସଭା ପରିଚାଳନା କରିଥିଲେ।ଯୋଗଦେଇଥିବା ଉପସ୍ଥିତ ଥିବା କୁନି କୁନି ଛାତ୍ର ଛାତ୍ରୀ ଓ ଆସିଥିବା ସମସ୍ତ ମାଆ ମାନଙ୍କୁ ପିଲାଙ୍କ ପ୍ରତି ଯତ୍ନବାନ ହୋଇ ମୋବାଇଲ ଠାରୁ ପିଲାଙ୍କୁ ଦୁରେଇ ରଖି ପାଠ ପଢା ପ୍ରତି କିଭଳି ସେମାନେ ମନ ବଳାଇବେ ସେଥି ପ୍ରତି ଧ୍ୟାନ ଦେବା ନିତ୍ୟାନ୍ତ ଜରୁରୀ ବୋଲି ସଭିଙ୍କୁ ଉପଦେଶ ଦେଇଥିଲେ ଆସିଥିବା ଅତିଥି ମାନେ। ପରେ ପରେ ସେହି ସଭା ମଞ୍ଚ ଉପରୁ ସଭିଙ୍କ ଅବଗତି ନିମନ୍ତେ ସର୍ବ ସାଧାରଣ ମାନଙ୍କୁ ବିଦ୍ୟାଳୟ ସରକାରଙ୍କ ନିୟମ ସର୍ବ ସମ୍ମୁଖରେ ଜଣେଇଥିଲେ । ଆମ୍ଭସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ହରିଦାସପୁର, ଶିକ୍ଷାବର୍ଷ । ଏହି ଉତ୍ସବରେ ବିଦ୍ୟାଳୟର କୁନି କୁନି କଳାକାର ମାନଙ୍କ ଦ୍ୱାରା ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ସଭିଙ୍କ ପାଇଁ ରାତ୍ରି ଭୋଜନର ବ୍ୟବସ୍ଥା କରାଯାଇଥିଲା।

# କ୍ରସର ବନ୍ଦ ପାଇଁ ପ୍ରଦୂଷଣ ବୋର୍ଡର ନୋଟିସ୍



**ନୀଳଗିରି,୨।୩ (ସଂଚାର ବ୍ୟୁରୋ):** ନୀଳଗିରି ଅଞ୍ଚଳରେ ଚାଲୁଥିବା ଏକ ଷ୍ଟୋନ୍ କ୍ରସର୍ ୟୁନିଟ୍‌କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବନ୍ଦ ପାଇଁ ନୋଟିସ କରାଯାଇଛି। ପିଏଣ୍ଡସିପି ଆକ୍ଟ ୧୯୮୧ ଆଇନ ମୂଳେ ପରିବେଶ ନିୟମ ଉଲଂଘନ ଅଭିଯୋଗରେ କ୍ରସର ୟୁନିଟ କୁ ବନ୍ଦ ପାଇଁ ପ୍ରଦୂଷଣ ବୋର୍ଡ ଚିଠି ନମ୍ବର ୭୭୧, ତା,୨୭/୨/୨୬ରିଖ ରେ ନୀଳଗିରି ତହସିଲଦାର ନୋଟିସ୍ ଜାରି କରିଥିବା ସୂଚନା ମିଳିଛି।

ସୂଚନା ଯୋଗ୍ୟ ନୀଳଗିରି ତହସିଲି ଅଧିନସ୍ଥ ମାଲ୍ୟାଣୀଗ୍ରାମର ଥିବା କ୍ରସର ୟୁନିଟ୍‌କୁ ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ୨ ଲକ୍ଷ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ପଥର ଚିପ୍ସ ଉତ୍ପାଦନ ପାଇଁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଅନୁମତି ଦିଆଯାଇଥିଲା। ୯ ଜାନୁଆରି ୨୦୨୬ ତାରିଖରେ ବୋର୍ଡର ଅଧିକାରୀମାନେ ଏହି ୟୁନିଟ୍‌ର ନିରୀକ୍ଷଣ କରିଥିଲେ । ନିରୀକ୍ଷଣ ସମୟରେ ୟୁନିଟ୍ ପକ୍ଷରୁ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ସମ୍ବନ୍ଧୀୟ ନିୟମକୁ ଗୁରୁତର ଭାବେ ଉଲଂଘନ କରାଯାଇଥିବା ଚିହ୍ନଟ ହୋଇଥିଲା। ଏହା ପରେ ବୋର୍ଡ ପକ୍ଷରୁ କ୍ରସର ୟୁନିଟ୍ ମାଲିକଙ୍କୁ ୧୫ ଦିନ ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ନୋଟିସ୍‌ରେ କୁହାଯାଇଥିଲା ଯେ, ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ସନ୍ତୋଷଜନକ ଉତ୍ତର ମିଳିବ ନାହିଁ, ତେବେ ୟୁନିଟ୍‌ର ଅନୁମତି ରଦ୍ଦ କରାଯିବା ସହ ଏହାକୁ ବନ୍ଦ କରିବା ପାଇଁ ଆଇନ ଅନୁସାରେ ପଦକ୍ଷେପ ନିଆଯିବ, ସେଥିପାଇଁ ୟୁନିଟ୍ ମାଲିକଙ୍କୁ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଶୁଣାଣି ପାଇଁ ଉପସ୍ଥିତ ହେବାକୁ ମଧ୍ୟ କୁହାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ କ୍ରସର ଦ୍ୱାରା ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ନୋଟିସ୍ ପରେ ଅଞ୍ଚଳରେ ପରିବେଶ ସୁରକ୍ଷା ନେଇ ପୁଣିଥରେ ଚର୍ଚ୍ଚା ବଢ଼ିଥିଲା। ଚୁକ୍ତିଭଙ୍ଗ ସାବ୍ୟସ୍ତ ହେବା ପରେ ଷ୍ଟୋନ୍ କ୍ରସର ବନ୍ଦ ପାଇଁ ମାଲିକଙ୍କୁ ପ୍ରଦୂଷଣ ବୋର୍ଡ଼ ଚିଠି କରାଯାଇଥିବା ଜଣାପଡିଛି। ଘଟଣା ସମ୍ପର୍କରେ କ୍ରସର ମାଲିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନୋଟିସ୍ ପାଇ ନଥିବା କହିଛନ୍ତି।

# ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ



**କେନ୍ଦ୍ରାପଡ଼ା,୨।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ନବମ ବାର୍ଷିକ ଉତ୍ସବ ଗୁପ୍ତ କ୍ଷେତ୍ର ସଖୀବଟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ

ସମାଜରେ ଭାଙ୍ଗି ଯାଉଥିବା ଯୌଥ ପରିବାରକୁ ପୁନଶ୍ଚ ଯୋଡ଼ିବାର ପ୍ରୟାସ କରି ଜିଲ୍ଲାର ବଛା ବଛା ଯୌଥ ପରିବାରଙ୍କୁ ମଞ୍ଚରେ ଟ୍ରଷ୍ଟ ତରଫରୁ ସମ୍ମାନିତ କରାଯାଇଥିଲା। ଯୌଥ ପରିବାରର ସୁରକ୍ଷା ଉଦ୍ଦେଶ୍ୟ ରେ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବଳଦେବଙ୍କ ବଡ଼ପଣ୍ଡା କେଶବ ଚନ୍ଦ୍ର ପତ୍ରି, ରାଷ୍ଟ୍ରପତି/ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତି, ବିନୋଦ ମହାନ୍ତି,ସୁଲେଖକ ତଥା ନାଟ୍ୟକାର ଅଜୟ କୁମାର ଜେନା, ଖଣ୍ଡଗିରି ର ଭାଇରାଲ ବାବା ଅସିତ୍ ଜେନା, ବ୍ରଜ କିଶୋର ସାହୁ, ମାହାଳ ଜଗନ୍ନାଥ ମନ୍ଦିରର ଦେବଦାସୀ ମୋହିନୀ ମା, ତୁଳସୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପିକା ଶାନ୍ତି ମା ଓ ରାଜ୍ୟ ମହିଳା କମିଶନର ସଦସ୍ୟା ପ୍ରତିଭା ଶତପଥୀ ଅତିଥି ଆସନ ଅଳଙ୍କୃତ କରିଥିଲେ। ଅତିଥି ମାନଙ୍କୁ ବଳଦେବ ଙ୍କ ଫଟ ଚିତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ତରୁଣ ତବଲା ବାଦକ ନିହାରଙ୍କ ଏକଲବ୍ୟ ସମ୍ମାନ, ଗୌରାଙ୍ଗ ନାୟକଙ୍କୁ ପଲ୍ଲୀଶ୍ରୀ ପ୍ରତିଭା ସମ୍ମାନ ଓ ଆଠଗୋଟି ଯୌଥ ପରିବାରକୁ ସମ୍ବର୍ଦ୍ଧନା କରାଯାଇଥିଲା।

# ଜିଲ୍ଲାସ୍ତରୀୟ ଅଂଶୁଘାତ ମୁକାବିଲା ପ୍ରସ୍ତୁତି ବୈଠକ




**ଯାଜପୁର ଟାଉନ୍,୨।୩ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତ ମୁକାବିଲା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀମାନେ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗ୍ରାମୀଣ ଜଳ ଓ ପରିମଳ ଡିଭିଜନ ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ, ପ୍ରତ୍ୟେକ ବ୍ଲକ୍ ଓ ତହସିଲରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରହିବ। ସମସ୍ତ ଅଚଳ ନଳକୂପର ମରାମତି ସହିତ ପାଇପ ୱାଟର ସପ୍ଲାଏ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ବ୍ଲକ୍ ପ୍ରଶାସନ, ଜନସ୍ୱାସ୍ଥ୍ୟ ବିଭାଗ ଓ ପୌର ପ୍ରଶାସନ ପାନୀୟ ଜଳ ଯୋଗାଣ ପାଇଁ ତତ୍ପର ହେବା ସହ ଅଚଳ ନଳକୂପ ଓ ପାଇପ ଲାଇନ୍ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ଅଧିକ ସଂଖ୍ୟକ ଟ୍ୟାଙ୍କର ଯୋଗାଡ଼ କରି ରଖିବା ସହ ଜଳ ସମ୍ପର୍କିତ ଯେଭଳି କୌଣସି ଅଭିଯୋଗ ନ ଆସେ ସେଥି ପ୍ରତି ଧ୍ୟାନ ଦେବାକୁ ଆଲୋଚନା ହୋଇଛି। ଜଳକ୍ଲିଷ୍ଟ ଅଂଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇବାକୁ ପାନୀୟ ଜଳଯୋଗଣ ଓ ପରିମଳ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ଶିବାନନ୍ଦ ସ୍ୱାଇଁ ଲୋକମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ ଜନ ଗହଳିପୂର୍ଣ୍ଣ ସ୍ଥାନ ଓ କାର୍ଯ୍ୟାଳୟମାନଙ୍କରେ ଅଂଶୁଘାତ ସଚେତନତା ସମ୍ପର୍କିତ ବ୍ୟାନର, ହୋର୍ଡିଂ, ପୋଷ୍ଟର ଇତ୍ୟାଦି ଲଗାଯିବା ସାମାଜିକ ଗଣମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବା, ଲୋକମାନେ ପ୍ରଚଣ୍ଡ ଖରାରେ ଅତି ଆବଶ୍ୟକ ନହେଲେ ବାହାରକୁ ନ ବାହାରିବା, ବାହାରକୁ ବାହାରୁଥିଲେ ପାଣି ବୋତଲ, ଛତା, ଜୋତା, କଳା ଚଷମା ଇତ୍ୟାଦି ବ୍ୟବହାର କରିବା ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଜଳଛତ୍ରରେ ରଖାଯାଇଥିବା ପାଣିକୁ ବିଶୁଦ୍ଧ ଭାବେ ରଖିବା, ଜନ ଗହଳିପୂର୍ଣ୍ଣ ସ୍ଥାନରେ ଟ୍ୟାଙ୍କ ମାଧ୍ୟମରେ ପାନୀୟ ଜଳ ରଖିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ସେବା ଉପଲବ୍ଧ କରାଇ ନିୟମିତ ଭାବେ ଯାଞ୍ଚ କରି ପଦକ୍ଷେପ ନେବା, ବିଭିନ୍ନ ଜନ ଗହଳି ସ୍ଥାନ ରେ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ବ୍ୟବସ୍ଥା କରିବା ଉପରେ ଆଲୋଚନା ହୋଇଥିଲା।ବ୍ଲକ୍, ତହସିଲ ଓ ଅନ୍ୟାନ୍ୟ ଲାଇନ୍ ଡିପାର୍ଟମେଣ୍ଟ ଅନୁରୂପ ଭାବେ ଭାବେ ନିୟନ୍ତ୍ରଣ କକ୍ଷ ଖୋଲିବା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣରେ ଓ.ଆର.ଏସ ପ୍ୟାକେଟ ସହ ଅଂଶୁଘାତ ଚିକିତ୍ସା କକ୍ଷ ବ୍ୟବସ୍ଥା କରିବା, ବରଫ, ଏସି ରୁମ୍, କୁଲର୍ ବ୍ୟବସ୍ଥା କରିବା, ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ପଶୁମାନଙ୍କ ପାଇଁ ଗାଁ ର ପ୍ରବେଶ ପଥରେ ନଳକୂପ ଥିବା ସ୍ଥାନ ମାନଙ୍କରେ ଜଳ କୁଣ୍ଡର ବ୍ୟବସ୍ଥା କରିବା, କର୍ମସ୍ଥଳରେ ପାନୀୟ ଜଳ, ଓ.ଆର.ଏସ ଇତ୍ୟାଦିର ବ୍ୟବସ୍ଥା କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା।ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରରେ ପାନୀୟ ଜଳ ର ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଜିଲ୍ଲପାଳ ନିର୍ଦ୍ଦେଶ ଦେଇଥିଲେ।

# କେନ୍ଦ୍ର ସମବାୟ ବ୍ୟାଙ୍କର ଅତିରିକ୍ତ ଶାଖାର ନୂତନ ଗୃହ ଉଦଘାଟିତ



**ବାଲିଅନ୍ତା,୨।୩ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ର ଅତିରିକ୍ତ ଶାଖାର ନୂତନ ଗୃହ ଉଦଘାଟିତ ବାଲିଅନ୍ତା ୨/୩: ଆଜି ବାଳକାଟି ଦୁଲ୍ଲାଦେବୀ ମନ୍ଦିର ନିକଟରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନ ବାଳକଟି ଠାରେ ଥିବା ସମବାୟ ବ୍ୟାଙ୍କର ଅତିରିକ୍ତ ଶାଖାର ନୂତନ ଗୃହ ଶୁଭ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବ୍ୟାଙ୍କର ସ୍ଥାୟୀ ସଭାପତି ଅଭିସେକ୍ ସିଂ ସାମନ୍ତ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଫିତା କାଟି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା ପରିଷଦର ସଦସ୍ୟ ବିପିନ୍ ବିହାରୀ ପାତ୍ର, ବାବୁଲି ଛୋଟରାଏ, ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ସାରଥି ସତପଥି,ସହ ପରିଚାଳକ ସନ୍ଦିପ କୁମାର ପଟ୍ଟନାୟକ,ସରକଣା ସେବା ସମବାୟ ସମିତିର ସଭାପତି ସୋମନାଥ ସ୍ୱାଇଁ , ବାଲିଅନ୍ତା ବ୍ୟାଙ୍କର ସାଖା ପରିଚାଳିକା ଶସ୍ମିତା ନାୟକ,ବାଳକାଟି ଶାଖା ପରିଚାଳିକା ଶାଶ୍ୱତୀ ପଟ୍ଟନାୟକ। ବାଲିପାଟଣା ଶାଖା ପରିଚାଳକ ଶକ୍ତି ପ୍ରଶନ୍ନ ଜେନା ,ଏରିଆ ଅଫିସର ରବିନ୍ଦ୍ର କୁମାର ଖଟେଇ ପ୍ରମୁଖ ଯୋଗ ଦେଇଥିଲେ।